R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୧୫

ତିଥି : ନବମୀ

୧୧ ମେ ୨୦୨୬, ସୋମବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 215

11 May 2026, Monday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur

15001/36/2627

सोमनाथ

ସୋମଲିଙ୍ଗମ୍ ନରୋ ଦୃଷ୍ଟ୍ୱା ସର୍ବପାପୈଃ ପ୍ରମୁଚ୍ୟତେ ।
ଲଭତେ ଫଳମ୍, ମନୋବାଞ୍ଛିତମ୍ ମୃତଃ ସ୍ୱର୍ଗ ସମାଶ୍ରୟେତ୍ ॥

# ସୋମନାଥ

## ଐତିହ୍ୟର ୭୫ ବର୍ଷ

ସୋମନାଥ ମନ୍ଦିର ଭାରତର ଅଜେୟ ସଭ୍ୟତାର ପ୍ରତୀକ ।

୧୦୦୦ ବର୍ଷର ବିଧ୍ୱଂସକାରୀ ଆକ୍ରମଣ ସତ୍ତ୍ୱେ ସୋମନାଥ ଆଜି ଆମ ଆତ୍ମସମ୍ମାନ ଓ ସାହସର ଉଦାହରଣ ହୋଇ ଛିଡ଼ା ହୋଇଛି ।

୭୫ ବର୍ଷ ପୂର୍ବେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଂକଳ୍ପ ଦ୍ୱାରା ଆଧୁନିକ ସୋମନାଥର ମାର୍ଗ ପ୍ରଶସ୍ତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଆଜି ଏହି ପବିତ୍ର ଭୂମି ଭାରତର ସାଂସ୍କୃତିକ ପୁନରୁତ୍ଥାନର ଉଦ୍‌ଘୋଷଣା କରୁଛି ।



## ଏହି ସ୍ୱର୍ଣ୍ଣିମ ଅବସରର ସାକ୍ଷୀ ହୁଅନ୍ତୁ ।

### ମୁଖ୍ୟ କାର୍ଯ୍ୟକ୍ରମ

କଳସଯାତ୍ରା | ଭଜନ ସନ୍ଧ୍ୟା | ଓଁକାର ମନ୍ତ୍ରଜପ | ସୋମନାଥ ପୁସ୍ତିକାରେ ମନ୍ତ୍ର ଲିଖନ

ସୋମନାଥ ସହ ଜଡ଼ିତ କଥା-ପ୍ରବଚନ

ଶ୍ରୀ ସୋମନାଥ ମନ୍ଦିର ପରିସର, ପ୍ରଭାସ ପାଟନ | ୮ ରୁ ୧୧ ମଇ, ୨୦୨୬

" ସୋମନାଥ ମନ୍ଦିର ହେଉଛି ଏକ ଆଶାର ଗୀତ ଯାହା ଆମକୁ ଶିକ୍ଷା ଦିଏ ଯେ ସୃଜନର ଶକ୍ତି ବିନାଶ ଅପେକ୍ଷା ଅଧିକ ଶକ୍ତିଶାଳୀ । "

- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ (ଅଧ୍ୟକ୍ଷ, ଶ୍ରୀ ସୋମନାଥ ଟ୍ରଷ୍ଟ)

ସ୍କାନ୍ କରନ୍ତୁ

ସୋମନାଥ ମନ୍ଦିରର ଦିବ୍ୟତା ଏବଂ ଭବ୍ୟତାରେ ଯୋଗ ଦିଅନ୍ତୁ ଏବଂ ଏହାର ଗୌରବମୟ ଇତିହାସର ଅଂଶ ହୁଅନ୍ତୁ ।

OIPR: 15001/15001/2/26-27/0036

## ନିଆରା ପରମ୍ପରା

ଜାପାନର ରାଜଧାନୀ ଟୋକିଓସ୍ଥିତ କିବା ପାର୍କରେ ପ୍ରତିଦିନ ସକାଳ ୬:୩୦ ସମୟରେ ଏକ ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ମିଳେ । ଏଠାରେ ରେଡିଓରୁ ପିଆନୋର ମଧୁର ସଙ୍ଗୀତ ଶୁଭିବା ମାତ୍ରେ ଶହ ଶହ ବୃଦ୍ଧବୃଦ୍ଧା ଓ ଶିଶୁ ଏକାଠି ହୋଇ ବ୍ୟାୟାମ ଆରମ୍ଭ କରିଦିଅନ୍ତି, ଯାହାକୁ 'ରେଡିଓ ତାଇସୋ' କୁହାଯାଏ । ୧୯୨୮ ମସିହାରୁ ଆରମ୍ଭ ହୋଇଥିବା ପ୍ରାୟ ୧୦୦ ବର୍ଷର ଏହି ପରମ୍ପରା ଜାପାନୀମାନଙ୍କୁ ଦୁନିଆର ସବୁଠାରୁ ସୁସ୍ଥ ଏବଂ ଦୀର୍ଘାୟୁ ନାଗରିକ ଭାବେ ଗଢ଼ିତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ମାତ୍ର ୧୦ ମିନିଟର ଏହି ବ୍ୟାୟାମରେ ଶରୀରକୁ ଷ୍ଟ୍ରେଚିଂ କରିବା ଏବଂ ଅଣ୍ଟା ବୁଲାଇବା ଭଳି ୧୨ଟି ସହଜ ଷ୍ଟେପ୍ ରହିଥାଏ, ଯାହାକୁ ଅଫିସ କର୍ମଚାରୀଙ୍କଠାରୁ ଆରମ୍ଭ କରି ହୁଇଲ୍ ଚେୟାରରେ ବସିଥିବା ବ୍ୟକ୍ତି ମଧ୍ୟ ଅତି ସହଜରେ କରିପାରନ୍ତି । ଏଠାରେ ରହୁଥିବା ହଜାର ହଜାର ବୟସ୍କଙ୍କ ପାଇଁ ଏହା କେବଳ ଏକ ବ୍ୟାୟାମ ନୁହେଁ, ବରଂ ଏକୁଟିଆପଣ ଓ ମାନସିକ ଅବସାଦରୁ ମୁକ୍ତି ପାଇବାର ଏକ ମାଧ୍ୟମ ସାଜିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଦ୍ୱାରା କିଛି ସମୟ ପାଇଁ ପ୍ରତିବନ୍ଧିତ ହୋଇଥିବା ଏହି ଅଭ୍ୟାସ ୧୯୫୧ରେ ପୁନର୍ବାର ଆରମ୍ଭ ହୋଇଥିଲା । ଆଜି ଜାପାନରେ ଏହି ସାମୂହିକ ଯୋଗାଭ୍ୟାସ ସେମାନଙ୍କ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ।



## ମେକଅପ ଠାରୁ ଦୂରରେ

ତାମିଲନାଡୁର କୋଏମ୍ବାଟୁରରେ ଜନ୍ମିତ ସାଇ ପଲ୍ଲବୀ ଆଜି ଭାରତୀୟ ସିନେମାର ଜଣେ ଆଗଧାଡ଼ିର ଅଭିନେତ୍ରୀ । ତାଙ୍କର ଏହି ସଫଳତା ପଛରେ ଅନେକ ଆକସ୍ମିକ ସଂଯୋଗ ରହିଛି । ଜଣେ ବ୍ୟାଡମିଣ୍ଟନ ଖେଳାଳି ଏବଂ ମାତ୍ର ୧୩ ବର୍ଷ ବୟସରେ ଜଣେ ଶିଶୁ କଳାକାର ଭାବେ କ୍ୟାରିୟର୍ ଆରମ୍ଭ କରିଥିଲେ ସାଇ । ସାଇ କଙ୍ଗନା ରାନାୱତଙ୍କ ତାମିଲ ଡେବ୍ୟୁ ଫିଲ୍ମ 'ଧାମ୍ ଧୁମ୍'ରେ ଜଣେ ଜୁନିୟର ଆର୍ଟିଷ୍ଟ ଭାବେ କାମ କରିଥିଲେ । ନୃତ୍ୟ ପ୍ରତି ପ୍ରବଳ ରୁଚି ରଖୁଥିବା ସାଇ 'କୌନ ବନେଗା ଅଗଲା ପ୍ରଭୁଦେବା' ରିଆଲିଟି ଶୋ'ରୁ ନିଜର ପରିଚୟ ସୃଷ୍ଟି କରିଥିଲେ, ଯେଉଁଠି ତାଙ୍କ ନୃତ୍ୟ ଦେଖି ସାମନ୍ଥା ମଧ୍ୟ ଅଭିଭୂତ ହୋଇଥିଲେ । ସେହି ଶୋ'ରେ ସେ ସେମିଫାଇନାଲରୁ ବାଦ୍ ପଡ଼ି ପ୍ରଭୁଦେବାଙ୍କୁ ଭେଟିବାର ସୁଯୋଗ ହରାଇଥିଲେ ମଧ୍ୟ, ଦଶନ୍ଧିଏ ପରେ ସେହି ପ୍ରଭୁଦେବାଙ୍କ କୋରିଓଗ୍ରାଫିରେ 'ରାଉଡି ବେବି' ଗୀତ ମାଧ୍ୟମରେ ୧.୫ ବିଲିୟନ ଭ୍ୟୁଜ୍‌ର ଇତିହାସ ରଚିଥିଲେ । ପ୍ରକୃତରେ ଜଣେ ଡାକ୍ତର ହେବାର ସ୍ୱପ୍ନ ରଖି ଜର୍ଜିଆରେ ପାଠ ପଢୁଥିବା ସାଇ, ନିର୍ଦ୍ଦେଶକ ଅଲଫୋନ୍ସ ପୁତ୍ରେନଙ୍କ ଅଫରକୁ ପ୍ରଥମେ ପ୍ରତ୍ୟାଖ୍ୟାନ କରିଥିଲେ । ଏହାପରେ ବାରମ୍ବାର ଫୋନ୍ କଲ୍ ଯୋଗୁଁ ତାଙ୍କୁ ଜଣେ 'ଷ୍ଟକର୍' ଭାବି ପୋଲିସରେ ଅଭିଯୋଗ କରିବାକୁ ମଧ୍ୟ ଚାହିଁଥିଲେ । ଶେଷରେ ୨୦୧୪ରେ ନିଜର ତିନୋଟି ସର୍ତ୍ତ ଯଥା ଛୁଟି ଦିନରେ ସୁଟିଂ, ଆରାମଦାୟକ ପୋଷାକ ଏବଂ ବିନା ମେକଅପ୍‌ରେ ଅଭିନୟ ସହ ସେ ବ୍ଲକବଷ୍ଟର ଫିଲ୍ମ 'ପ୍ରେମମ୍' ସାଇନ୍ କରିଥିଲେ । ଏହାପରେ ତାଙ୍କୁ 'କାଲି', 'ଫିଦା' ଓ 'ମାରି-୨' ଭଳି ହିଟ୍ ଫିଲ୍ମରେ ଦେଖିବାକୁ ମିଳିଥିଲା । ତେବେ ସେ ସବୁବେଳେ ନିଜର ନୋ ମେକଅପ ଲୁକ ପାଇଁ ଖୁବ ପରିଚିତ, ଯେଉଁଥିପାଇଁ ସେ ୨ କୋଟି ଟଙ୍କାର ଫେୟାରନେସ୍ କ୍ରିମ୍ ବିଜ୍ଞାପନକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ । ଆଜି ପର୍ଯ୍ୟନ୍ତ ନିଜ ଅଭିନୟର ଯାଦୁରେ ସମସ୍ତଙ୍କର ପସନ୍ଦ ପାଲିଟିଥିବା ସାଇ ଆଗକୁ ଫିଲ୍ମ ରାମାୟଣରେ ରଣବୀର କପୁରଙ୍କ ସହିତ ସ୍କ୍ରିନ ସେୟାର କରିବେ ।



## ସୋସିଆଲ କୋଟ୍ସ



ମୁଁ ଯେତେବେଳେ ଫିଲ୍ମକୁ ଆସିଲି ସେତେବେଳେ ମୋତେ ମୋ ନାଁ ବଦଳାଇବାକୁ କୁହାଯାଇଥିଲା । କେତେଜଣ ଫିଲ୍ମ ପ୍ରଯୋଜକ ଓ ନିର୍ଦ୍ଦେଶକ ମୋତେ ଏପରି କରିବାକୁ କହିଥିଲେ ।

**ଜେନେଲିଆ, ଡିସୁଜା**



ବର୍ଷାର ପରିମାଣ ଏତେ ଥିଲା କି ସମସ୍ତ ଗାଡିରେ ମଧ୍ୟ ପାଣି ପସିଯାଇଥିଲା । ଏହି କାରଣରୁ ଘରକୁ ଫେରି ହୋଇ ନଥିଲା । ସେଟ୍‌ରେ ହିଁ ରାତିରେ ରହିବାକୁ ପଡିଥିଲା ।

**ଚାରୁ ଅସୋପା, ଅଭିନେତ୍ରୀ**



ନୱାଜଙ୍କ ଅଭିନୟ ଦେଖି ଇରଫାନ କାନ୍ଦି ପକାଇଥିଲେ । ନୱାଜଙ୍କ ଆକ୍ଟିଂରେ ଖୁବ ଦମ୍ ରହିଛି । ସେ ଏହି ସଟ୍‌କୁ ସିଙ୍ଗଲ ଟେକ୍‌ରେ ପୂରା କରିଥିଲେ, ଯାହା ବେଶ ଭଲ ହୋଇଥିଲା ।

**କବୀର ଖାନ, ନିର୍ଦ୍ଦେଶକ**

## ପିମ୍ପୁଡ଼ି ଆକ୍ରମଣ

କାନାଡ଼ାର ମାନିଟୋବାସ୍ଥିତ କାରମ୍ୟାନ୍ ମେମୋରିଆଲ୍ ହସ୍ପିଟାଲ୍ ଏକ ଅଜବ ସମସ୍ୟାର ସମ୍ମୁଖୀନ ହୋଇଛି । ସୂଚନା ଅନୁସାରେ ହସ୍ପିଟାଲର ଅପରେସନ୍ ଥିଏଟର, କରିଡର ଏବଂ ବିଭିନ୍ନ ସ୍ଥାନରେ ଅସଂଖ୍ୟ ପିମ୍ପୁଡ଼ି ଦେଖିବାକୁ ମିଳୁଛନ୍ତି । ରୋଗୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ହସ୍ପିଟାଲ୍ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, କାରଣ ଅପରେସନ୍ ଥିଏଟରରେ ସଂପୂର୍ଣ୍ଣ ସ୍ୱଚ୍ଛ ଏବଂ ସଂକ୍ରମଣମୁକ୍ତ ପରିବେଶ ଅତ୍ୟନ୍ତ ଜରୁରୀ ହୋଇଥିବାରୁ କୌଣସି ପ୍ରକାରର ପୋକଜୋକ ଜନିତ ବିପଦକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ସୂଚନା ଅନୁଯାୟୀ, ଏହି ପିମ୍ପୁଡ଼ି ସମସ୍ୟା ଯୋଗୁଁ ଏପର୍ଯ୍ୟନ୍ତ ପ୍ରାୟ ୧୬ଟି ସର୍ଜରୀକୁ ବାତିଲ୍ କିମ୍ବା ସ୍ଥଗିତ ରଖାଯାଇଛି । ବର୍ତ୍ତମାନ ହସ୍ପିଟାଲ୍ ପରିସରରେ ସଫେଇ ଏବଂ କୀଟ ନିୟନ୍ତ୍ରଣ କାର୍ଯ୍ୟକୁ ଜୋରଦାର କରାଯାଇଛି, ଯାହାଦ୍ୱାରା ଖୁବ୍ ଶୀଘ୍ର ସ୍ଥିତି ସ୍ୱାଭାବିକ ହୋଇପାରିବ ଏବଂ ପୁଣି ଥରେ ଅସ୍ତ୍ରୋପଚାର ସେବା ଆରମ୍ଭ କରାଯାଇପାରିବ । ସୋସିଆଲ ମିଡିଆରେ ଘଟଣାଟି ଖୁବ ଭାଇରାଲ ହେବାରେ ଲାଗିଛି ।




## ଉଚ୍ଚତା ହେଲା କାଳ

ସାଧାରଣତଃ ସମସ୍ତେ ଅଧିକ ଉଚ୍ଚତା ପାଇଁ ଆଶା ରଖିଥାନ୍ତି, ହେଲେ ହାଇଦ୍ରାବାଦର ଜଣେ ବ୍ୟକ୍ତିଙ୍କ ପାଇଁ ଅଧିକ ଉଚ୍ଚତା ତାଙ୍କ ପାଇଁ କାଳ ସାଜିଛି । ସୂଚନା ଅନୁସାରେ ହାଇଦ୍ରାବାଦର ମେହେଦୀପଟ୍ଟନମ୍ ଡିପୋରେ କାର୍ଯ୍ୟରତ ବସ୍ କଣ୍ଡକ୍ଟର ଅମିନ୍ ଅହମ୍ମଦ ଅନସାରୀଙ୍କ ପାଇଁ ପରିବହନ ନିଗମ ତାଙ୍କର ଏହି କଷ୍ଟକୁ ବୁଝି ତାଙ୍କୁ ବସ୍ ଡ୍ୟୁଟିରୁ ଅନ୍ତର କରି ପ୍ରଶାସନିକ କାର୍ଯ୍ୟ ଏବଂ ବସ୍ ପାସ୍ ସେକ୍ସନରେ ନିୟୋଜିତ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ତାଙ୍କୁ କିଛି ସମୟ ପାଇଁ ଆଶ୍ୱସ୍ତି ମିଳିଥିଲେ ହେଁ ପୁଣି ସେହି କାମ କରିବାକୁ ପଡ଼ିଥିଲା । ଏହି ସମସ୍ୟା ଗୁରୁତର ହେବାରୁ ଶେଷରେ



ତାଙ୍କର ୬ ଫୁଟ୍ ୬ ଇଞ୍ଚର ଲମ୍ବା ଉଚ୍ଚତା ଏବେ ଏକ ଅଜବ ସମସ୍ୟା ଭାବେ ଉଭା ହୋଇଛି । ବସ୍‌ର ଛାତ ନୀଚା ଏବଂ ଭିତର ସ୍ଥାନ ସଂକୀର୍ଣ୍ଣ ହୋଇଥିବାରୁ ତାଙ୍କୁ ସବୁବେଳେ ନଇଁ କରି କାମ କରିବାକୁ ପଡୁଥିଲା । ଯାହାଫଳରେ ତାଙ୍କ ବେକ ଏବଂ ପିଠିରେ ପ୍ରବଳ ଯନ୍ତ୍ରଣା ଦେଖାଦେଇଥିଲା । ରାଜ୍ୟ

ଅଧିକାରୀମାନେ ପୁନର୍ବାର ନିଷ୍ପତ୍ତି ନେଇ ତାଙ୍କୁ ଏହି ନୂତନ ଦାୟିତ୍ୱ ଅର୍ପଣ କରିଛନ୍ତି ।

## ଇତିହାସ

୧୯୧୨- ସାହିତ୍ୟିକ ସଆଦତ ହସନ ମଣ୍ଟୋଙ୍କ ଜନ୍ମ ।
୧୯୨୨- ରେଡ଼ିଓ ଷ୍ଟେସନ କେଜିୟୁର ପ୍ରସାରଣ ଆରମ୍ଭ ।
୧୯୨୫- ଭୟଙ୍କର ଘୂର୍ଣ୍ଣିବାତ୍ୟା ଯୋଗୁଁ ବାଂଲାଦେଶରେ ୧୭୦୦୦ ଲୋକଙ୍କ ମୃତ୍ୟୁ ।
୧୯୫୦- ବଲିଉଡ଼ ଅଭିନେତା ସଦାଶିବ ଓମରାପୁରକରଙ୍କ ଜନ୍ମ ।
୧୯୫୧- ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ ।
୧୯୫୫- ଇଜରାଏଲର ଗାଜା ଆକ୍ରମଣ ।
୧୯୬୦- ବଜାରକୁ ଆସିଲା ପ୍ରଥମ ଗର୍ଭନିରୋଧକ ବଟିକା ।
୧୯୯୮- ରାଜସ୍ଥାନର ପୋଖରାନରେ ୩ ପରମାଣୁ ପରୀକ୍ଷଣ ।
୧୯୯୮-ୟୁରୋପରେ ୟୁରୋ (ମୁଦ୍ରା)ର ପ୍ରଥମ ପ୍ରଚଳନ ।
୨୦୦୦- ଜନସଂଖ୍ୟା ଘଡ଼ି ଅନୁସାରେ ଭାରତ ଜନସଂଖ୍ୟା ୧ ଆରବ ପାର୍ ।

## ଟ୍ରିପ ପାଇଁ ଟିପ୍ସ

ଖରାଛୁଟିରେ ଅନେକ ଲୋକ ବୁଲାବୁଲି ପାଇଁ ପ୍ଲାନ୍ କରନ୍ତି, କିନ୍ତୁ ପ୍ରବଳ ଖରା ଓ ବଦଳୁଥିବା ପାଣିପାଗ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାର ଯଥେଷ୍ଟ ସମ୍ଭାବନା ଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ଗ୍ରୀଷ୍ମ ଋତୁରେ ଅଂଶୁଘାତ, ଡିହାଇଡ୍ରେସନ୍, ଫୁଡ୍ ପଏଜନିଂ ଏବଂ ଚର୍ମ ରୋଗ ଭଳି ସମସ୍ୟା ସାଧାରଣ ହୋଇଥିବାରୁ ଯାତ୍ରା ସମୟରେ ସତର୍କ ରହିବା ଜରୁରୀ । ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ପାଇଁ ପ୍ରତି ଅଧା ଘଣ୍ଟାରେ ପାଣି ପିଇବା ସହ ଓଆରଏସ୍, ନଡ଼ିଆ ପାଣି କିମ୍ବା ଘୋଳଦହି ସେବନ କରିବା ଉଚିତ ଏବଂ ଶୋଷ ଲାଗିବା ଯାଏଁ ଅପେକ୍ଷା କରିବା ଅନୁଚିତ । ଯାତ୍ରା ସମୟରେ ଖୋଲା ଜାଗାରେ ବିକ୍ରି ହେଉଥିବା ବରଫ ବା ଦୂଷିତ ପାଣି ପିଇବା ଏବଂ ବାସି ଖାଦ୍ୟ ଖାଇବା ଦ୍ୱାରା ଡାଇରିଆ ଓ ପେଟ ଯନ୍ତ୍ରଣା ହୋଇପାରେ । ତେଣୁ ସବୁବେଳେ ସତେଜ ଖାଦ୍ୟ ଓ ବିଶୁଦ୍ଧ ପାଣି ବ୍ୟବହାର କରିବା ଆବଶ୍ୟକ । ପ୍ରଖର ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ସନ୍‌ସ୍କ୍ରିନ୍, ଟୋପି କିମ୍ବା ଛତା ବ୍ୟବହାର କରିବା ସହ ସୂତା ଓ ଢିଲା ପୋଷାକ ପିନ୍ଧିବା ଆବଶ୍ୟକ । ଏହାବ୍ୟତୀତ, ଅଧିକ ଖରାରେ ବୁଲାବୁଲି ନକରି ସକାଳ କିମ୍ବା ସନ୍ଧ୍ୟା ସମୟରେ ବୁଲିବାକୁ ଯିବା ସୁରକ୍ଷିତ ହୋଇଥାଏ । ଯଦି ଯାତ୍ରା ସମୟରେ ମୁଣ୍ଡ ବୁଲାଇବା, ଦୁର୍ବଳତା କିମ୍ବା ଅସ୍ଥିରତା ଅନୁଭବ ହୁଏ, ତେବେ ତୁରନ୍ତ କୌଣସି ଥଣ୍ଡା ସ୍ଥାନକୁ ଯାଇ ବିଶ୍ରାମ ନେବା ସହ ଜରୁରୀକାଳୀନ ଔଷଧ ବାକ୍ସ (ଜ୍ୱର, ବାନ୍ତି ଓ ଆଲର୍ଜି ଔଷଧ) ପାଖରେ ରଖିବା ଉଚିତ । ସେହିଭଳି ଏହି ସମୟରେ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇ ପାରିବେ ଯାହାଦ୍ୱାରା ଆପଣଙ୍କ ଟ୍ରିପ୍ ଆନନ୍ଦଦାୟକ ଓ ନିରାପଦ ରହିପାରିବ ।





ମେଷ: ଯାତ୍ରାରେ ଶୁଭ, ଅନୁକୂଳ ଫଳ, ବ୍ୟବସାୟରେ ସଫଳତା, ଶାରୀରିକ କଷ୍ଟ, ବନ୍ଧୁ ଲାଭ, କର୍ମକ୍ଷେତ୍ରରେ ସଫଳ, ଦ୍ରବ୍ୟ ଲାଭ, ଯାନ୍ତ୍ରିକ ସମସ୍ୟା, ପାରିବାରିକ ସୁଖ । ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭ ଅଙ୍କ-୪, ଆରାଧନା- ଶଙ୍କର ଭଗବାନ ।

ବୃଷ: ନୂତନ ନିଯୁକ୍ତି, ବ୍ୟବସାୟରେ ବୃଦ୍ଧି, ଶୁଭ ଖବର, ଗୃହେ ଶତ୍ରୁତା, ଶାରୀରିକ ସୁସ୍ଥ, ପିଲାଙ୍କ ସମସ୍ୟା, ସମ୍ପତ୍ତି ଲାଭ, ଅର୍ଥ ପ୍ରାପ୍ତି, ଶୁଭ କାର୍ଯ୍ୟରେ ସଫଳ,ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଧଳା, ଶୁଭ ଅଙ୍କ-୧୦, ଆରାଧନା- ମହାଲକ୍ଷ୍ମୀ ।

ମିଥୁନ: ଶତ୍ରୁ ବୃଦ୍ଧି, କର୍ମ ଅଶାନ୍ତି, ଦେବ କାର୍ଯ୍ୟରେ ଆଗ୍ରହ, ବନ୍ଧୁ ଲାଭ, ଦୂର ଯାତ୍ରା ସଫଳ, ଶୁଭ ସମାଚାର, ଅର୍ଥ ସମସ୍ୟା, କର୍ମରେ ଅସଫଳ, ଶାରୀରିକ ଅସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ସବୁଜ, ଶୁଭ ଅଙ୍କ- ୯, ଆରାଧନା- ଗ୍ରାମ ଦେବତୀ ।

କର୍କଟ: ଯନ୍ତ୍ରଣା ବୃଦ୍ଧି, କାର୍ଯ୍ୟେ ସମସ୍ୟା, ପାରିବାରିକ ସାହାଯ୍ୟ, ଯାତ୍ରାରେ ସତର୍କ, ଉତ୍ସବ ପ୍ରତି ଆଗ୍ରହ, ଶତ୍ରୁ ସମସ୍ୟା, ବରିଷ୍ଠ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ କର୍ମ ଲାଭ, ଅର୍ଥ ଲାଭ, ସନ୍ତାନ ସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ ଲାଲ, ଶୁଭ ଅଙ୍କ-୧, ଆରାଧନା- ଭଗବାନ ବିଷ୍ଣୁ ।

ସିଂହ: କାର୍ଯ୍ୟରେ ସଫଳ, ଦୂର ଯାତ୍ରା, ନୂତନ ନିଯୁକ୍ତି, କର୍ମକ୍ଷେତ୍ରରେ ଶାନ୍ତି, ପାରିବାରିକ ସମସ୍ୟା, ସନ୍ତାନ ଚିନ୍ତା, ବିଦ୍ୟାରେ ସଫଳ, ଅର୍ଥ ଲାଭ, ଗାଡ଼ି ଚଳାଇବାରେ ସାବଧାନ, ଶତ୍ରୁ ସମସ୍ୟା, ପୂର୍ବା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ କମଳା, ଶୁଭ ଅଙ୍କ-୭, ଆରାଧନା- ଲକ୍ଷ୍ମୀ ନାରାୟଣ ।

କନ୍ୟା: ବନ୍ଧୁ ମିଳନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିବାଦର ସମାଧାନ, ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ଶାରୀରିକ ସୁସ୍ଥ, ଦେବ ଦର୍ଶନ, ପୁରାତନ କାର୍ଯ୍ୟରେ ସଫଳତା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ ଆକାଶିଆ, ଶୁଭ ଅଙ୍କ-୮, ଆରାଧନା- ମା ବିମଳା ।

ତୁଳା: ଶୁଭ କାର୍ଯ୍ୟରେ ବ୍ୟୟ ବୃଦ୍ଧି, ସମ୍ପର୍କରେ ଉନ୍ନତି, ଶାରୀରିକ ସୁସ୍ଥ, ବନ୍ଧୁ ସମସ୍ୟା, ଦେବ କାର୍ଯ୍ୟରେ ଆନନ୍ଦ, ସନ୍ତାନଙ୍କ ସଫଳତା, ମାନସିକ ଶାନ୍ତି, ଦାମ୍ପତ୍ୟ ସୁଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ଶୁଭ ଅଙ୍କ-୫, ଆରାଧନା- ପ୍ରଭୁ ଆଶୁତୋଷ ।

ବିଛା: ମାନସିକ କ୍ଲେଶ, ବନ୍ଧୁ ଲାଭ, ସମ୍ପର୍କରେ ଉନ୍ନତି, କାର୍ଯ୍ୟରେ ଶତ୍ରୁତା, ସନ୍ତାନ ସମସ୍ୟା, ଅର୍ଥ ଲାଭ, ସମ୍ପତ୍ତି ସମସ୍ୟା, ମକଦ୍ଦମାରେ ବିଜୟ, ଶୁଭ ସମାଚାର, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ ହଳଦୀ, ଶୁଭ ଅଙ୍କ-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ: ସମ୍ମାନ ବୃଦ୍ଧି, ଅର୍ଥ ଲାଭ, ବନ୍ଧୁ ଦର୍ଶନ, ଭବିଷ୍ୟତ ପାଇଁ ଚିନ୍ତା, କାର୍ଯ୍ୟ ବ୍ୟସ୍ତତା, ଶାରୀରିକ ଅସୁସ୍ଥ, ସମ୍ମାନ ଲାଭ, ଯାତ୍ରାରେ ସମସ୍ୟା, ଭାତୃସ୍ନେହ, ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ ହଳଦୀ, ଶୁଭ ଅଙ୍କ-୮, ଆରାଧନା- ମା' ଭଗବତୀ ।

ମକର: ମାନସିକ ଖୁସି, ବନ୍ଧୁ ସମସ୍ୟା, ଦ୍ରବ୍ୟ ଲାଭ, କର୍ମକ୍ଷେତ୍ରରେ ଲାଭ, ଜମିବାଡ଼ି ମକଦ୍ଦମା, ପାରିବାରିକ ସୁଖ, କାର୍ଯ୍ୟରେ ଲାଭ, ଶୁଭ ଖବର, ସନ୍ତାନ ଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଲାଲ, ଶୁଭ ଅଙ୍କ-୮, ଆରାଧନା- ମା' ବଗଳାମୁଖୀ ।

କୁମ୍ଭ: ମାନସିକ ଶାନ୍ତି, ବନ୍ଧୁ ଲାଭ, କର୍ମକ୍ଷେତ୍ରରେ ଶାନ୍ତି, କାର୍ଯ୍ୟରେ ଶତୃତା, ସମ୍ମାନ ପ୍ରାପ୍ତି, ଶୁଭ ଖବର, ଗୁପ୍ତ ଦୂର ଯାତ୍ରା, ସନ୍ତାନ ଖୁସି, ଶତ୍ରୁ ପରାଜିତ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ କଳା, ଶୁଭ ଅଙ୍କ - ୪, ଆରାଧନା- ମା' ଦକ୍ଷିଣକାଳୀ ।

ମୀନ: କାର୍ଯ୍ୟରେ ସଫଳତା, ଦୂର ଯାତ୍ରା, ଶାରୀରିକ କ୍ଲେଶ, ସମ୍ପତ୍ତି ବିବାଦ, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ବନ୍ଧୁ ବିଦ୍ରୋହ, ଅର୍ଥ ଲାଭ, ଗୃହେ ସମସ୍ୟା, ମାନସିକ ଅଶାନ୍ତି, ସନ୍ତାନ ସମସ୍ୟା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ _ ଧଳା, ଶୁଭ ଅଙ୍କ-୭, ଆରାଧନା- ମା' ମାଣିକେଶ୍ୱରୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ, ନବମୀ**
**୧୧.୫.୨୦୨୬ ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୫
ତିଥି: ନବମୀ
୧୧ ମେ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 215
11 May 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସୌମ୍ୟ ହତ୍ୟା ମାମଲାରେ କାର୍ଯ୍ୟାନୁଷ୍ଠାନ

# ୭ ପୋଲିସଙ୍କ ବିରୋଧରେ କଡ଼ା ପଦକ୍ଷେପ




ଭୁବନେଶ୍ୱର,୧୦।୫,(ସବ୍ୟୁ) : ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ କାର୍ଯ୍ୟର ଅବହେଳା ପାଇଁ ୭ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବାଲିଅନ୍ତା ଥାନା ଆଇଆଇସି

- ବଦଳିଲେ ବାଲିଅନ୍ତା ଥାନା ଆଇଆଇସି
- ୪ ପୋଲିସ କାର୍ଯ୍ୟରୁ ନିଲମ୍ବିତ
- ୨ ହୋମଗାର୍ଡ ବହିଷ୍କୃତ
- କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ

ଅନିଲ ପରିଡାଙ୍କୁ ବଦଳି କରାଯାଇଥିବା ବେଳେ ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇ ଓ ଦୁଇଜଣ କନେଷ୍ଟବଳଙ୍କୁ ନିଲମ୍ବିତ କରାଯାଇଛି । ଏଥିସହ ଦୁଇଜଣ ହୋମଗାର୍ଡ କାର୍ଯ୍ୟରୁ ବହିସ୍କୃତ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ରବିବାର ତଦନ୍ତ ଆରମ୍ଭ ହୋଇଛି । କ୍ରାଇମବ୍ରାଞ୍ଚର ଦୁଇଟି ଟିମ୍ ଗଠନ କରାଯାଇଛି । ଗୋଟିଏ ଟିମର ୫ ଜଣ ଲେଖାଏଁ କର୍ମଚାରୀ ଅଛନ୍ତି । ଦୁଇଟି ଟିମ୍ ମଧ୍ୟରୁ ଗୋଟିଏ ଘଟଣାସ୍ଥଳ ଓ ବାଲିଅନ୍ତା ଥାନାକୁ ଯାଇ ତଥ୍ୟ ଓ କାଗଜପତ୍ର ସଂଗ୍ରହ କରିଛି । ଘଟଣା ସ୍ଥଳକୁ ଯାଇଥିବା କମିଶନରେଟ୍ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ ଟିମ୍ । ବାଲିଅନ୍ତା ଥାନାରେ ରୁଜୁ ହୋଇଥିବା ଦୁଇଟି ମାମଲାର କାଗଜ କ୍ରାଇମବ୍ରାଞ୍ଚ ଟିମ୍ ଦେବା ସହ ସେ ସମ୍ପର୍କରେ ଆଇଆଇସିଙ୍କୁ ମଧ୍ୟ ପଚରାଉଚରା କରିଥିଲେ । ପୀଡିତା ଯୁବତୀଙ୍କ ଏତଲାରେ ଗୋଟିଏ ମାମଲା ହୋଇଥିବା ବେଳେ ମୃତ ସୌମ୍ୟଙ୍କ ମା' ଙ୍କ ଏତଲାରେ ହତ୍ୟା ମାମଲା ରୁଜୁ ହୋଇଥିଲା । ଏହାପରେ ଘଟଣାସ୍ଥଳକୁ କ୍ରାଇମବ୍ରାଞ୍ଚ ଟିମ୍ ଯାଇଥିଲା । କ୍ରାଇମବ୍ରାଞ୍ଚ ଟିମ ସହ ସାଇବର ଏକ୍ସପର୍ଟ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ମଧ୍ୟ ଯାଇଥିଲେ । ଘଟଣା ସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ କିଛି ନମୁନା ସଂଗ୍ରହ କରିଛି । ଦୌଡି କେଉଁଠି ଆସିଲା ବୋଲି ଘଟଣା ସ୍ଥଳରୁ ଘଟଣା ଦିନ ଯାଇଥିବା କନେଷ୍ଟବଳଙ୍କୁ ପଚାରିବାରୁ ଗୋରୁ ଖୁଣ୍ଟରୁ ଦୌଡି ଖୋଲି ସୌମ୍ୟଙ୍କ ହାତ ଗୋଡ ଉତ୍ୟକ୍ତ ଲୋକେ ବାନ୍ଧିଥିବା ସେ କହିଥିଲେ । କନେଷ୍ଟବଳ ସୌମ୍ୟଙ୍କୁ କାହିଁକି ଆମ୍ବୁଲାନ୍ସ କିମ୍ବା ପିସିଆରରେ ହସ୍ପିଟାଲ ନିଆଗଲା ନାହିଁ ସେ ସମ୍ପର୍କରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ୍ ବାଲିଅନ୍ତା ଥାନା କନେଷ୍ଟବଳଙ୍କୁ ପଚାରିଥିଲେ । କାରଣ ସୌମ୍ୟଙ୍କୁ ଏକ ଆଇଚର ଡାଲାରେ ପକାଇ ହସ୍ପିଟାଲ ନିଆଯାଇଥିଲା । (୯ ପୃଷ୍ଠାରେ)

## ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

# ପେଟ୍ରୋଲ ବଞ୍ଚାଅ, ବର୍ଷେ ଯାଏଁ ସୁନା କିଣନି



ନୂଆଦିଲ୍ଲୀ,୧୦।୫: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ନେଇ ତୈଳ ସଙ୍କଟର ସମ୍ଭାବନା ଆଶଙ୍କା ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇ ପେଟ୍ରୋଲ ବଞ୍ଚାଇବା ଓ ବର୍ଷକ ପାଇଁ ସୁନା ନକିଣିବା ଲାଗି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତୈଳ ବ୍ୟବହାରକୁ ହ୍ରାସ କରନ୍ତୁ, ବର୍ଷେ ପର୍ଯ୍ୟନ୍ତ ବାହାଘର ଲାଗି ସୁନା ନକିଣି ଦେଶର ବୈଦେଶିକ ମୁଦ୍ରା ବିନିମୟକୁ ସାହାଯ୍ୟ କରନ୍ତୁ ।

ପ୍ରଧାନମନ୍ତ୍ରୀ ଏବେ ଯୋଗାଣ ଶୃଙ୍ଖଳାରେ ହୋଇଥିବା ଅସ୍ଥିରତାକୁ ଉଲ୍ଲେଖ କରି କହିଛନ୍ତି ଯେ, ଅଶୋଧିତ ତୈଳ ମୂଲ୍ୟ ଓ ଆର୍ଥିକ ଅନିଶ୍ଚିତତା ସୃଷ୍ଟି ହୋଇଛି । ତୈଳ ସଂରକ୍ଷଣ ହେଉଛି ଏକ

- ଖାଇବା ତେଲ ବ୍ୟବହାର କମ କରନ୍ତୁ
- ଘରୁ ରହି ଅଫିସ କାର୍ଯ୍ୟ କରନ୍ତୁ

ଜାତୀୟ ଦାୟିତ୍ୱ । କରୋନା ସମୟରେ ଆମେ ଘରୁ ଅନଲାଇନ ବୈଠକ, କାର୍ଯ୍ୟ ଓ ଭିଡ଼ିଓ କନଫରେନ୍ସ କରୁଥିଲୁ । ଏବେ ଏହି ବ୍ୟବସ୍ଥାକୁ ଗ୍ରହଣ କରିବା ଆବଶ୍ୟକ । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏହି ପଦକ୍ଷେପକୁ ପ୍ରାଥମିକତା ଦେଇ ଆପଣାନ୍ତୁ । ବିଶ୍ୱ ବଜାରରେ ଆଶୋଧିତ ତୈଳ ମୂଲ୍ୟ ୭୦ ଆମେରିକୀୟ ଡଲାରରୁ ବ୍ୟାରେଲ ପିଛା ୧୨୬ ଡଲାରରେ ପହଞ୍ଚିଛି । ହର୍ମୁଜ ପ୍ରଣାଳୀରେ ବାଧା ସୃଷ୍ଟି ହୋଇଥିବାରୁ ଏଭଳି (୯ ପୃଷ୍ଠାରେ)

# କାଳବୈଶାଖୀ ବର୍ଷା ବଢ଼ିବ

ଭୁବନେଶ୍ୱର,୧୦।୫,(ସବ୍ୟୁ) : ଆସନ୍ତାକାଲି(ସୋମବାର) ଠାରୁ ୧୩ ମଧ୍ୟରେ ଦକ୍ଷିଣ-ପଶ୍ଚିମରୁ କେନ୍ଦ୍ରୀୟ ବଙ୍ଗୋପସାଗର ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଧିକ ରହିଛି । ମେ ମଧ୍ୟଭାଗରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ । ତଥାପି ଏକ ବାତ୍ୟା ହେବା ନେଇ ଏବେ ମଧ୍ୟ ଅନିଶ୍ଚିତତା ରହିଛି ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଥିଲେ । ଶ୍ରୀ ପଶୁପାଳକ ବୁଲେଟିନରେ କହିଥିଲେ, ଓଡ଼ିଶା ପାଇଁ ବର୍ତ୍ତମାନ ଏକ ବାତ୍ୟା

- ସୃଷ୍ଟି ହୋଇପାରେ ଲଘୁଚାପ
- ୧୨ ପରେ ସ୍ଥିତି ସ୍ପଷ୍ଟ ହେବ

ଅପେକ୍ଷା ଅସ୍ଥିର ପାଣିପାଗର ଚିତ୍ର ଅଧିକ ସ୍ପଷ୍ଟ । ମେ ମଧ୍ୟଭାଗରେ ରାଜ୍ୟରେ କାଳବୈଶାଖୀ, ବିଜୁଳି ଘଡ଼ଘଡ଼ି ଏବଂ ପ୍ରବଳ ପବନ ସହ ବର୍ଷାର ପରିମାଣ ବଢ଼ିବ । ଉପକୂଳ ଜିଲ୍ଲାଗୁଡ଼ିକରେ ସମୁଦ୍ର ଅଶାନ୍ତ ରହିବା ସହ ପବନର ଗତି ବଢ଼ିପାରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରବଳ ଜଳୀୟବାଷ୍ପ ଯୋଗୁଁ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହେବ, ଯାହା ଜନଜୀବନକୁ ଅସ୍ତବ୍ୟସ୍ତ କରିପାରେ । ଏହି ସିଷ୍ଟମଟି ବଙ୍ଗୋପସାଗରରେ ଦକ୍ଷିଣ-ପଶ୍ଚିମ ବାୟୁପ୍ରବାହକୁ ତ୍ୱରାନ୍ୱିତ କରିବ, ଯାହା ମୌସୁମୀର ଅଗ୍ରଗତି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ । ଏହି ବାୟୁ ପ୍ରବାହ ଫଳରେ ସମୁଦ୍ରରୁ ପ୍ରଚୁର ପରିମାଣରେ ଜଳୀୟବାଷ୍ପ ଭାରତୀୟ ଉପକୂଳକୁ ଆସିବ, ଯାହା ମୌସୁମୀ ଆଗମନ ପୂର୍ବରୁ ବାୟୁମଣ୍ଡଳକୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ । ବର୍ତ୍ତମାନର ସ୍ଥିତି ଅନୁସାରେ ଏହା ଏକ ବର୍ଷା କରାଉଥିବା ସିଷ୍ଟମ୍ ଭାବେ କାର୍ଯ୍ୟ କରିବାର ସମ୍ଭାବନା ଅଧିକ । ଏହା ମୌସୁମୀ ପୂର୍ବବର୍ତ୍ତୀ ବାୟୁମଣ୍ଡଳୀୟ ପରିବେଶକୁ ସକ୍ରିୟ କରିବ, କିନ୍ତୁ ବର୍ତ୍ତମାନ ପାଇଁ କୌଣସି ବଡ଼ ବାତ୍ୟାର ବିପଦ ଦେଉନାହିଁ । ତଥାପି, ମେ ୧୨ ତାରିଖ ପରେ ସିଷ୍ଟମର ଗତିପଥ ଅଧିକ ସ୍ପଷ୍ଟ ହେବ । ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ଆଜି ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି । ରବିବାର ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ସେହିପରି ଜଗତସିଂହପୁର, ଝାରସୁଗୁଡ଼ା, ନୟାଗଡ଼ ଜିଲ୍ଲାରେ ବର୍ଷା ରେକର୍ଡ କରାଯାଇଛି । ଆସନ୍ତକାଲି(ସୋମବାର) ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କିମି ରହିବ । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

## ତାମିଲନାଡୁରେ ରାଜନୈତିକ ପଟ୍ଟ ପରିବର୍ତ୍ତନ

# ଦାୟିତ୍ୱ ନେଲେ 'ବିଜୟ' ସରକାର




ନୂଆଦିଲ୍ଲୀ,୧୦।୫: ତାମିଲନାଡୁ ରାଜନୀତିରେ ଦୀର୍ଘ ଦିନ ପରେ ଏକ ନୂଆ ଅଧ୍ୟାୟ ଲେଖା ଯାଇଛି । ଅଣଦ୍ରାବିଡିଆନ୍ ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମଥର ଲାଗି ଥାଲପତି ସି ଜୋସେଫ ବିଜୟ ଶପଥ ଗ୍ରହଣ କରିଛନ୍ତି । ୪ ଦିନର ରାଜନୈତିକ ଅନିଶ୍ଚିତତା ପରେ ଆଜି ଶେଷରେ ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ

- ବିଜୟଙ୍କ ସମେତ ୯ ମନ୍ତ୍ରୀଙ୍କ ଶପଥ
- ରାହୁଲଙ୍କୁ ବିଜୟଙ୍କ 'ଭାଇ' ସମ୍ବୋଧନ
- ମୋ ବ୍ୟତୀତ ଅନ୍ୟ କୌଣସି କ୍ଷମତା କେନ୍ଦ୍ର ନାହିଁ

କରିଛନ୍ତି । ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକର ୫୧ ବର୍ଷୀୟ ବିଜୟାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ବିଜୟଙ୍କ ସମେତ ତାଙ୍କ ଦଳ ଟିଭିକେର ୯ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

ଚେନ୍ନାଇର ଜବାହରଲାଲ ନେହରୁ ଷ୍ଟାଡିୟମରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶପଥ ଗ୍ରହଣ ପରେ ତାମିଲନାଡୁର ପ୍ରଥମଥର ପାଇଁ ଅଣଡିଏମକେ ଓ ଅଣଏଆଇଡିଏମକେ ସରକାର ଗଠନ ହୋଇଛି । ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲାପରେ ବିଜୟ କହିଛନ୍ତି ଯେ, ତାଙ୍କ ବିନା ଦଳରେ ଆଉ କୌଣସି କ୍ଷମତା କେନ୍ଦ୍ର ନାହିଁ । କୌଣସି କ୍ଷମତା କେନ୍ଦ୍ର ତାଙ୍କୁ ନିଷ୍ପତ୍ତି ନେବାରେ ନିୟନ୍ତ୍ରଣ କରିପାରିବ ନାହିଁ । ତାମିଲନାଡୁର ଟିଭିକେ ନେତୃତ୍ୱାଧିନ ସରକାର ସହଯୋଗୀଙ୍କର କୌଣସି ଚାପରେ ବି କାର୍ଯ୍ୟ କରିବ ନାହିଁ । ନିଜକୁ ସାନ ଭାଇ ବୋଲି ସମ୍ବୋର୍ଦ୍ଧିତ କରି ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ମଧ୍ୟ ବାର୍ତ୍ତା ଦେଇଛନ୍ତି । ସେ କୌଣସି ଭୁଲ କରିବେ ନାହିଁ ବା ଅନ୍ୟ କାହାକୁ ଭୁଲ କରିବାକୁ ଦେବେ ନାହିଁ । (୯ ପୃଷ୍ଠାରେ)

## ହିମନ୍ତ ଏନ୍‌ଡିଏ ବିଧାୟକ ଦଳର ନେତା ନିର୍ବାଚିତ

ନୂଆଦିଲ୍ଲୀ,୧୦।୫: ଆସାମରେ ହିମନ୍ତ ବିଶ୍ୱଶର୍ମା ପୁଣି ମୁଖ୍ୟମନ୍ତ୍ରୀ ହେବେ । ଆଜି ବିଜେପି ତଥା ଏନଡିଏର ବିଧାୟକ ଦଳ ବୈଠକରେ ହିମନ୍ତଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛି । ଆସନ୍ତା ୧୨ ତାରିଖରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

ଆଜି ବିଧାୟକ ଦଳ ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଯୋଗଦେଇଥିଲେ । ବୈଠକ ପରେ ନଡା କହିଛନ୍ତି ଯେ, ହିମନ୍ତ ବିଶ୍ୱଶର୍ମାଙ୍କୁ ବିଧାୟକ ଦଳ ନେତା କରିବା ପାଇଁ ୮ ବିଧାୟକ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ବିଜେପିର ଅନ୍ୟ ବିଧାୟକଙ୍କ ସହ ଏନଡିଏରେ ସାମିଲ ହୋଇଥିବା ଆସାମ ଗଣପରିଷଦ ନେତା ଅତୁଲ ବୋରା, ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟର ରିଓନଡାଇମୀର ପ୍ରମୁଖ ସମର୍ଥନ କରିଥିଲେ । ବିଧାୟକ ଦଳ ନେତା ନିର୍ବାଚନ ହେବା ପରେ ହିମନ୍ତ ଆଜି ଆସାମର ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ଲାଗି ଦାବି କରିଛନ୍ତି । ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ (୯ ପୃଷ୍ଠାରେ)

## ଗୁଳିମାଡ଼ ପରେ ଅପହରଣ କରି ଯୁବକଙ୍କୁ ହତ୍ୟା

ରାୟଗଡା,୧୦।୫,(ସବ୍ୟୁ) : ରାୟଗଡା ସହରରେ ରକ୍ତରଞ୍ଜିତ ରାତିରେ ଗୁଳିମାଡ଼ ପରେ ଅପହରଣ କରି ଯୁବକଙ୍କୁ ହତ୍ୟା । ଘଟଣା ପରେ ସାରା ଅଞ୍ଚଳରେ ଭୟ ଓ ଉତ୍ତେଜନାର ଦେଖାଦେଇଛି । ଗୁଳିଚାଳନା, ଅପହରଣ ଏବଂ ପରେ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ସମଗ୍ର ସହରକୁ ଆଚମ୍ବିତ କରିଛି । ମୃତ ଯୁବକ ହେଲେ ରାୟଗଡା ସହରର ରେଲି ସାହି ଅଞ୍ଚଳର ନିଖିଲ ହାଡ଼ିପା । ସୂଚନା ଅନୁଯାୟୀ ଶନିବାର ରାତି ପ୍ରାୟ ୧୦ଟା ସମୟରେ କିଛି ଦୁର୍ବୃତ୍ତ ଗୋଟିଏ ବୁଲେଟ ଓ ଏକ ଚାରିଚକିଆ ଗାଡ଼ିରେ ନିଖିଲଙ୍କୁ ପିଛା କରୁଥିଲେ । ଘଟଣା ରାୟଗଡା ଅଟୋନମସ କଲେଜ ନିକଟସ୍ଥ ଇନ୍ଦିରା ନଗର ତୃତୀୟ ଲାଇନରେ ଘଟିଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିବା କୁହାଯାଉଛି । ପ୍ରାଣ ଭୟରେ ନିଖିଲ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରେ ଦୁଇ ରାଉଣ୍ଡ ଗୁଳି ଚାଳନା କରିଥିଲେ । ଗୁଳି ତାଙ୍କ ଅଣ୍ଟା ଓ ଗୋଡ଼ରେ ଲାଗି ସେଠାରେ ରକ୍ତ ରଞ୍ଜିତ ହୋଇଥିବା ସକାଳୁ ଦେଖିବାକୁ ମିଳିଥିଲା । ଆହତ ଅବସ୍ଥାରେ ନିଖିଲ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ଘରକୁ ପଶି ଲୁଚିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ସେଠାରୁ ଅପହରଣ କରି ରିଂ ରୋଡ଼ ଦିଗକୁ ନେଇଯାଇଥିଲେ । ରବିବାର ସକାଳେ କନ୍ଧ ତୁମ୍ବିଗୁଡା ନିକଟସ୍ଥ ନାଗାବଳୀ ନଦୀ କୂଳରୁ ନିଖିଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସ୍ଥାନୀୟ ଲୋକେ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ । (୯ ପୃଷ୍ଠାରେ)

## ମହଙ୍ଗା ହେବ ଖାଦ୍ୟ ସାମଗ୍ରୀ: ଜାତିସଂଘ ରିପୋର୍ଟ

ନୂଆଦିଲ୍ଲୀ,୧୦।୫: ଇରାନ ଓ ଆମେରିକା ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଲାଗି ସମଗ୍ର ବିଶ୍ୱରେ ଖାଦ୍ୟ ସାମଗ୍ରୀ ଦରଦାମ୍ ସବୁଠୁ ମହଙ୍ଗା ହୋଇଛି । ଯୁଦ୍ଧ ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହୋଇଥିବାରୁ ଖାଦ୍ୟ ଦର ଗତ ୩ ବର୍ଷରେ ସବୁଠୁ ଉଚ୍ଚସ୍ତରରେ ପହଞ୍ଚିବା ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ ଏପ୍ରିଲରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ସୂଚାଙ୍କରେ ୧.୬% ବୃଦ୍ଧି ଘଟିଛି । ଆଗକୁ ଆହୁରି ଦରଦାମ ବଢ଼ିବ ବୋଲି ଏହି ରିପୋର୍ଟରେ ଚେତାବନୀ ଦିଆଯାଇଛି ।

ଇରାନ ଓ ଆମେରିକା ମଧ୍ୟରେ ହୋଇଥିବା ଯୁଦ୍ଧକୁ ୧୦ ସପ୍ତାହ ବିତିଲାଣି । ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଯୋଗୁଁ ଡିଜେଲ ଓ ସାର ଭଳି ଅନ୍ୟାନ୍ୟ ସାମଗ୍ରୀର ପରିବହନ ବ୍ୟବସ୍ଥାରେ ବାଧା ଉପୁଜିଛି । ଯାହାର ସିଧାସଳଖ ପ୍ରଭାବ ଆଗାମୀ ଦିନରେ ଖାଦ୍ୟ ଓ ପାନୀୟ ସାମଗ୍ରୀ ଦର ଉପରେ ପଡିବ ବୋଲି ଜାତିସଂଘ (୯ ପୃଷ୍ଠାରେ)

# ପୂର୍ବାହ୍ନ ୯ ରେ ସବୁ ଥାନାରେ ବ୍ରିଫିଙ୍ଗ୍ ପରେଡ



ଭୁବନେଶ୍ୱର,୧୦।୫,(ସବ୍ୟୁ): ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନେଇ ଡିଜିପି ୱାଇ ବି ଖୁରାନିଆ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ନିକଟରେ ରାଜ୍ୟ ଆଇନ ଶୃଙ୍ଖଳା ସ୍ଥିତି ନେଇ କ୍ଷୁବ୍ଧ ହେଲା ପରେ ପୋଲିସ ପ୍ରଶାସନ ତତ୍ପର ହୋଇଛି । ଭୁବନେଶ୍ୱର ସ୍ଥିତ ଡିଜିପିଙ୍କ କ୍ୟାମ୍ପ

- ରାଜ୍ୟର ଆଇନଶୃଙ୍ଖଳା ନେଇ ଡିଜିପିଙ୍କ ସମୀକ୍ଷା
- ବିଟ୍ ପାଟ୍ରୋଲିଂ ସକ୍ରିୟ କରିବାକୁ ନିର୍ଦ୍ଦେଶ
- ପୋଲିସର ସକରାତ୍ମକ କାର୍ଯ୍ୟ ଲୋକଙ୍କୁ ଜଣାଅ

ଅଫିସରେ ଏନେଇ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ସାଧାରଣ ଲୋକଙ୍କ ସହ ପୋଲିସର ସମନ୍ୱୟ ଏବଂ ପୋଲିସିଂ ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଲୋକାଭିମୁଖୀ କରିବା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଆମେ କେମିତି ଲୋକଙ୍କ ଆସ୍ଥାଭାଜନ ହେବୁ ତାହା ଆଲୋଚନା ହେଲା ବୋଲି ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି ଡିଜିପି ଶ୍ରୀ ଖୁରାନିଆ । ରାଜ୍ୟର ସବୁ ଜିଲ୍ଲା ଏସ୍‌ପି, ରେଞ୍ଜ ଆଇଜି/ଡିଆଇଜିମାନଙ୍କୁ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଓ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସହ ପୋଲିସର ଆସ୍ଥା ଓ ସମନ୍ୱୟକୁ ଆହୁରି ମଜଭୁତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବାହ୍ନ ୯ଟାରେ ସବୁ ଥାନାରେ ବ୍ରିଫ ପରେଡ ପାଇଁ ବୈଠକରେ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବିଟ ପେଟ୍ରୋଲିଂ ସକ୍ରିୟ ହେବା ସହ ୧୫ ଦିନ ମଧ୍ୟରେ (୯ ପୃଷ୍ଠାରେ)

## ଚାନ୍ଦବାଲି ସବଟ୍ରେଜେରୀରେ ୮ କୋଟି ହେରଫେର



### ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପଣ୍ଡାଙ୍କ ସହ ୫ ଗିରଫ

ଭଦ୍ରକ,୧୦।୫,(ସବ୍ୟୁ): ତିହିଡ଼ି ଏବଂ ଚାନ୍ଦବାଲି ସବଟ୍ରେଜେରୀରେ ଦୀର୍ଘ ୫ ବର୍ଷ ଧରି ଚାଲିଥିବା ପ୍ରାୟ ୮ କୋଟି ଟଙ୍କାର ବଡ଼ଧରଣର ଆର୍ଥିକ ହେରଫେରର ଗୁମର ଧୀରେ ଧୀରେ ଖୋଲୁଛି । ଏହି କଳେଙ୍କାରୀର ମୁଖ୍ୟ କୁହାଯାଉଥିବା ତଥା ଚାନ୍ଦବାଲି ସବ ଟ୍ରେଜୋରୀର ନିଲମ୍ବିତ ମୁଖ୍ୟ କିରାଣି ସନ୍ତୋଷ ପଣ୍ଡାଙ୍କୁ ଭିଜିଲାନ୍ସ ଗିରଫ କରିଛି । ଏହାସହ ଅନ୍ୟ ୫ ଜଣ ସହାୟକ- ଶିବ ଶଙ୍କର ସାମଲ, ଦେବ ଶଙ୍କର ସାମଲ, ପ୍ରଫୁଲ୍ଲ କୁମାର ରାଉତ, ସନ୍ଦୀପ କୁମାର ମିତ୍ର, ଅଭୟ କୁମାର ପଣ୍ଡାଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନଙ୍କ ବିରୋଧରେ ପିସି ଆଇନର ଧାରା ୧୩(୨) ଓ ୧୩(୧)(କ), ଆଇପିସିର ଧାରା ୪୦୬, ୪୦୯, ୪୬୭, ୪୬୮, ୪୭୧, ୪୭୭, ୧୨୦-ଖରେ ମାମଲା ରୁଜୁ କରାଯାଇଛି ।

ନିଲମ୍ବିତ ହୋଇଥିବା ମୁଖ୍ୟ କିରାଣି ଶ୍ରୀପଣ୍ଡା ପୂର୍ବରୁ ଭଦ୍ରକ ସବଟ୍ରେଜେରୀରେ ଥିଲେ । ପରେ ତିହିଡ଼ି ଓ ଚାନ୍ଦବାଲି ସବଟ୍ରେଜେରୀକୁ ତାଙ୍କର ବଦଳି ହୋଇଥିଲା । ଏସବୁ ସବ ଟ୍ରେଜେରିରେ କେହି ଅଧିକାରୀ ନଥିବାରୁ ସ୍ଥାନୀୟ ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ ଫାଇଲ ଚାଷ ଚାଲିଥିଲା । ଅଧିକାରୀମାନେ ଆଖିବୁଜି ମୁଖ୍ୟ କିରାଣିଙ୍କ ଫାଇଲରେ ଦସ୍ତଖତ କରୁଥିଲେ । ଏହାର ଫାଇଦାରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହେଉଥିଲା । ବର୍ତ୍ତମାନ ସୁଦ୍ଧା ଆକଳନରେ ୨୫ (୯ ପୃଷ୍ଠାରେ)

# କାର୍ ସହ ୨୧କେଜି ଗଞ୍ଜେଇ ଜବତ, ଦୁଇ ମହିଳାଙ୍କ ସମେତ ୪ ଗିରଫ




ଭୁବନେଶ୍ୱର, (ସବ୍ୟୁ) : କାର୍ ସହ ୨୧ କେଜି ଗଞ୍ଜେଇ ଜବତ କରିଛି ମୈତ୍ରୀବିହାର ଥାନା ପୋଲିସ । ଗଞ୍ଜେଇ ଚାଲାଣ କରୁଥିବା ୪ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଦୀପକ ଦିଘାଲ (୨୮), ତିଳୋତ୍ତମା ନାୟକ (୫୦), କି.ଜ୍ୟୋତି ରାଓ (୪୫), ପି.ସାବିତ୍ରୀ ରାଓ (୩୨) । ୪ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି ।

ନନ୍ଦନକାନନ ଅଞ୍ଚଳରୁ ଗଞ୍ଜେଇ ଆଣି ଉତ୍କଳ ହସ୍ପିଟାଲ ରାସ୍ତା ଦେଇ ହାତିଆଗୁଣି ଛକ ଅଭିମୁଖେ ଆସୁଥିବା କାର୍ ସମ୍ପର୍କରେ ମୈତ୍ରୀବିହାର ଥାନା ଆଇଆଇସିଙ୍କୁ ଖବର ମିଳିଥିଲା । ମିଳିଥିବା ଖବର ଅନୁଯାୟୀ ଥାନାରେ ଏକ ସ୍ୱତନ୍ତ୍ର ଟିମ୍ ଲୁମ୍ବିନିବିହାର ଛକ ନିକଟରୁ କାର୍‌କୁ କିଛିବାଟ ପିଛା କରିବା ସହ ବିର୍ମା ମୁଣ୍ଡା ଛକ ନିକଟରେ ଅଟକାଇ ୪ଜଣଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲା ତଦନ୍ତକାରୀ ଟିମ୍ । କାର୍ ତଲାସୀ ବେଳେ ସେଥିରୁ ୨୧ କେଜି ଗଞ୍ଜେଇ ମିଳିଥିଲା । ସେମାନଙ୍କ ନିକଟରୁ କିଛି ଟଙ୍କା ମଧ୍ୟ ଜବତ ହୋଇଛି । ୪ ଅଭିଯୁକ୍ତ କିଛିଦିନ ହେବ ଗଞ୍ଜେଇ ବ୍ୟବସାୟ କରୁଥିବା ପୋଲିସରେ କହିଛନ୍ତି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ୪ଜଣଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ରାଜ୍ୟସ୍ତରୀୟ ବସୁଧାମାତା ସମ୍ମାନ ସମାରୋହ - ୨୦୨୬

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ମାତୃଦିବସ ଅବସରରେ ଓମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫାର (ୱସ୍ୱ) ପକ୍ଷରୁ ସ୍ଥାନୀୟ ଜୟଦେବଭବନ ଠାରେ ଆୟୋଜିତ ବସୁଧାମାତା ସମ୍ମାନ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟ ଅତିଥି ଭାବେ ରାଜ୍ୟ ଅଲିମ୍ପିକସ୍ ସଂଘ ସଭାପତି ସମୀର ମହାନ୍ତି ଯୋଗ ଦେଇଥିଲେ । ୱସ୍ୱର ସମ୍ପାଦିକା ଜୋସ୍ନା ଦାସ ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ବସୁଧାମାତା ସମ୍ମାନ ଉପରେ ଆଲୋକପାତ କରିବା ସହିତ ୱସ୍ୱର ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦିପ୍ତିମୟୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜ ଗଠନରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସଞ୍ଜୀବ କୁମାର ପ୍ରଧାନ ଓ ଶର୍ମିଷ୍ଠା ନାୟକ ଅତିଥି ପରିଚୟ କରିଥିଲେ । ବସୁଧାମାତା ସମ୍ମାନ ସମାରୋହର ସଭାପତି ଅବସରପ୍ରାପ୍ତ ଆଇଏଏସ ହୃଷିକେଶ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।

ଏହି ଅବସରରେ ବସୁଧାମାତା ସମ୍ମାନ ସମାରୋହର ସ୍ମରଣିକା "ମୋ ମା' ଉନ୍ମୋଚନ ହୋଇଥିଲା । ସମାରୋହରେ ସୁଷମା ନନ୍ଦଙ୍କୁ ତାଙ୍କର ଜୀବନବ୍ୟାପୀ ସେବା ଓ ସାଧନା ପାଇଁ ଚଳିତବର୍ଷର ବସୁଧାମାତା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିଭଳି ସମାଜ ଓ ସଂସାରରେ ଉଲ୍ଲେଖନୀୟ ସେବା ଓ ତ୍ୟାଗ ପାଇଁ ନିବେଦିତା ଲେଙ୍କା, ସ୍ୱର୍ଣ୍ଣପ୍ରଭା ରାଉତ, ଭାରତୀ ମହାନ୍ତି, କବିତାରାଣି ଗିରି, ସମିତି ମହାନ୍ତି, ତୁନାପ୍ରଭା ସେନାପତି ଓ ସିଲା ପଟ୍ଟନାୟକ ପ୍ରମୁଖ ମା'ଙ୍କୁ ଆଦର୍ଶମାତା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ପାଇଁ ଶ୍ରୀରାମ ଗ୍ରାମିଣ ବିକାଶ ସଂଘର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାତୃ ଦିବସ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରମୋଦ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




# ଅନଲାଇନ ଆଇପିଏଲ ବେଟିଂ ର୍ୟାକେଟ ଠାବ
## ଜଣେ ଗିରଫ, ୫୦ ହଜାର ଟଙ୍କା ଜବତ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରରେ ଏବେ ବେଧଡକ ଭାବେ ଚାଲିଛି କ୍ରିକେଟ ବେଟିଂ । ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ସଟ୍ଟା ବଜାରରେ ଉଡୁଛି । ଗତ ୧ମାସ ଧରି ଚାଲିଥିବା ଏହି ଆଇପିଏଲ ବେଟିଂ ରେ ଅଳ୍ପ ସମୟ ମଧ୍ୟରେ ଲକ୍ଷପତି ହେବା ଆଶାରେ ନିଜର କଷ୍ଟଉପାର୍ଜିତ ଟଙ୍କା ହରାଇ ବସିଛନ୍ତି । ବ୍ରହ୍ମପୁର ବଡ ବଜାର ଥାନା ପୋଲିସ ଆଇପିଏଲ ମ୍ୟାଚ ଅନଲାଇନ ବେଟିଂ କରୁଥିବା ଜଣେ ବୁକିଙ୍କୁ କାବୁ କରିଛି ।ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶାନ୍ତିନାଗରର ରଜନୀ ରଞ୍ଜନ ରାଉତ (୨୭ ) । ଅଭିଯୁକ୍ତ ଠାରୁ ପୋଲିସ, ୩ ଗୋଟି ମୋବାଇଲ ଓ ଏକ୍ସପ୍ଲସ ୧୧ ଆର୍ ମୋବାଇଲ ଫୋନ ସହ ନଗଦ ଟଙ୍କା: ୫୦,୨୦୦ ଟଙ୍କା ଜବତ କରିଛି ।ମାମଲା ନଂ ୨୯୭/୨୬ ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ।ପୋଲିସ ସୂଚନା ପ୍ରକାରେ ୯ ତାରିଖ ରାତି ପ୍ରାୟ ସାଢେ ୯ ଟା'ରେ ପୋଲିସ ଟିମ ଫାଷ୍ଟ ଗେଟ ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ସମୟରେ ଅଟୋ ନଗର ନିକଟରେ ଅନଲାଇନ ବେଟିଂ ହେଉଥିବା ବିଶ୍ୱସ ଯୋଗ୍ୟ ଖବର ପାଇଥିଲା । ସେଠାରେ ଚଢଉ କରାଯାଇଥିଲା । ଅଭିଯୁକ୍ତ ରଜନୀ ରଞ୍ଜନ ରାଉତ ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ ମ୍ୟାଚ ଚାଲୁ ଥିବା ସମୟରେ ସ୍କାଏ ଏକ୍ସଚେଞ୍ଜ ପ୍ଲାଟଫର୍ମରେ ସକ୍ରିୟ ଭାବେ ବେଟିଂ ଚଳାଉଥିବା ଅବସ୍ଥାରେ ଧରାପଡ଼ିଥିଲା । ସେ ଗ୍ରାହକଙ୍କୁ ହାଟ୍ସଆପ ମାଧ୍ୟମରେ ଆଇଡି ଓ ପାସୱାର୍ଡ ଯୋଗାଇ ଦେଉଥିଲେ ଏବଂ ଅନ୍ୟ ଅଭିଯୁକ୍ତଙ୍କ ଠାରୁ ବେଟିଂ ପ୍ୟାନେଲ ନେଇ ଗ୍ରାହକଙ୍କୁ ବେଆଇନ ଭାବେ ଯୋଗାଇ ଦେଉଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି । ଅଭିଯୁକ୍ତଙ୍କ ସହ ଜଡ଼ିତ ଆକାଉଣ୍ଟ ଗୁଡ଼ିକୁ ଫ୍ରିଜ କରିବା ପ୍ରକ୍ରିୟା ଚାଲିଛି । ଏହି ରାକେଟ୍ରେ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି ।ଏହି ପ୍ରକାର ଅବୈଧ ବେଟିଂ କାର୍ଯ୍ୟକଳାପ ବିରୋଧରେ ପୋଲିସ କଠୋର ଅଭିଯାନ ଜାରି ରଖିଛି ବୋଲି ବ୍ରହ୍ମପୁର ଏସପି ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି ।



# ୧୫ ହଜାର ଟଙ୍କାରେ ଶିଶୁ କନ୍ୟା ବିକ୍ରିକଲେ ବାପା-ମା

ଧାମନଗର, (ସବ୍ୟୁ): ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ ଛକ ନିକଟ ଡମଆଡ଼ି ଅଂଚଳରେ ଅଭାବ ଅନାଟନରେ ପଡ଼ି ଜଣେ ଦମ୍ପତି ନିଜ ୪ବର୍ଷର ଝିଅକୁ ୧୫ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଘଟଣା ଲୋକଲୋଚନକୁ ଆସିଛି ।

ଖବର ନେବାରୁ ଜଣାଯାଇଛି ଯେ ଡମଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ନିଜ ସାନ ଝିଅ ରାନୁ ମୁଣ୍ଡାକୁ ଶନିବାର ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା କଥା ସ୍ୱୀକାର କରିଥିବା ଜଣାପଡ଼ିଛି । ତାଙ୍କ ପରିବାରରେ ଏବେ ୩ଟି ସନ୍ତାନ ଥିବାବେଳେ ୨ଝିଅ ଓ ଜଣେ ବଡ଼ ପୁଅ ଘରେ ରହିଛନ୍ତି । ସାନ ଝିଅକୁ ଟଙ୍କା ନେଇ ଅନ୍ୟ ଜଣକୁ ବିକ୍ରି କରିଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବନ୍ଧୁଆ ମୁଣ୍ଡାଙ୍କ ମୂଳ ଘର ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ଗ୍ରାମରେ ହୋଇଥିବାବେଳେ ପ୍ରାୟ ଏକ ବର୍ଷ ହେବ ସେମାନେ ଡମଆଡ଼ିରେ ରହି ଦୟନିୟ ଅବସ୍ଥାରେ ପାରିବାର ଚଳାଉଥିବା ଜଣାଯାଇଛି । ଗତ ଶୁକ୍ରବାର ପଡ଼ୋଶୀ ଘରେ ଏକ ପୂଜା କାର୍ଯ୍ୟକ୍ରମ ଥିବାରୁ ବାଲେଶ୍ୱରରୁ ଦୁଇ ଜଣ ବ୍ୟକ୍ତି ଆସିଥିଲେ । ସେଠାରେ ଶିଶୁଟିକୁ ନେଇ କଥାବାର୍ତ୍ତା ହୋଇଥିବା ସୂଚନା ମିଳିଛି । ଗତ ଶନିବାର ଦିନ ଧାମନଗର ବଜାରରେ ଶିଶୁଟିକୁ ସେମାନଙ୍କ ହାତକୁ ଦେଇ ୧୦ହଜାର ଟଙ୍କା ନେଇଥିବାବେଳେ ପୂର୍ବରୁ ୫ ହଜାର ଟଙ୍କା ନେଇଥିବା କଥା ସଂପୃକ୍ତ ଦମ୍ପତି କହିଥିବା ଜଣାପଡ଼ିଛି । ଏହି ଟଙ୍କାର ଭିତରୁ ମା କାଳୀ ମୁଣ୍ଡା ୧ହଜାର ଟଙ୍କାର ଖାଇବା ଜିନିଷ କିଣିଦେଇଥିବାବେଳେ ଅନ୍ୟଟଙ୍କା ଜଣେ ପଡ଼ୋଶୀକୁ ରଖିବା ପାଇଁ ଦେଇଥିବା କହିଛନ୍ତି । ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ଘଟଣାସ୍ଥଳରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭଶ୍ରୀ ପଡ଼ିହାରୀ, ରମାକାନ୍ତ ଜେନାଙ୍କ ସମେତ ଧାମନଗର ଥାନାର ଏସଆଇ ରଶ୍ମିତା ମଲ୍ଲିକ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

ପୋଲିସ ଘଟଣାର ସମସ୍ତ ଦିଗକୁ ତନଖି କରୁଥିବାବେଳେ ଶିଶୁଟିର ସୁରକ୍ଷା ଓ ଅବସ୍ଥିତି ନେଇ ଚିନ୍ତା ବଢ଼ିଛି । ତେବେ ଶିଶୁଟିକୁ କୋଲକାତା ଚାଲାଣ ପାଇଁ ବ୍ୟବସ୍ଥା କରାଯାଉଥିବା କେତେକ ବ୍ୟକ୍ତି ଆଲୋଚନା କରୁଛନ୍ତି । ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଝିଅଟିକୁ ଠାବ କରିବା ପାଇଁ ବିଭିନ ସ୍ଥାନରେ ତଲାସୀ ଜାରି ରଖିଥିବାବେଳେ ଖୁବଶିଘ୍ର ତାକୁ ଉଦ୍ଧାର କରାଯିବ ବୋଲି ସୂଚନା ଦେଇଛନ୍ତି ।



# ଟ୍ରାକ୍ଟର ଚକା ତଳେ ଚାପି ହୋଇ ଛାତ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ) : ସଦର ଥାନା ଅନ୍ତର୍ଗତ ଲାଠି-ବ୍ରହ୍ମପୁର ରାସ୍ତାରେ ରବିବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଟ୍ରାକ୍ଟର ଚକା ତଳେ ଚାପି ହୋଇ ଚାପାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ଲାଠିର ସାଇରାମ ସୁଆର(୧୨) । ଏହାକୁ ନେଇ ସେଠାରେଚାପା ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲ ପଠାଇଥିଲ । ଦୂର୍ଘଟଣା ଘଟାଇଥିବା ଟ୍ରାକଟର ଜବତ କରିବା ସହ ଚାଳକକୁ କାବୁ କରି ଥାନରେ ଅଟକ ରଖିଛି । ଘଟଣାରୁ ପ୍ରକାଶ ଯେ, ଲାଠି ପଟ୍ଟୁ ଏକ ଟ୍ରାକଟର ଗୋଡି ବୋଝେଇ କରି ବ୍ରହ୍ମପୁର ଆସୁଥିଲା । ଲାଠିର ସାଇରାମ ସୁଆର ଏକ ସାଇକେଲରେ ଉକ୍ତ ରାସ୍ତାରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକଟରଟି ତାଙ୍କ ଉପରେ ମାଡି ଯାଇଥିଲା । ଦୁର୍ଘଟଣାସ୍ଥଳରେ ହିଁ ସାଇରାମଙ୍କ ଜୀବନ ଚାଲିଯାଇଥିଲା । ପୋଲିସ ଏ ସଂକ୍ରାନ୍ତରେ ନଂ. ୨୭୮/୨୬ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ରାଜଯୋଗୀ ଜଗଦୀଶଚନ୍ଦ୍ରଙ୍କ ଅବ୍ୟକ୍ତ ସ୍ମୃତି ଦିବସ




ଆସିକା , (ସବ୍ୟୁ): ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ପ୍ରଥମ ସର୍ବ ଭାରତୀୟ ମୁଖ୍ୟ ପ୍ରବକ୍ତା ରାଜଯୋଗି ଜଗଦୀଶଚନ୍ଦ୍ର ହାସୀଜାଙ୍କ ୨୫ତମ ଅବ୍ୟକ୍ତ ସ୍ମୃତି ଦିବସ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ପାଳିତ ହୋଇଯାଇଛି ।ଶାନ୍ତି ଶକ୍ତି ଭବନର ସଭାଗୃହରେ ଆୟୋଜିତ ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ସେବାକେନ୍ଦ୍ରର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ସଂଯୋଜନା କରିଥିଲେ ।ଅବସରପ୍ରାପ୍ତଶିକ୍ଷକ ଏ ଯୁଧିଷ୍ଠିର ଦୋରା, ପ୍ରଦୀପ କୁମାର ରାଉତ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୂର୍ଗା ପ୍ରସାଦ ପଣ୍ଡା ଆସିକା ହେଡ ପୋଷ୍ଟ ଅଫିସର ଡେପୁଟି ପୋଷ୍ଟ ମାଷ୍ଟର ମହାକାଳ ନାୟକ ପ୍ରମୁଖ ଯୋଗଦେଇ ରାଜଯୋଗି ଭ୍ରାତା ଜଗଦୀଶଜୀଙ୍କ ବହୁମୁଖୀ ପ୍ରତିଭା ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପାକିସ୍ତାନର ମୁଲତାନ ପ୍ରଦେଶରେ ଜନ୍ମିତ ଭ୍ରାତା ଜଗଦୀଶଚନ୍ଦ୍ର ୧୯୫୨ ମସିହାରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆସିବା ପରେ ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ୨୦୦ରୁ ଅଧିକ ପୁସ୍ତକ ରଚନା କରିବା ସହିତ ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରକାଶିତ ମାସିକ ପତ୍ରିକା ମାଧ୍ୟମରେ ଭାରତୀୟ ଦୈବୀ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଥିବା ବ୍ରହ୍ମାକୁମାରୀ ପ୍ରଭାତୀ ପ୍ରକାଶ କରି ସେ ୫୦ରୁ ଅଧିକ ଦେଶ ଭ୍ରମଣ କରି ସମଗ୍ର ବିଶ୍ୱରେ ପରମାତ୍ମା ଶିବପିତାଙ୍କ ଏକ ବିଶପରିବାରର ଚେତନା ଦାରା ସମଗ୍ର ବିଶ୍ୱବାସୀଙ୍କୁ ଅନୁପ୍ରାଣିତ କରିବାରେ ପୁରୋଧା ସାଜିଥିବା ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଆସିକା ସହର ର ବହୁ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଓ ଶତାଧିକ ଭଉଣୀ ଭାଇ ଯୋଗ ଦେଇ ରାଜଯୋଗି ଭ୍ରାତା ଜଗଦୀଶଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ
## ସ୍ୱାମୀ ଗିରଫ

ବୁଗୁଡା ,(ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ ଗ୍ରାମରେ ସ୍ତ୍ରୀ ସୈରିନ୍ଧ୍ରୀ ବେହେରା (୫୩) ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀ ମୁରଲି ବେହେରା (୬୩) ଗିରଫ ସହ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଏ ନେଇ ପୋଲିସ ଥାନାରେ କେସ ନଂ ୨୨୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗତ ୯ ତାରିଖ ସକାଳେ ମୁରଲୀ ମଦ ପିଇବା ପାଇଁ ତାଙ୍କ ସ୍ତ୍ରୀ ସୈରିନ୍ଧ୍ରୀଙ୍କୁ ଟଙ୍କା ମାଗିଥିଲେ । ସୈରିନ୍ଧ୍ରୀ ମଦ ପାଇଁ ଟଙ୍କା ଦେବାକୁ ରୋକଠୋକ ମନା କରିଦେଇଥିଲେ । ଏଥିରେ ମୁରଲୀ ରାଗିଯାଇ ଘରେ ଥିବା ଏକ ଲୁହାରଡରେ ସୈରିନ୍ଧ୍ରୀଙ୍କୁ ଆକ୍ରମଣ କରିଥିଲେ । ଏହାକୁ ଅଟକାଇବାକୁ ଯାଇ ସୈରିନ୍ଧ୍ରୀଙ୍କ ବାମ ହାତ କ୍ଷତାକ୍ତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଚିତ୍କାର କରି ତଳେ ପଡି ଅଚେତ ହୋଇଯାଇଥିଲେ । ତଥାପି ମୁରଲୀର ରାଗ ଶାନ୍ତ ହୋଇନଥିଲା । ସେ ସୈରିନ୍ଧ୍ରୀଙ୍କ ଛାତି ଉପରେ ବସି ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ଗାଁ ଲୋକେ ଘରେ ପଶି ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ । ସ୍ୱାମୀଙ୍କ ପରକିୟା ପ୍ରୀତି ସହିତ ଏଭଳି ହତ୍ୟା ଉଦ୍ୟମକୁ ନେଇ ସ୍ତ୍ରୀଙ୍କ ଅଭିଯୋଗ ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡ଼ି ଘଟଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ ସହ ରବିବାର ଦିନ କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ଗଛରେ ବାଇକ୍ ପିଟି ହୋଇ ୨ ମୃତ

ଆଠଗଡ ,(ସବ୍ୟୁ): ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ନିକଟସ୍ଥ ଅଂଶୁପା ରାସ୍ତାରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ରାସ୍ତାରେ ଅନ୍ୟ ଜଣେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ବାଙ୍କି ଥାନା ଅନ୍ତର୍ଗତ ଘୋଡ଼ାବର ଗ୍ରାମର କାହ୍ନୁ ନାଏକଙ୍କ ପୁଅ ଲିଟୁ ନାଏକ (୨୭)ଶେଖର ନାଏକଙ୍କ ପୁଅ ରାଜେଶ ନାଏକ (୨୦) ଓ ଖୁଣ୍ଟକଟା ବସନ୍ତ ନାଏକଙ୍କ ପୁଅ ଚନ୍ଦନ ନାଏକ ଏକୟାମାହା ଏଫ ଜେଡ ବାଇକ ନଂ ଓଡି ୦୫ ବିବି ୯୭୪୩ ଯୋଗେ ଆଠଗଡ଼ ଆଡେ ଆସୁଥିବା ବେଳେ ରାସ୍ତା ଉପରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଡିଭାଇଡରରେ ମାଡ ହେବା ସହ ଏକ ଗଛରେ ପିଟି ହୋଇ ଯାଇଥିଲେ । ଘଟଣା ସ୍ଥଳରେ ଲିଟୁ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ୨ ଆହତଙ୍କୁ ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା । କଟକ ଯିବା ବାଟରେ ଚନ୍ଦନର ମୃତ୍ୟୁ ହେଇଥିବା ଜଣାପଡିଛି । ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହ ଆଠଗଡ ଥାନା କେସ ନଂ ୧୯୭/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ବ୍ଲକ ଅଧୀନ ଶାଳଝରିଆ ଗ୍ରାମର ଅଭୟ ବେହେରା(୭୦) ନାମକ ଜଣେବୃଦ୍ଧ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ବୃଦ୍ଧ ଜଣକ ଶନିବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ପୋଖରୀରେ ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ । ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବରିଷ୍ଠ ଡାକ୍ତର ଅଭିଷାର ପଣ୍ଡାଙ୍କ ଠାରୁ ପ୍ରକାଶ । ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଠାରୁ ସୂଚନା ମିଳିଛି ।

# ବାରିପଦାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬

ବାରିପଦା, (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୮୭୯୦ଟି ମାମଲା ମଧ୍ୟରୁ ୨୪୯୭ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୧,୭୧,୩୬,୩୭୯ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି ।

ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୫୨୨୦ ଗୋଟି ମାମଲା ମଧ୍ୟରୁ ୩୫୩ ଟି ମାମଲା ଅପୋଷ ବିଚାର ହୋଇ ୧,୦୩,୬୮,୪୮୩ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି । ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୩,୫୭୦ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୮୪ଟି ମଧ୍ୟରୁ ୩ଟି, ଏନ.ଆଇ.ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୪୦ଟି ମାମଲା ମଧ୍ୟରୁ ୨୬ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୧୫୦ଟି ରୁ ୯ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୮୮ଟି ରୁ ୧ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୦୨ଟି ମାମଲା ମଧ୍ୟରୁ ୫୩ଟି, ରାଜସ୍ୱ ମାମଲା ୨୪୮୮ଟି ମଧ୍ୟରୁ ୧୯୬୭ଟି, ଅନ୍ୟାନ୍ୟ ଦେଓ୍ୱାନୀ ମାମଲା ୨୫୨ଟି ମଧ୍ୟରୁ ୪୩ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୯୩ଟି ମଧ୍ୟରୁ ୪୧ଟି ମିଶାଇ ମୋଟ ୨୪୯୭ଟି ମାମଲାର ଫଇସଲା କରାଯାଇ ମୋଟ ୧କୋଟି ୭୧ଲକ୍ଷ ୩୬ହଜାର ୩୭୯ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁମନ କୁମାର ମିଶ୍ର, ପରିବାର ଅଦାଲତ ଜଜ୍ ପ୍ରଜେଯାତି ରାଉତ, ଚିଫ ଜୁଡିଶିୟାଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ରେଜିଷ୍ଟ୍ରାର ଶ୍ରୁତିସ୍ନିଗ୍ଧା ଦାସ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ୍ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ୍ ଜଜ୍ ଡ଼ଃ ନିଶାକର ସାହୁ, ଏସଡିଜେଏମ ଜୁଓ୍ୱେଲ ପଟ୍ଟନାୟକ, ଜେଏମଏଫସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତି, ଜେଏମଏଫ.ସି ନିଳିଶା ପଟ୍ଟନାୟକ, ଜେଏମଏଫସି ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ତାପସ କୁମାର ଦତ୍ତ, ସତ୍ୟନାରାୟଣ ବେହେରା, କମଲ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।




# ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପିଇଓଙ୍କ ମୃତ୍ୟୁ ମାମଲା
## ଅଭିଯୁକ୍ତ ଏଟିଓଙ୍କୁ ଗିରଫ ଦାବି କଲେ ସ୍ତ୍ରୀ ବି ଜାନକୀ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ମୋର ସ୍ୱାମୀ ବି ଦଣ୍ଡପାଣି ପାତ୍ର କାର୍ଯ୍ୟରତ ଥିଲେ ।

ପ୍ରକାଶ ଥାଉ କି, ଚଳିତ ବର୍ଷ ଫେବୃଆରୀ ୩ ତାରିଖରେ (ସୁନାପୁର) ବେଳାଭୂମି ମହୋତ୍ସବ ସ୍ଥଳରେ କାର୍ଯ୍ୟରତ ଥିବା ସମୟରେ ଝାଟିପଦର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡଙ୍ଗୀ ଅଶାଳୀନ ଗାଳିଗୁଲଜ କରି ମୋ ସ୍ୱାମୀଙ୍କୁ ମିଥ୍ୟାରୋପ ଲଗାଇ ସର୍ବ ସମ୍ମୁଖରେ ଘୋର ଅପମାନିତ ଓ ଲଜ୍ଜିତ କରିଥିଲେ । ଫଳରେ ମୋର ସ୍ୱାମୀ ଘୋର ମାନସିକ ଚାପଗ୍ରସ୍ତ ହୋଇ ନିଜର ମାନସିକ ଭାରସାମ୍ୟ ହରାଇଦୁଇ ଦିନ ପରେ ୪ ତାରିଖ ପୂର୍ବାହ୍ନରେ ଆତ୍ମହତ୍ୟାର ଉଦ୍ୟମ କରିଥିଲେ । ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ରେ ଭର୍ତ୍ତି ହୋଇ ଥିବା ବେଳେ ଦୀର୍ଘ ୧୪ ଦିନ ମେଡିକାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ୧୭ ତାରିଖରେ ମୃତ୍ୟୁବରଣ କରିଥିଲେ । ଏନେଇ ଏକ ଆତ୍ମହତ୍ୟା ନୋଟ ଲେଖିଥିଲେ, ଯେଉଁଥିରେ ମହିଳା ଏଟିଓ ଚିକିଟି ଶାଶ୍ୱତୀ ଷଡଙ୍ଗୀଙ୍କୁ ଦାୟୀ କରିଥିଲେ ।

ଉକ୍ତ ଘଟଣାରେ ସମ୍ପୃକ୍ତ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦାୟୀ କରି ଏକ ଅଭିଯୋଗ ପତ୍ର ଦିଆଯାଇଥିଲା କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ମୋ ସ୍ୱାମୀଙ୍କର ହସ୍ତଲିଖିତ ଆତ୍ମହତ୍ୟାର କାରଣ ସମ୍ପର୍କିତ ଏକ ନୋଟ ମିଳିବା ପରେ ଗୋଳନ୍ଥରା ଥାନାକୁ ଜଣାଇଲେ ମଧ୍ୟ ସମ୍ପୃକ୍ତ ପୋଲିସ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଏବଂ ଉକ୍ତ ଆତ୍ମହତ୍ୟା ନୋଟ କୁ ଜବତ କଲେ ନାହିଁ । ମୋର ସ୍ୱାମୀଙ୍କ ମୃତ୍ୟୁ ପାଇଁ ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡଙ୍ଗୀ ସଂପୂର୍ଣ୍ଣ ରୂପେ ଦାୟୀ ଅଟନ୍ତି ଏବଂ ମୋର ସ୍ୱାମୀଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିଥିବାରୁ ତାଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ତୁରନ୍ତ ଗିରଫ କରି ମୋତେ ଉଚିତ ନ୍ୟାୟ ଦିଆ ଯାଉ ବୋଲି ଆଜି ସ୍ଥାନୀୟ କମାପଲ୍ଲୀ ସ୍ଥିତ ପିଡବ୍ଲୁବି ଆଇବି ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ତ୍ରୀ ବି ଜାନକୀ ପାତ୍ର ଦାବି କରିଛନ୍ତି । ଆୟୋଜିତ ଏହି ସମ୍ମିଳନୀରେ ଆଇନଜୀବୀ ଦୀପକ ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପୂର୍ତ୍ତ ବିଭାଗ ରାସ୍ତାରୁ ଉଠିଲା କଂକ୍ରିଟ, ମରାମତି ହେଉନି



ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁରଭାୟା ରଣିଆ କଟା ଦେଇ ମାଧପୁର ପର୍ଯ୍ୟନ୍ତ ନିର୍ମାଣହୋଇ ଥିବା ପୂର୍ତ୍ତ ବିଭାଗ ରାସ୍ତାର ଦୋହଲି ଛକ ନିକଟରେ କିଛି ମାସ ହେବ କଂକ୍ରିଟ ଉଠି ଯାଇଛି । ଫଳରେ ଏହି କଂକ୍ରିଟ ରାସ୍ତା ଟି ମରାମତି କରାଯାଉ ନଥିବା ଯୋଗୁଁ ଅନେକ ସମୟ ରେ ଦୁର୍ଘଟଣା ଘଟୁଛି । ଫଳରେ ଶନିବାର ଦିନ ଦୋହଲି ଅଞ୍ଚଳର ଯୁବକ ସଂଗଠନ ପକ୍ଷରୁ ଆଠମଲ୍ଲିକ ଉପ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି ।

ଅଂଚଳବାସି କହିବା ଅନୁଯାୟୀ ୨୦୨୪ ମସିହାରେ ଏହି ରାସ୍ତାକୁ କୋଟି କୋଟି ଟଙ୍କା ବିନିଯୋଗରେ ସମ୍ପ୍ରସାରଣ କରାଯାଇ ନୂତନ ରାସ୍ତା ନିର୍ମାଣ କରିଥିଲେ । ହେଲେ ଉକ୍ତ ରାସ୍ତା କାମ ଅତି ନିମ୍ନ ମାନର ର୍ନିମାଣ ହୋଇ ଥିବା ଯୋଗୁଁ ଅନେକ ସ୍ଥାନରେ କଂକ୍ରିଟ ଫାଟି ଗର୍ତ୍ତ ସୃଷ୍ଟି ହୋଇଛି । ବିଶେଷ କରି ଦୋହଲି ଛକ ଠାରେ କଂକ୍ରିଟ ରାସ୍ତା ଫାଟି ଯାଇଥିବା ବେଳେ ଉଠି ଯାଇଛି । ଏହି ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରାଯାଉ ନଥିବା ଯୋଗୁଁ ରାସ୍ତା ରେ ଅନେକ ପଥ ଚଲା ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି । ଏପରିକି ଏହି ବାଟ ଦେଇ ଯାଉଥିବା ଅନେକ ବାଇକ ଆରୋହୀ ଖସି ପଡି ଆହାତ ହେଉଛନ୍ତି । ଠିକା ସଂସ୍ଥା ପକ୍ଷରୁ ରାସ୍ତା ଗୁଡିକ ଅତି ନିମ୍ନ ମାନର କରା ଯାଉଥିବାବେଳେ ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇ ଅଂଚଳବାସି ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ର କନିଷ୍ଠ ଯନ୍ତ୍ରୀ ହିମାଂଶୁ ମହାଳିକ କୁହନ୍ତି- ଉକ୍ତ ରାସ୍ତା ମରାମତି କରିବା ପାଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ।

# ଦନ୍ତା ହାତୀ ଆକ୍ରମଣରେ ମହିଳା ମୃତ

ରାସୋଳ/ହିନ୍ଦୋଳ/ ଢେଙ୍କାନାଳ, (ସବ୍ୟୁ) : ହିନ୍ଦୋଳ ବନାଞ୍ଚଳରେ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆଜି ଖଜୁରିଆକଟା ସେକ୍ସନ ବାର୍ଷୀଙ୍ଗା ଗ୍ରାମରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଯାଇଛି ।

ସୂଚନା ଅନୁଯାୟୀ ଗ୍ରାମର ସୋମନାଥ ବିଶ୍ୱାଳଙ୍କ ଧର୍ମପନୀ ଭାରତୀ ବିଶ୍ୱାଳ (୫୩ )ଘର ନିକଟରେ ଥିବା ପଡ଼ିଆକୁ ସକାଳେ ଶୌଚ ହେବାକୁ ଯାଇଥିବା ବେଳେ ଦନ୍ତା ହାତୀ ଆକ୍ରମଣର ଶିକାର ହୋଇଥିଲେ । ଭାରତୀ ଜୋରରେ ଚିତ୍କାର କରିବାରୁ ସାହି ପଡ଼ିଶା ଦୌଡି ଆସି ଭାରତୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲେ । ଦନ୍ତାହାତୀଟି ଏତେ ମାତ୍ରାରେ ଉଗ୍ର ହୋଇ ଯାଇଥିଲା ଯେ ସର୍ବ ସମ୍ମୁଖରେ ଭାରତୀଙ୍କୁ ଗୋଡ଼ରେ ଦଳି ଚାଲିଥିଲା । ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ବହୁ ମୁସ୍କିଲରେ ହାତୀକୁ ଘଉଡାଇ ଭାରତୀଙ୍କୁ ହିନ୍ଦୋଳ ଡାକ୍ତରଖାନା କୁ ପରିବାର ଲୋକଙ୍କ ସହାୟତାରେ ନେଇ ଯାଇଥିଲେ । ସେଠାରେ ଡାକ୍ତର ଭାରତୀଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ଲୋକଙ୍କ ଲିଖିତ ଅଭିଯୋଗ କ୍ରମେ ବାଲିମି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ମୃତ ପରିବାର ବର୍ଗକୁ ହସ୍ତାନ୍ତର କରିଥିଲେ ଏକ ବର୍ଷ ଭିତରେ ହାତୀ ଆକ୍ରମଣରେ ବାର୍ଷୀଙ୍ଗା ଗ୍ରାମର ଦୁଇ ଜଣଙ୍କର ମୃତ୍ୟୁ ଘଟି ସାରିଛି । ଦୁଇ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।

କିଛିଦିନ ତଳେ ଗ୍ରାମର ନବକିଶୋର ମହାରଣା ଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ଆଜି ଭାରତୀ ବିଶ୍ୱାଳଙ୍କ ମୃତ୍ୟୁ ଖବର ନେଇ ଅଞ୍ଚଳରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇ ଯାଇଛି । ଭାରତୀଙ୍କ ଘର ଜଗନ୍ନାଥପୁର ସାହିରେ ହୋଇଥିବା ବେଳେ ବସ୍ତିକୁ ଲାଗି ରହିଛି ବିରାଟ ଜଙ୍ଗଲ ଯାହା ଫଳରେ ବସ୍ତି ବାସିନ୍ଦା ଦିନର ୨୪ ଘଣ୍ଟା ଏକ ପ୍ରକାର ଭୟଭୀତ ଅବସ୍ଥାରେ ରହୁଛନ୍ତି । ସେମାନଙ୍କୁ ଯଦି ସରକାର ଉପଯୁକ୍ତ ସୁରକ୍ଷା ଯୋଗାଇ ନଦିଅନ୍ତି ସମୟ ଆସିବ ବସ୍ତି ଟି ଜନଶୂନ୍ୟ ହୋଇଯିବ । ବସ୍ତି ବାସିନ୍ଦାଙ୍କ ମୂଳଦାବୀ ରହିଛି ସେମାନ ଙ୍କଧନ ଜୀବନ ରକ୍ଷା ପାଇଁ ସୋଲାର ତାରବାଡ଼ ବ୍ୟବସ୍ଥା ଓ ରାତ୍ରୀ ସମୟରେ ବନ ବିଭାଗର କଡ଼ା ପାଟ୍ରୋଲିଙ୍ଗ ବ୍ୟବସ୍ଥା ନିହାତି ଦରକାର ପଡୁଛି । ସନ୍ଧ୍ୟାପରେ ଯଦି କାହାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ତାହାହେଲେ ସେମାନେ ସକାଳ ଯାଏଁ ଅପେକ୍ଷା କରି ରହିବାକୁ ଏକ ପ୍ରକାର ବାଧ ହୋଇ ପଡିଛନ୍ତି । ସନ୍ଧ୍ୟାପରେ ଆମ୍ବୁଲାନ୍ସ କୁ ଡାକିଲେ ମଧ ଗାଡ଼ି ଚାଳକ ଗାଡ଼ି ନେବାକୁ ରୋକଠୋକ ମନା କରି ଦେଉଛି । ଏପରି ସ୍ଥଳେ ଭାଗ୍ୟକୁ ଆଦରି ପଡ଼ିଛନ୍ତି ଜଗନ୍ନାଥପୁର ସାହି ବାସିନ୍ଦା ।

ଆଜିର ଘଟଣାକୁ ନେଇ ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଉଦବେଗ ପ୍ରକାଶ କରିବା ସହ ଆରସିସିଏଫ ସଞ୍ଜୟ ସଓ୍ୱାଇଁ ଙ୍କୁ ଫୋନ କରି ଲୋକସଭା ଅନ୍ତର୍ଗତ ଦୁଇ ଜିଲ୍ଲା ରେ ବନ ବିଭାଗ ରେ ଖାଲି ଥିବା ରେଞ୍ଜର, ଡେପୁଟି ରେଞ୍ଜର, ଫରେଷ୍ଟର, ଫରେଷ୍ଟରଗାର୍ଡ ପଦବୀ ପୂରଣ ସହ ଅଧିକ ହାତୀ ଜଗୁଆଳି ନିଯୁକ୍ତି କରି ହାତୀ ଆକ୍ରମଣ ସମସ୍ୟାକୁ କିପରି ରୋକାଯାଇ ପାରିବ ସେନେଇ ମଧ ବିଷଦ ଆଲୋଚନା କରିଥିଲେ । ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମଧ ଢ଼େଙ୍କାନାଳ ଡିଏଫଓ ,ହିନ୍ଦୋଳ ରେଞ୍ଜର ଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ମୃତକ ପରିବାର ବର୍ଗକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ ଅଞ୍ଚଳବାସୀ ଙ୍କ ଧନ ଜୀବନ ସୁରକ୍ଷା ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନେଇ ଆଲୋଚନା କରିଛନ୍ତି । ହିନ୍ଦୋଳ ଡାକ୍ତରଖାନରେ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର ପରେ ଗ୍ରାମ ସ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ଖବର ପାଇ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ବିଜେପି ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ ପ୍ରମୁଖ ପହଂଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଅଛନ୍ତି ।

# ଉଜ୍ଜ୍ୱଳା ଗ୍ୟାସ ହିତାଧିକାରୀ ହନ୍ତସନ୍ତ

ଆଗରପଡ଼ା, (ସବ୍ୟୁ) : ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଉଜ୍ଜ୍ୱଳା ଗଯାସ ସିଲିଣ୍ଡର ନପାଇ ହିତାଧିକାରୀମାନେ ଗତ କିଛିଦିନ ହେଲା ହନ୍ତସନ୍ତ ହେଉଥିବାର ଜଣାପଡ଼ିଛି । ପୂର୍ବରୁ ଏହି ଯୋଜନା ଲାଗୁ ହେବା ବେଳକୁ ଆଗରପଡ଼ାରେ ଏହି ଗ୍ୟାସ ବିତରଣ କେନ୍ଦ୍ର ନଥିବାରୁ ଲୋକେ ଭଦ୍ରକ,ଭଣ୍ଡାରିପୋଖରୀ,ଖଇରା ଆଦି ବିତରଣ କେନ୍ଦ୍ରରେ ହିତାଧିକାରୀମାନେ ନାଆଁ ପଞ୍ଜିକରଣ କରିଥିଲେ । ଉପରୋକ୍ତ କେନ୍ଦ୍ରରୁ ସିଲିଣ୍ଡର ଆଣି ସ୍ଥାନୀୟ ଅଂଚଳର ଅଣିଜୋ,କାଦବରାଙ୍ଗ ସମେତ ଆଗରପଡ଼ାର କିଛି ବ୍ୟକ୍ତି ଏହି ହିତାଧିକାରୀମାନଙ୍କୁ ଯୋଗାଉ ଥିଲେ । ଯଦ୍ୱାରା ବଯବହାରକାରୀମାନେ ସୁବିଧାରେ ଗଯାସ ସିଲିଣ୍ଡର ପାଇପାରୁ ଥିଲେ । ମାତ୍ର କିଛିଦିନ ହେଲା ବିତରଣ କେନ୍ଦ୍ରଗୁଡ଼ିକ ଏହି ବ୍ୟକ୍ତିମାନଙ୍କୁ ଆଉ ସିଲିଣ୍ଡର ନଦେଇ ହିତାଧିକାରୀମାନେ ନିଜେ କେନ୍ଦ୍ରକୁ ଆସି ନେବା ପାଇଁ କହୁଛନ୍ତି । ସାଧାରଣତଃ ଗରୀବ ଶ୍ରେଣୀୟ ମହିଳାମାନେ ଏହି ଯୋଜନାର ହିତାଧିକାରୀ,ଅଧିକ ଖର୍ଚ୍ଚାନ୍ତ ହୋଇ ଦୂର ବିତରଣ କେନ୍ଦ୍ରକୁ ଯାଇ ସିଲିଣ୍ଡର ଆଣିବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରୁ ନାହିଁ । ଯଦ୍ୱାରା ଗ୍ୟାସ ଛାଡି ପୁଣି କାଠ ଚୁଲାମୁହାଁ ହେବାରେ ଲାଗିଲେଣି । ତେଣୁ ଏହି ଯୋଜନା ଅଧିକ ଦିନ ତିଷ୍ଠି ରହିବାକୁ ନେଇ ସାଧାରଣରେ ଆଶଙ୍କା ଦେଖା ଦେଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି ।

# ଅଖିଳ ଭାରତୀୟ ଗୋଣ୍ଡଓ୍ୱାନା ଗୋଣ୍ଡ ସମାଜ ଧଡରପାଳ ପୁଞ୍ଜିର ୨୩ତମ ବାର୍ଷିକ ଉତ୍ସବ

ବଇଣ୍ଡା ,(ସବ୍ୟୁ) : କିଶୋରନଗର ବ୍ଲକ ଅନ୍ତର୍ଗତ ଫୁଲଝରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅଖିଳ ଭାରତୀୟ ଗୋଣ୍ଡଓ୍ୱାନା ଗୋଣ୍ଡ ସମାଜ ଧଡରପାଳ ପୁଞ୍ଜି ପକ୍ଷରୁ ୨୩ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି । ରୀତିନୀତି ଅନୁସାରେ ପ୍ରଭୁ ଜଙ୍ଘାଦେବଙ୍କୁ ପୂଜା କରି ସଭା ଆରମ୍ଭ କରିଥିଲେ । ଏଥିରେ ଗୋଣ୍ଡ ସମାଜର ପୁଅ ଝିଅ ଅଧିକରୁ ଅଧିକ ଶିକ୍ଷା ଗ୍ରହଣ କରିବା , ରୋଜଗାରକ୍ଷମ ହେବା,ସମାଜର ରୀତିନୀତି ନିୟମ ମାନି ଚଳିବା, ମହିଳାମାନେ ସଶକ୍ତ ହେବା ଉପରେ ଆଲୋଚନା ହୋଇଥିଲା ଏବଂ ଚଳିତ ବର୍ଷ ଦଶମ ପରୀକ୍ଷାରେ





୬୦%ରୁ ଅଧିକ ମାର୍କ ରଖିଥିବା ନଅ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଏହା ପ୍ରତି ବର୍ଷ ମେଧାବୀ ଛାତ୍ର ଛାତ୍ରୀ ଙ୍କୁ ଦିଆଯାଉଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ଗୋଣ୍ଡଓ୍ୱାନା ଗୋଣ୍ଡ ମହାସଭାର ଜିଲ୍ଲା ସଭାପତି ସଦାଶିବ ନାୟକ ,ସମ୍ମାନିତ ଅତିଥିଭାବେ ମହିଳା ନେତ୍ରୀ ପ୍ରତିମା ଦେହୁରୀ,କେନ୍ଦ୍ର ସଭାପତି ପ୍ରସନ ନାୟକ,ଉପଦେଷ୍ଟା କର୍ଣ୍ଣ ନାୟକ ଯୋଗଦେଇଥିଲେ । ଏହି ସଭା ପୁଞ୍ଜି ସଭାପତି ସତ୍ୟବାଦୀ ନାୟକ ସହ ସମ୍ପାଦକ ଅର୍ଜୁନ ନାୟକଙ୍କ ନେତୃତ୍ୱରେ ପୁଞ୍ଜିର ସମସ୍ତ ଗ୍ରାମର ତିନିଶହ ସଭ୍ୟ ସଭ୍ୟା ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ଏବଂ ଅମରେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ ।

# ବଳରାମ କୋଇଲା ଖଣିରେ ସଂଘବଦ୍ଧ ଆକ୍ରମଣ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମର ଦୁଇଜଣ ଟ୍ରକ ମାଲିକଙ୍କୁ ଆକ୍ରମଣ ହୋଇଥିବା ଘଟଣା ସେହି ଅଂଚଳରେ ଚହଳ ପକାଇ ଦେଇଛି । ଘଟଣାରୁ ପ୍ରକାଶ ଦିବା ୧୧ଟା ସମୟରେ ସୋଲଡ଼ା ଗ୍ରାମର ଟ୍ରକ ମାଲିକ ସୁଧିରରଞ୍ଜନ (୫୮) ଓ ଆକାଶ ଜେନା (୩୨ଙ୍କ ଟ୍ରକରୁ ଖଣିଭିତରେ କିଛି ବଯକ୍ତି ଚାନ୍ଦା ଆଦାୟ କରୁଥିଲେ । ଉକ୍ତ ଟ୍ରକ ମାଲିକ ଖଣିରେ ଲୋଡ଼ିଙ୍ଗ ପଏଂଟରେ ଥିବା ଟ୍ରକ ପାଖକୁ ଯାଉଥିଲେ । ଏହି ସମୟରେ ଚାନ୍ଦା ଆଦାୟ କରୁଥିବା ୨୦ରୁ ୨୫ଜଣ ବଯକ୍ତି ସେମାନଙ୍କୁ ଲୁହାରେଡ଼ରେ ଆକ୍ରମଣ କରିଥିଲେ । ଉଭୟ ସେଠାରେ ଅଚେତ ହୋଇ ପଡ଼ିବା ଫଳରେ ସେମାନେ ମରିଗଲେ ବୋଲି ଭାବି ଆକ୍ରମଣକାରୀମାନେ ସେଠାରୁ ପଳାଇ ଯାଇଥିଲେ । କିଛି ସମୟରେ ପରେ ଜଣଙ୍କର ଚେତା ଫେରିଥିଲା । ସେ ତାଙ୍କ ସମ୍ପର୍କିୟଙ୍କୁ ଡ଼ାକିବାରୁ ସେମାନେ ଉଭୟଙ୍କୁ ଉଦ୍ଧାରକରି ଅନୁଗୋଳ ଚିକିତ୍ସାଳୟରେ ଭର୍ତି କରିଥିଲେ । ସୁଧିରର ଞ୍ଜନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସିପିଟାଲକୁ ନିଆ ଯାଇଛି ଓ ଆକାଶ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଗତ କିଛି ମାସହେବ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମବାସୀ ଏବଂ ଟ୍ରକମାଲିକ ସଂଘ ମଧ୍ୟରେ ଟ୍ରକ ଚାନ୍ଦା ଆଦାୟକୁ ନେଇ ବିବାଦ ଲାଗି ରହିଥିଲା । ଏହାର ସମାଧାନ ପାଇଁ ଗୋପାଳ ପ୍ରସାଦ ଥାନା ଅଧିକାରୀ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନେକ ଥର ବୈଠକ ବସିଛି ।

ଟ୍ରକମାଲିକମାନେ ବେଆଇନ ଭାବେ ଚାନ୍ଦା ଦେବାକୁ ରାଜି ନଥିବା ବେଳେ ଗ୍ରାମବାସୀମାନେ ଟ୍ରକପିଛା ୩୮୦ଟଙ୍କା ନେବାକୁ ଦାବି କରୁଛନ୍ତି । ଯାହାକୁ ନେଇ ଆଜକୁ ୬ମାସ ହେବ ଏଭଳି ପରିସ୍ଥିତି ଖଣି ପରିସର ମଧ୍ୟରେ ଲାଗି ରହିଛି । ଏନେଇ ଗୋପାଳ ପ୍ରସାଦ ଥାନାରେ ଟ୍ରକ ମାଲିକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି ।

# ମାନସିକ ବିକୃତ ମହିଳାଙ୍କୁ ଛଡ଼ଗଲା ମିଶନ ଆଶ୍ରାରେ





ତାଳଚେର,(ସବ୍ୟୁ) : ତାଳଚେର ରାମଚନ୍ଦ୍ର ବଜାର ଫାଷ୍ଟଗେଟ ଠାରେ ଅନେକ ଦିନ ହେବ ଜଣେ ବିକାରଗ୍ରସ୍ତ ମହିଳା ଆନୁମାନିକ ବୟସ (୪୦) ଏହି ମାର୍କେଟରେ ସେ ଘୂରୀ ବୁଲୁଥିଲେ । ଏହି ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ତାଳଚେର ପୋଲିସ ଏହାକୁ ହୃଦୟଙ୍ଗମ କରି ସମାଜସେବୀଙ୍କ ସହାୟତାରେ ତାଳଚେର ଟାଉନ ସ୍ଥିତ ଚମ୍ପାପଶି ରୋଡ଼ରେ ଥିବା ମିଶନ ଆଶ୍ରାରେ ଭର୍ତି କରାଯାଇଥିଲା । ଏହି ମହିଳା ଜଣଙ୍କର ପ୍ରକୃତ ଠିକଣା ଜଣାପଡ଼ିନଥିବା ବେଳେ ସେ କାହାକୁ କ'ଣ କୁହନ୍ତି ତାହା ବୁଝା ପଡ଼ିନଥାଏ । କେବଳ ସେ ଛକମାନଙ୍କରେ ଚୁପଚାପ୍ ହୋଇ ଘଂଟାଘଂଟା ଧରି ଛିଡ଼ା ହୋଇ ରହିଥାନ୍ତି ଏବଂ କିଛି ନକହି ଠଉରାଇବା ଭଳି ଆଚରଣ କରିଥାନ୍ତି ।ପ୍ରକାଶ ଥାଉକି, ମିଶନ ଆଶ୍ରାରେ ଏପରି ମାନସିକ ବିକାରଗ୍ରସ୍ତ ବେସାହାରା ଅସହାୟ ମହିଳା ମାନଙ୍କୁ ସଂସ୍ଥା ପକ୍ଷରୁ ରଖି ସେବା କରାଯାଇଥାଏ । ମିଶନଆଶ୍ରା ପକ୍ଷରୁ ସେମାନଙ୍କର ସ୍ୱାସ୍ଥ୍ୟଗତ ପରୀକ୍ଷା, ନିରୀକ୍ଷା କରାଯିବା ପରେ ସେମାନଙ୍କୁ ସଂସ୍ଥା ପକ୍ଷରୁ ଔଷଧ, ଖାଦ୍ୟ ଓ ଆବଶଯକ ସାମଗ୍ରୀ ଯୋଗାଇ ଦିଆଯାଇଥାଏ ।

# ପ୍ରାକ୍ତନ ପୋଷ୍ଟମାଷ୍ଟରଙ୍କ ଦେହାନ୍ତ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ କ,,ାଳ ଫଂଚାୟତ ତାଳବଡ଼ା ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ହେମନ୍ତ ବେହେରା (୬୫) ଙ୍କ ଗତକାଲି ବିଳମ୍ବିତ ରାତ୍ରୀରେ ନିଜବାସଭବନରେ ଦେହାନ୍ତ ଘଟିଛି । ସେ ଖାଇପିଇ ଶୋଇଥିବା ଅବସ୍ଥାରେ ହଠାତ ଅସୁସ୍ଥ ହୋଇପଡ଼ିଥିବାରୁ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲା ଏବଂ ଡ଼ାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରିବାପରେ ମୃତ ଘୋଷଣା କରିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ସେ ଦୀର୍ଘବର୍ଷ ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିବା ସମୟରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ, ସହୃଦୟବଯକ୍ତି ଥିଲେ ଏବଂ ଭାଗବତ ଗୀତାରେ ରୁଚି ରଖୁଥିଲେ । ତାଙ୍କର ମରଶରୀରକୁ ପରିବାର ପକ୍ଷରୁ ଗ୍ରାମସ୍ଥ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯିବା ସହ ତାଙ୍କର ଏକମାତ୍ର ପୁତ୍ର ଅଭିଷେକ ବେହେରା ମୁଖାଗ୍ନି ଦେଇଥିଲେ । ଏହି ଖବର ପ୍ରଚାରିତ ହେବାପରେ ଅଂଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା ।

# ପ୍ରତିମା ମିଶ୍ର ବିଜେପି ଅନୁଗୁଳ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ



ଅନୁଗୁଳ ,(ସବ୍ୟୁ) : ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀଙ୍କ ନାମ ଘୋଷଣା କରିଛନ୍ତି ।ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଙ୍କୁ ଅନୁଗୁଳ ଜିଲ୍ଲା ବିଜେପି ର ମହିଳା ମୋର୍ଚ୍ଚା ସଭାନେତ୍ରୀ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ମହିଳା ମୋର୍ଚ୍ଚା ମହଲରେ ଖୁସିର ମାହୋଲ ଖେଳି ଯାଇଛି, ସେ ଜଣେ ଅନୁଭବୀ ନାରୀନେତ୍ରୀ ସହ ସୁ ସଂଗଠିକା ବହୁ ପୁରୁଣା କାର୍ଯ୍ୟକର୍ତା । ସଦାସର୍ବଦା ଦଳୀୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ତାଙ୍କର ନୂତନ ଦାୟିତ୍ୱ ପାଇଁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା ଏବଂ ସମସ୍ତ ଜିଲ୍ଲାର ପଦାଧିକାରୀ ଓ କାର୍ଯ୍ୟକର୍ତାଙ୍କୁ କୃତଜ୍ଞତା ଜଣାଇବା ସହ ଅନୁଗୁଳ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଂଗଠନ କୁ ରାଜ୍ୟ ରେ ଏକ ନମ୍ବର କରିବା ପାଇଁ ପ୍ରୟାସ କରିବି ବୋଲି ପ୍ରକାଶ କରିଛନ୍ତି ।

# ମୃତକଙ୍କ ପରିବାର ବର୍ଗଙ୍କୁ ଭେଟିଲେ ବିଜୁ ଜନତା ଦଳ ପ୍ରତିନିଧି ଦଳ



ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଧପୁର ଗ୍ରାମ ପଞ୍ଚାୟତ ମାଧପୁର ଗ୍ରାମର ଜ୍ୟୋସ୍ନାରାଣୀ ବିଶାଳ ଙ୍କ କିଛି ଦିନ ତଳେ ହାତୀ ଆକ୍ରମଣରେ ମୃତ୍ୟୁବରଣ ହୋଇଥିଲା । ଆଜି ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳ ର ଏକ ପ୍ରତିନିଧି ମଣ୍ଡଳ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ଏହି ପ୍ରତିନିଧି ଦଳରେ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ବରିଷ୍ଠ ନେତା ରାମ ଚନ୍ଦ୍ର ମହାକୁ, ଲୁଣହାଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ଅରୂପା ନନ୍ଦ ଚାନ୍ଦ, କନ୍ଧପଡ଼ା ଗ୍ରାମ ପଞ୍ଚାୟତ ବରିଷ୍ଠ ନେତା ଦିଲ୍ଲୀପ କୁମାର ପ୍ରଧାନ, ପିତାମ୍ବର ଦେହୁରୀ, ଶ୍ରୀକାନ୍ତ କୁମାର ମାହାର, ମାଧପୁର ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ଶ୍ରୀମତୀ ତପସିନୀ ପ୍ରଧାନ, ଯୁବ ଛାତ୍ର ସଭାପତି ହିମାଂଶୁ ଶେଖର ପ୍ରଧାନ, ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ ।

# ତାଲା ଭାଙ୍ଗି ସ୍କୁଲରୁ ଚୋରି

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ ଏ ସି ଓ ଥାନା ଅନ୍ତର୍ଗତ ଆଲୁସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶନିବାର ରାତିରେ କେହି ଦୃବୃତ୍ତ ତାଲା ଭାଙ୍ଗି ବିଦ୍ୟାଳୟର କେତେକ ସାମଗ୍ରୀ ଚୋରି କରି ନେଇଥିବାର ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି । ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ଗତକାଲୀ ରୋଷ୍ଟର ଡ୍ୟୁଟିରେ ଜାଇ ଅଫିସ ସମେତ ଷ୍ଟୋରର ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇ ଥିଲେ । ଚୋରି ସାମଗ୍ରୀ ମଧ୍ୟରେ ଗୋଟିଏ ବଡ଼ ସିଲିଭର ଗଞ୍ଜ, ୨ ଟି ପ୍ଲାଷ୍ଟିକ ଚୌକି ଓ କିଛି ମଧ୍ୟାହ୍ନ ଭୋଜନ ଚାଉଳ ରହିଛି । ଏନେଇ ଶିକ୍ଷକ ଜଣଙ୍କ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବରୁ ସ୍କୁଲରୁ ଏଭଳି ଥରେ ଦୁଇ ଥର ଚୋରି ଘଟଣା ଘଟି ଯାଇଛି । ପୋଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ କଲେ ଚୋରି ସାମଗ୍ରୀ ଓ ଚୋର ଧରା ପଡିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ଆଶା ବ୍ୟକ୍ତ କରିଛନ୍ତି ।

# ଭାରତୀୟ ନିର୍ମାଣ କଂଗ୍ରେସର କର୍ମଶାଳା

କେନ୍ଦୁଝର,(ସବ୍ୟୁ): ଭାରତୀୟ ର୍ନିମାଣ କଂଗ୍ରେସ ଓଡିଶା ଶାଖା ଏବଂ ଆର ଆଣ୍ଡ ବି କେନ୍ଦୁଝରର ଚିଫ କନଷ୍ଟ୍ରକସନ ଇଞ୍ଜିନିୟରଙ୍କ ମିଳିତ ଆୟୋଜନରେ ଅଷ୍ଟମ ଜୋନସ୍ତରୀୟ ବୈଷୟିକ କର୍ମଶାଳା କେନ୍ଦୁଝରରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ର୍ନିମାଣ କଂଗ୍ରେସ ଓଡିଶା ଶାଖା ଅଧ୍ୟକ୍ଷ ଇଂ ବିଜୟଚନ୍ଦ୍ର ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର,ସୋଆ ବିଶ୍ୱ ବିଦ୍ୟାଳୟର ବୈଷୟିକ ଉପଦେଷ୍ଟା ତଥା ପୂର୍ବତନ ଚିଫ କନଷ୍ଟ୍ରକସନ ଇଞ୍ଜିନିୟର ଇଂ ହିମାଂଶୁ ଶେଖର ଷଡଙ୍ଗୀ,ପୂର୍ବତନ ଇସିଆଇ(ସିଭିଲ) ଇଂ ମନୋରଞ୍ଜନ ମିଶ୍ର,ଏଚଆଇଏଲଫିଆଇ ଇଣ୍ଡିଆର ମୁଖ୍ୟ (କୋଡ ଆଣ୍ଡ ଆପ୍ରୋଭାଲ) ଆଗୋମାନି ଦାଶ ଅତିଥି ଭାବେ ଯୋଗ ଦେଇ କର୍ମଶାଳାର ବିଷୟବସ୍ତୁ କ୍ୱାଲିଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଇନ ଡିଜାଇନ,କନଷ୍ଟ୍ରକ୍ସନ ଆଣ୍ଡ ମେଣ୍ଟେନାନ୍ସ ଅଫ ବିଲ୍ଟ ଏନଭାର୍ଣ୍ଣମେଂଟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଓଡିଶା ଶାଖାର ସମ୍ପାଦକ ଇଂ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଅତିଥି ପରିଚୟ ଏବଂ ଚିଫ କନ୍‌ଷଫ୍ରକସନ ଇଞ୍ଜିନିୟର ଇଂ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୁନ୍ଦରଗଡ ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରୀ ଇଂ ଅମି ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଚିଫ କନ୍‌ଷଫ୍ରକସନ ଇଞ୍ଜିନିୟର ଇଂ ସନ୍ତୋଷ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତ%୦ବଧାନରେ କେନ୍ଦୁଝର ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବି ମହାନ୍ତି,ରାଉରକେଲା ଅଧିକ୍ଷଣ ଯନ୍ତ୍ରୀ ଇଂ ଯଶସ୍ୱିନୀ ମିଶ୍ର ଏବଂ ସୁନ୍ଦରଗଡ ଅଧିକ୍ଷଣ ଯନ୍ତ୍ରୀ ଇଂ ଅମିତ ଟୁଡୁଙ୍କ ସହଯୋଗରେ କର୍ମଶାଳା ସଫଳ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ଦିନିକିଆ କର୍ମଶାଳାରେ କେନ୍ଦୁଝର ଓ ରାଉରକେଲା ଜିଲ୍ଲାରୁ ୧୦୦ ରୁ ଉର୍ଦ୍ଧ୍ୱର୍ ଯନ୍ତ୍ରୀ ଅଂଶଗ୍ରହଣ କରିଥିଲେ ।

# ନାରଦ ଜୟନ୍ତୀ ପାଳିତ





ଅନୁଗୋଳ,(ସବ୍ୟୁ) : ବିଶ୍ୱ ସମ୍ବାଦ କେନ୍ଦ୍ର, ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସାନ୍ଧ୍ୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନାରଦ ଜୟନ୍ତୀ ପାଳିତ ହୋଇଯାଇଅଛି । ଅବସରପ୍ରାପ୍ତ ନ୍ୟାୟାଧୀଶ ଦୁର୍ଗାଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକତା ବୃତ୍ତିକୁ ଶ୍ରେଷ୍ଠ ସମାଜସେବା ଭାବେ ଅଭିହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ ଓ ଅଜିତ କୁମାର ଧର ଯୋଗଦେଇ ଦେବର୍ଷୀ ନାରଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ କରିଥିଲେ ।

ମୁଖ୍ୟବକ୍ତା ଡ ସଦାନନ୍ଦ ପରିଡ଼ା ନାରଦ ମହର୍ଷିଙ୍କ ମହିମା ଓ ତାଙ୍କ ସାମ୍ବାଦିକତା ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଗଣମାଧ୍ୟମର ବହୁ ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁମନ୍ତ ଧଳ ଓ ରାମକୃଷ୍ଣ ତ୍ରିପାଠୀ ସଞ୍ଚାଳନ କରିଥିବା ବେଳେ ଅନିଲ ମହନ୍ତ, ଗୋପାଳ ମୁଦ୍ରା, ଲମ୍ବୋଦର ବେହେରା, ବିଶ୍ୱଜି ଦାଶ, ସୁଶିଲ ପଟେଲ, ସୁଶାନ୍ତ ନାଥ, ରଞ୍ଜନ ସାହୁ, ବିଭୂତି ନନ୍ଦ, ଡ ରଞ୍ଜନ ଭୂୟାଁ, ହରିହର ତୁଙ୍ଗ, ଉପେନ୍ଦ୍ର କୁମାର ପାତ୍ର, ଅମ୍ଲାନ ପାଣି, ନିପୁ ଭୂତିଆ, ଶିବନାଥ ସାହୁ, ବସନ୍ତ ପାଢ଼ୀ, ଦିଲ୍ଲୀପ ସାହୁ, ଚିନ୍ମୟ ସାହୁ, ସତ୍ୟଜି ନାୟକଙ୍କ ସମେତ ଅନୁଗୋଳ ସହର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ବ୍ୟକ୍ତି, ଆଇନଜୀବୀ, ବିଶ ସମ୍ବାଦ କେନ୍ଦ୍ରର ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଠାକୁରଗଡ଼ ପଞ୍ଚାୟତବାସଙ୍କ ସହ ଆଲୋଚନା କଲେ ବିଧାୟକ



ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆଠମଲ୍ଲିକ ବ୍ଲକ ଠାକୁର ଗଡ଼ ପଞ୍ଚାୟତ ର ଆନନ୍ଦପୁର, ଖଜୁରୀ ଜୁଡ଼ା, ତାବ ଠାକୁର ଗଡ଼, ପାଳ ସାହି ଗ୍ରାମ କୁ ଶନିବାର ଦିନ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତ କରିଛନ୍ତି । ଏହି ସମୟ ରେ ଗ୍ରାମରେଥିବା ସମସ୍ତ ସମସ୍ୟା ସମ୍ପର୍କରେ ଲୋକଙ୍କୁ ବୁଝିବା ସହ କିପରି ଶୀଘ୍ର ସମାଧାନ ହେବ ସେ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି କହିଥିଲେ । ଏଥିସହ ନିର୍ବାଚନ ସମୟରେ ଦିଆ ଯାଇଥିବା ସମସ୍ତ ପ୍ରତିଶୃତି ଗୁଡିକ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ ।

ସେହିପରି ଏହି ଗ୍ରାମରେ କିପରି ସରକାରୀ ଯୋଜନା ସଠିକ ଭାବରେ ପହଞ୍ଚିବ ସେ ନେଇ ପ୍ରଶାସନିକ ଅଧିକାରୀ ଙ୍କ ସହ ଆଲୋଚନା କରିବେ ବୋଲି ଅଞ୍ଚଳବାସୀ ଙ୍କୁ ପ୍ରତିଶୃତି ଦେଇଥିଲେ । ଏ ପରିକି ଠାକୁରଗଡ଼ ପଞ୍ଚାୟତ ର କିପରି ବିକାଶ ହେବ ସେ ନେଇ ସମସ୍ତ ଅଂଚଳବାସିଏକଜୁଟ ହେବା କୁ ପରାମର୍ଶ ଦେଇଥିଲେ ।ଏଥିରେ ସୌରଭ ମିଶ୍ର, ମନୋଜ ରାଉତ, ସନ୍ତୋଷ ସାହୁ, ପ୍ରାଣବନ୍ଧୁ ସାହୁ, ବସନ୍ତ କୁମାର ସାହୁ, ଦୁଷ୍ମନ୍ତ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଭଗବାନ ସାହୁ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲ୍ୟେ

# ଜନ ଆକ୍ରୋଶ ମହିଳା ପଦଯାତ୍ରା




ନୀଳଗିରି, (ସବ୍ୟୁ): ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱ ତଥା ନୀଳଗିରି ନଗର ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୀଳଗିରି ସହରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଶନିବାର ଅପରାହ୍ନ ସାଢ଼େଚାରେ ଆରମ୍ଭ ହୋଇଥିବା ବେଳେ ଡାକ ବଙ୍ଗଳା ପରିସରରେ ୫ ଟାରେ ଏକ ମହିଳା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟମ କୁ ବିରୋଧ କରୁଥିବା ଇଣ୍ଡି ମେଣ୍ଟର ମହିଳା ବିରୋଧୀ ମାନସିକତା ବିରୋଧ ରେ ନୀଳଗିରି ର ଶତାଧିକ ମହିଳା ରାଜ ରାସ୍ତା କୁ ଓହ୍ଲାଇଥିଲେ। ପ୍ରତିବାଦ ସ୍ୱରୂପ ନୀଳଗିରି ମେଡିକାଲ ଛକ ଠାରୁ ମହିଳା ମାନେ ନାରା ବାଜି କରି ଏକ ପଦ ଯାତ୍ରାରେ ବାହାରି ନୀଳଗିରି ଦୁର୍ଗମଣ୍ଡପ ଠାରେ ପହଁଚିଥିଲେ। ସେଠାରେ ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାରରେ ବାଧକ ସୃଷ୍ଟି କରୁଥିବା ଇଣ୍ଡି ମେଣ୍ଟର ପ୍ରମୁଖ ନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ, ଅଖିଳେଶ ଯାଦବ, ମମତା ବାନାର୍ଜି, ମଲିକାର୍ଜୁନ ଖଡ଼ଗେ ପ୍ରମୁଖ ବିରୋଧୀ ମେଣ୍ଟର ଅନ୍ୟାନ୍ୟ ନେତାଙ୍କ କୁଶ ପିତୁଳିକା ଦାହ କରିଥିଲେ। ପରେ ନୀଳଗିରି ଡାକ ବଙ୍ଗଳା ପରିସରରେ ପହଞ୍ଚି ୫ ଘଟିକା ସମୟ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ନୀଳଗିରି ମହିଳା ମୋର୍ଚ୍ଚା ର ସମସ୍ତ ସଦସ୍ୟାସହ ଦଳର ଶତାଧିକ ସଂଖ୍ୟାରେ ମହିଳାମାନଙ୍କର ସମାଗମ ଦେଖିବାକୁ ମିଳିଥିଲା ।

# ଚାଲିଛି ବେଆଇନ ପାଣି ଫ୍ୟାକ୍ଟ୍ରି

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲ୍ଲାରେ ବହୁ ସଂଖ୍ୟାରେ ପିଇବା ପାଣି ଫ୍ୟାକ୍ଟ୍ରି ରହିଥିବାବେଳେ ଏହାର ଯାଞ୍ଚ ଜରୁରୀ ହୋଇପଡ଼ିଛି । ବିଶୁଦ୍ଧ ପାଣି କହି ପ୍ଲାଷ୍ଟିକ ବୋତଲ, ଜାର ତଥା ଡବାରେ ସାଧାରଣ ପାଣି ଭରି ବିକ୍ରି କରାଯାଉଛି । ଫ୍ୟାକ୍ଟ୍ରି ଖୋଲିଥିବା ବ୍ୟବସାୟୀଙ୍କ ଆବଶ୍ୟକୀୟ ଜଳ ବିଶୋଧନ ମେସିନ ଏବଂ ବିଏସଆଇ ସୂତ ସେପତି ଲାଇସେନ୍ସ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସିଟିଓ ପ୍ରମାଣପତ୍ର ରହିବା ଜରୁରୀ । ମାତ୍ର ଏହି ଅନୁମତି ନ ଥାଇ ବେଧଡକ ବହୁ ପାଣି ଫ୍ୟାକ୍ଟ୍ରି ଚାଲିଛି । ପ୍ୟାକ ପିଇବା ପାଣି ଗ୍ରୀନ କ୍ୟାଟେଗୋରୀରେ ଆସୁଛି । ଏଥିପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ କନସେଣ୍ଟ ଜରୁରୀ । ବିନା କନସେଣ୍ଟରେ ବହୁ ପାଣି ଫ୍ୟାକ୍ଟ୍ରି ଚାଲୁଛି । ସେହିପରି ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହିଁ ତାହା ମଧ୍ୟ କେବେ ଯାଞ୍ଚ ହେଉନାହିଁ ।ପ୍ରତ୍ୟେକ ଦିନ ବିଭିନ୍ନ ପାଣି ଫ୍ୟାକ୍ଟ୍ରିର କର୍ମଚାରୀମାନେ ଅଟୋ, ମୋଟର ସାଇକେଲ ଏବଂ ଅନ୍ୟ ଗାଡିରେ ଘର, ଦୋକାନ, ଅଫିସ, କଲେଜକୁ ବୁଲି ବୁଲି ଜାର ପାଣି ଯୋଗାଉଛନ୍ତି । ୨୦ ଲିଟର ପାଣି ଜାର ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଛି । ଏହା ବ୍ୟତୀତ ବିବାହ, ବ୍ରତଘର, ଜନ୍ମଦିନ, ବିଭିନ୍ନ ସଭାସମିତି ଓ ଶ୍ରାଦ୍ଧକ୍ରିୟାରେ ମଧ୍ୟ ଏହି ଜାର ପାଣି ଯୋଗାଣ କରାଯାଉଛି । ପାଣି ଜାର ମଧ୍ୟ ନିୟମିତ ସଫେଇ ହେଉନାହିଁ । ସ୍ୱାସ୍ଥ୍ୟ ବିଭାଗ ଏହାର କୌଣସି ଯାଞ୍ଚ କରୁନଥିବାରୁ ପାଣିର ଶୁଦ୍ଧତା ଜଣାପଡୁନାହିଁ । ଏହି ପାଣିକୁ ମଧ୍ୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ବଜାରକୁ ବିକ୍ରି ଲାଗି ଛଡାଯିବା ଉଚିତ । ଅନ୍ୟପଟରେ କେନ୍ଦୁଝର ସହରରେ ବହୁ କମ୍ପାନୀ ଆଇଏସଆଇ ଠାରୁ ପ୍ରମାଣପତ୍ର ନ ପାଇ ମଧ୍ୟ ବେଆଇନ ଭାବେ ଆଇଏସଆଇ ଲୋଗୋ ମାରି ଗ୍ରାହକମାନଙ୍କୁ ଠକୁଥିବା ଜଣାପଡିଛି । ଅନେକ ଦୋକାନୀ ପାଣିର ବ୍ୟବହାର ଅବଧି ଶେଷ ହେଲେ ବିକ୍ରିକରୁଛନ୍ତି, ଯାହାକି ସ୍ୱାସ୍ଥ୍ୟ ଲାଗି ହାନିକାରକ ଅଟେ ।ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାର ଫାଇଦା ଉଠାଇ ବହୁ ପାଣି ଫ୍ୟାକ୍ଟ୍ରି ବେଧଡକ ଚାଲିଛି । ଲୋକମାନେ ଯେଉଁ ପାଣି ପିଉଛନ୍ତି ତାହା ସ୍ୱଚ୍ଛ ଏବଂ ଜୀବାଣୁ ମୁକ୍ତ କି ନାହିଁ ତାହା ଯାଞ୍ଚ କଲେ ଜଣାପଡିବ । ଅନେକ ବ୍ୟବସାୟୀ ପାଣି ଘରେ ମହଜୁଦ ରଖୁ ମାସ ମାସ ପରେ ବିକ୍ରିକରୁଛନ୍ତି । କେନ୍ଦୁଝର ସହର ସମେତ ଗ୍ରାମାଞ୍ଚଳରେ ମଧ୍ୟ ପାଣି ବ୍ୟବସାୟ ବେଧଡକ ଚାଲିଛି । ଚା' ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ ଦୋକାନ ଗୁଡିକରେ ବହୁଳ ଭାବେ ନକଲି ବ୍ରାଣ୍ଡର ପାଣି ବୋତଲ ଓ ପାଣି ଜାର ସୁଲଭ ମୂଲ୍ୟରେ ବିକ୍ରି ହେଉଛି । ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗକୁ ନେଇ ଏକ ଟିମ ଗଠନ କରାଯାଇ ବିନା ଅନୁମତିରେ ପାଣି ବିକ୍ରି ଏବଂ ପ୍ୟାକିଂ କରୁଥିବା ପାଣି ଫ୍ୟାକ୍ଟ୍ରି ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ବାକି ଟଙ୍କା ଆଦାୟ କରିବାକୁ ଯାଇ ଅପହରଣ : ଦୁଇ ଗିରଫ

କେନ୍ଦୁଝର,(ଜିପ୍ର) : ବାକି ଟଙ୍କା ଆଦାୟ କରିବାକୁ ଯାଇ ଜଣେ ବ୍ୟବସାୟୀ ଅପହରଣର ଶିକାର ହୋଇଛନ୍ତି। କେନ୍ଦୁଝରରୁ ଅପହରଣ କରି କଟକ ଅଭିମୁଖେ ନେଇ ଯାଉଥିବା ବେଳେ ଆନନ୍ଦପୁର ପୋଲିସ ଚଢ଼ାଉ କରି ଅପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁଜୁରାଟର ଲୁନାଗରିଆ ଜମନ ଭାଇ (୪୭) ନାମକ ଜଣେ ବ୍ୟକ୍ତି ଗତ ଶନିବାର ବାକି ଥିବା ୯ ଲକ୍ଷ ଟଙ୍କା ଆଦାୟ କରିବା ପାଇଁ କେନ୍ଦୁଝର ଆସିଥିଲେ। ସେଠାରେ ଅଭିଯୁକ୍ତ ବଜରଙ୍ଗ ଲାଲ ଟଙ୍କା ଦେବା ପରିବର୍ତ୍ତେ ଜମନଙ୍କୁ ନିଜ ଘରେ ବନ୍ଦୀ କରି ରଖିଥିଲେ। କେବଳ ସେତିକି ନୁହେଁ, ତାଙ୍କୁ ନିର୍ମମ ଭାବେ ମାଡ଼ ମାରିବା ସହ ହତ୍ୟା ଧମକ ଦେଇ ବଳପୂର୍ବକ ୧୪ ଲକ୍ଷ ୫୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏପରିକି ଆହୁରି ୩୩ ଲକ୍ଷ ଟଙ୍କା ନଦେଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ବଜରଙ୍ଗ ଧମକ ଦେଇଥିବା ଅଭିଯୋଗ ହୋଇଛି।ଅଭିଯୁକ୍ତ ଜମନଙ୍କୁ ଅପହରଣ କରି ଏକ ଧଳା ରଙ୍ଗର ଏକ୍ସୟୁଭି (ଓଡ଼ି ୨୨ ୱାଇ ୪୯୯୯) କାର୍ ଯୋଗେ କଟକ ନେଇ ଯାଉଥିଲା। ଏନେଇ ଖବର ପାଇବା ପରେ ଆନନ୍ଦପୁର ଉପଖଣ୍ଡ ଏସଡ଼ିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଶାଳପଡ଼ା ପୋଲ ନିକଟରେ ଜୋରଦାର ଚେକିଂ ଆରମ୍ଭ କରିଥିଲେ। ରାତି ପ୍ରାୟ ୯.୩୦ ସମୟରେ ଉକ୍ତ ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ଜମନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।ଜମନଙ୍କ ଲିଖିତ ଅଭିଯୋଗ ଆଧାରରେ ଘସିପୁରା ଥାନାରେ କେସ ନଂ ୨୧୨/୨୦୨୬ ଏବଂ ବିଏନଏସ୍ର ବିଭିନ୍ନ ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତ ବଜରଙ୍ଗ ଲାଲ ଏବଂ ଗାଡ଼ି ଚାଳକ ମୁନିରାମଙ୍କୁ ଗିରଫ କରିଛି। ଗିରଫ ବଜରଙ୍ଗ ଲାଲଙ୍କ ପ୍ରକୃତ ଘର ରାଜସ୍ଥାନରେ। ସେ କେନ୍ଦୁଝରରେ ମହାଲକ୍ଷ୍ମୀ ସାନିଟାରୀ ଏଣ୍ଡ ଟାଇଲ୍ସ ନାମରେ ଏକ ଦୋକାନ କରି ବ୍ୟବସାୟ କରୁଥିଲେ ବୋଲି ଏସ୍ଡିପିଓ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ସଫଳ ଅପରେସନରେ ବିଭିନ୍ନ ଥାନାର ଅଧିକାରୀ ଓ ରାତ୍ରୀକାଳୀନ ପାଟ୍ରୋଲିଂ କର୍ମଚାରୀ ସାମିଲ ଥିଲେ।

# ଅଫୁଟା ବାଣ ଫୁଟି ୨ ଭଉଣୀ ଗୁରୁତର

ତିହିଡ଼ି,(ସବ୍ୟୁ): ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମରେ ରବିବାର ଅଫୁଟା ବାଣ ଫୁଟି ୨ ଭଉଣୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଉଛନ୍ତି ଫକୀର ଦାସଙ୍କ ଝିଅ ଲକ୍ଷ୍ମୀ (୮) ଏବଂ ସଖୀ (୫)। ଜଣାଯାଇଛି ଯେ, ଶନିବାର ରାତିରେ ଗ୍ରାମରେ ଏକ ବିବାହ ଶୋଭାଯାତ୍ରାରେ ରୋଷଣୀ ଜଳାଯିବା ସହିତ ବାଣ ଫୁଟା ଯାଇଥିଲା। ତେବେ ବାଣ ଭିତରୁ କିଛି ଅଫୁଟା ରହି ଯାଇଥିଲା। ଲକ୍ଷ୍ମୀ ଓ ସଖୀ ସେହି ବାଣରେ ନିଆଁ ଲଗାଇ ଫୁଟାଉ ଥିବାବେଳେ ନିଆଁ ଉଠି ୨ଭଉଣୀଙ୍କ ମୁହଁ ଜଳି ଯାଇଥିଲା। ଯାହାଫଳରେ ସେମାନେ ଗୁରୁତର ହେବାରୁ ୨ ଭଉଣୀଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

# ଜଳମଣ୍ଟୁଆ ହାଇସ୍କୁଲରେ ଏ-୧ ଗ୍ରେଡ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଟୁଆ ଜୟଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଏ-୧ ଗ୍ରେଡ ଛାତ୍ରୀ ସୁଶ୍ରୀ ସ୍ୱପ୍ନା ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ରବିବାର ଦିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ମଧୁସୂଦନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ପଣ୍ଡା, ଶିକ୍ଷାବିତ ରମାକାନ୍ତ ସାମଲ, ଅଧ୍ୟାପକ ବ୍ରଜମୋହନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ସାମଲ, ଦେବେନ୍ଦ୍ର ନାୟକ ଓ ବାଇଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱପ୍ନା ସଫଳତାର ଶ୍ରେୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରି କୃତଜ୍ଞତା ପ୍ରକାଶ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ମହାପାତ୍ର, ଦିବାକର ପାଗଳ ଓ ଏସଏମସି କମିଟି ସଦସ୍ୟ/ସଦସ୍ୟାମାନେ ଉତ୍ସବ ପରିଚାଳନା କରିଥିଲେ।

# ରିଭଲଭର ଦେଖାଇ ନେଇଗଲେ ନଗଦ ଦେଢ଼ଲକ୍ଷ ସହ ସୁନାଗହଣା

ଭଦ୍ରକ,(ସବ୍ୟୁ): ଭଦ୍ରକ ସଦର ବ୍ଲକର ପଗଡ଼ ନଦେଇଦିହ ଗ୍ରାମର ଶନିବାର ରାତିରେ ରିଭଲବର ଦେଖାଇ ଡକାୟତି ହୋଇଛି। ପଗଡ଼ ନଦେଇଦିହ ଗ୍ରାମର ରୀତିରଞ୍ଜନ ସ୍ୱାଇଁ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ ପିଉସା ପିଉସୀ ଭାଉଜ ଘରେ ଥିଲେ। ରାତିରେ କେହି କବାଟ ବାଡେଇବାରୁ ରୀତି ରଞ୍ଜନଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। କବାଟ ଖୋଲିବାରୁ ୬ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ହାତରେ ରିଭଲବର, ଖଣ୍ଡା, ସ୍କୃଡ୍ରାଇଭର ଧରି ପଶିଥିଲେ, ପରିବାରର ସମସ୍ତ ସଦସ୍ୟଙ୍କୁ ଗୋଟେ ଘରେ ବନ୍ଦ କରିଥିଲେ। ଏହାପରେ ସମସ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇ ଗଡ଼ରେଜ ଚାବି ନେଇ ନଗଦ ୧. ୫ ଲକ୍ଷ ଟଙ୍କା ଓ ସୁନା ଗହଣା, ୩ଟି ଆଇଫୋନ ଲୁଟି ନେଇ ପଳାଇଥିଲେ, ଖବର ପାଇ ସାବରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ରବିବାର ସକାଳେ ସଦର ଏସ୍ଡିପିଓ ବିଚିତ୍ରା ନନ୍ଦ ସେଠୀ, ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା, ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଫିଜିକ୍ସୱାଲା ଛାତ୍ର ଆଶୁତୋଷ ଶ୍ରେଷ୍ଠ

ବାଲେଶ୍ୱର(ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ବୋର୍ଡ ପରୀକ୍ଷା ୨୦୨୬ର ଫଳାଫଳ ଘୋଷଣା କରିଛନ୍ତି । ରାଜ୍ୟର ସଫଳ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ, ଫିଜିକ୍ସୱାଲାର ଛାତ୍ର ଆଶୁତୋଷ ନାୟକ ପରୀକ୍ଷାରେ ୯୮.୮୦% ନମ୍ବର ରଖି ସଫଳତା ହାସଲ କରିଛନ୍ତି । ସୋରୋ ସ୍ଥିତ କେ.ସି. ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଆଶୁତୋଷ ଗଣିତ ଏବଂ ସଂସ୍କୃତରେ ପୂରା ନମ୍ବର ରଖିଥିବାବେଳେ, ଅନ୍ୟ ବିଷୟଗୁଡ଼ିକରେ ମଧ୍ୟ ବହୁତ ଭଲ ପ୍ରଦର୍ଶନ କରିଛନ୍ତି । ନିଜର ନିୟମିତ ସ୍କୁଲ୍ ପାଠପଢ଼ା ସହିତ, ଆଶୁତୋଷ ପିଡବ୍ଲ୍ୟୁ ଓଡ଼ିଶା ବୋର୍ଡର ଅନଲାଇନ୍ କ୍ଲାସ୍ ଗୁଡିକୁ ମଧ୍ୟ ଅନୁସରଣ କରୁଥିଲେ ।

ଆଶୁତୋଷ ନିଜ ସଫଳତାର ଶ୍ରେୟ ତାଙ୍କର ସମସ୍ତ ଶିକ୍ଷକଙ୍କ ଠାରୁ ମିଳିଥିବା କ୍ରମାଗତ ସହଯୋଗ ଏବଂ ତାଙ୍କ ପିତାମାତାଙ୍କ ନିରନ୍ତର ପ୍ରେରଣାକୁ ଦେଇଛନ୍ତି । ଏହି ସଫଳତାକୁ ନେଇ ଆଶୁତୋଷ ନାୟକ କହିଛନ୍ତି, ଏହି ଫଳାଫଳ ହେଉଛି ମୋ ପ୍ରସ୍ତୁତି ସମୟରେ ମୋତେ ମିଳିଥିବା ମାର୍ଗଦର୍ଶନ ଏବଂ ସମର୍ଥନର ପ୍ରତିଫଳନ । ମୋ ସ୍କୁଲ୍ ଶିକ୍ଷକ ଏବଂ ପିଡବ୍ଲ୍ୟୁ ଶିକ୍ଷକମାନେ ମୋତେ ସବୁବେଳେ ଶୃଙ୍ଖଳିତ ଏବଂ ଧ୍ୟାନକେନ୍ଦ୍ରିତ ରହିବାକୁ ପ୍ରେରଣା ଦେଇଥିଲେ । ପିଡବ୍ଲ୍ୟୁ ଓଡ଼ିଶା ଜରିଆରେ ଓଡ଼ିଆରେ ପଢ଼ିବା ଦ୍ୱାରା ପାଠପଢ଼ା ମୋତେ ବହୁତ ସହଜ ଲାଗିଲା ଏବଂ ବିଷୟଗୁଡ଼ିକୁ ଅଧିକ ସ୍ପଷ୍ଟ ଭାବରେ ବୁଝିବାରେ ସାହାଯ୍ୟ କଲା । ମୋତେ ସବୁବେଳେ ଉତ୍ସାହିତ କରିଥିବାରୁ ଏବଂ ପ୍ରତ୍ୟେକ ପଦକ୍ଷେପରେ ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ମୋ ପିତାମାତାଙ୍କ ନିକଟରେ ମଧ୍ୟ କୃତଜ୍ଞ ।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ଠାକୁରମୁଣ୍ଡା ,(ସବ୍ୟୁ): ସାତକୋଶିଆ ବଣ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ଧାତିକିଡିହା ଗ୍ରାମରେ ଶନିବାରସକାଳେ ହାତୀ ହାବୁଡ଼ରେ ପଡି ବିଜୁଳି ବିନିଶିଆ (୬୫) ନାମକ ଜଣେ ମହିଳା ଗୁରୁତର ହୋଇ କେନ୍ଦୁଝର ସଦର ଡାକ୍ତରଖାନାରେ ଚିକିତ୍ସିତ ।ତେବେ ଏଭଳି ଅଭାବନୀୟ ଘଟଣାରେ ହାତୀ ନୁହଁ ବରଂ ଗ୍ରାମବାସୀ ଜଙ୍ଗଲ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ଘଟଣାରୁ ପ୍ରକାଶଯେ, ଶନିବାର ସକାଳେ ବିଜୁଳି ବିନିଶିଆ ଅନ୍ୟ ଜଣେ ବୃଦ୍ଧାଙ୍କ ସହ ଆମ୍ବ ଗୋଟାଇବାକୁ ଯାଉଥିଲେ ।ମାତ୍ର ଅକସ୍ମାତ ହାତୀ ହାବୁଡ଼ରେ ପଡିଗଲେ । ଜଣେ ମହିଳା ହାତୀକୁ ଦେଖି ଜୀବନ ବିକଳରେ ଧାଇଁଥିଲେ। ବିଜୁଳି ନିକଟରେ ଥିବାରୁ ହାତୀ କେବଳ ଶୁଣ୍ଢରେ ଠେଲି ଦେଇଥିଲା । ସେତିକିରେ ଚେତା ଶୂନ୍ୟ ହୋଇ ପଡିଯାଇଥିଲେ ବିଜୁଳି । ପରେ ଖବର ପାଇ ଗ୍ରାମବାସୀ ବିଜୁଳିଙ୍କୁ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ପରେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ତେବେ ଏ ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବୃଦ୍ଧାଙ୍କ ଘରେ ଲଗାଇଦେଲେ ନିଆଁ

ଠାକୁରମୁଣ୍ଡା (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ରୁଗୁଡିଡୋ (ତେନ୍ତେଳାସାହି) ୱାର୍ଡ ନଂ ୭ ର ଦୁଲି ନାଏକ (୭୦)ଙ୍କ ଚାଳଘରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ। ଘଟଣାରୁ ପ୍ରକାଶ, ଦୁଲି ନାଏକ ଶନିବାର ରାତିରେ ୩ ନାତିନାତୁଣୀଙ୍କ ସହିତ ଶୋଇଥିବା ଅବସ୍ଥାରେ ଘରର ପଛପଟେ ଅଜଣା ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳୁଥିବା ବେଳେ ଧୁଆଁ ହେବାରୁ ନାତୁଣୀର ନିଦ ଭାଙ୍ଗିଯାଇଥିଲା। ସଙ୍ଗେସଙ୍ଗେ ସମସ୍ତଙ୍କୁ ଉଠାଇ ବାହାରକୁ ଦୌଡ଼ି ପଳାଇବା ସହିତ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଇବା ପରେ ରାତି ପ୍ରାୟ ୩ଟାରେ ସମୟରେ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ପାଇ ୧୦ ତାରିଖ ସକାଳେ ଠାକୁରମୁଣ୍ଡା ସରପଞ୍ଚ ସଜିତ କୁମାର ଲୁଗୁନ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।ପୋଲିସ ଅନୁସନ୍ଧାନ ଜାରି ରଖିଛି।

# ଅଗରବତୀ କାରଖାନାରେ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ବନ୍ତ,(ସବ୍ୟୁ): ଶନିବାର ବିଳମ୍ବିତ ରାତ୍ରରେ ଭଦ୍ରକ ଜିଲା ବନ୍ତ ତହସିଲ ଅଧିନ ବନ୍ତ-ବାରିକପୁର ରାସ୍ତାର କୁମ୍ଭାରିଆ ଛକସ୍ଥିତ ମା'ତାରିଣୀ ଚୂଡା ଓ ରାଇସ ମିଲ ପରିସରରେ ଥିବା ଏସ.ପି ଏଣ୍ଟରପ୍ରାଇଜେସ ନାମକ ଅଗରବତୀ କାରଖାନାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଛି । ଏଥିସହ ଚୂଡା ଓ ରାଇସ ମିଲର ବହୁ ଯନ୍ତ୍ରାଂଶ, କାଛ ଓ ଛାତର କ୍ଷତି ଘଟିଥିବା ଜଣାଯାଇଛି । ରବିବାର ସକାଳ ୬ଟା ବେଳେ ଆଗରପଡା ଅଗ୍ନିଶମ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ପରେ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ପରେ ଉଭୟ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ । ଏହି ଅଗ୍ନିକାଣ୍ଡରେ ଅଗରବତୀ ପ୍ରସ୍ତୁତି ପାଇଁ ଗଚ୍ଛିତ ରହିଥିବା କଞ୍ଚା ମାଲ ଗୁଡିକ ଜଳି ଯାଇଥିବା ଜଣାଯାଇଛି । ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ତଦାରଖ ପରେ କ୍ଷୟକ୍ଷତିର ମୂଲ୍ୟ ଜଣାପଡିବ ବୋଲି ଆଗରପଡା ଅଗ୍ନିଶମ ଅଧିକାରୀ ଦୀଲିପ କୁମାର ବେହେରା କହିଛନ୍ତି।

# ନରେନ୍ଦ୍ରପୁର ନୂତନ ମନ୍ଦିର ପ୍ରତିଷ୍ଠା

ବାସୁଦେବପୁର,(ସବ୍ୟୁ)::ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମର ଶ୍ରୀ ଶ୍ରୀ ରାଧାକାନ୍ତ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ ଏକ କଳସ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରି ଘଟୋତ୍ତୋଳନ କରିଥିଲେ । ପଣ୍ଡିତମାନଙ୍କ ବେଦ ମନ୍ତ୍ର ପାଠରେ ନରେନ୍ଦ୍ରପୁର ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପଣ୍ଡିତମାନେ ଯଜ୍ଞ ସଞ୍ଚାଳନ, ସୂର୍ଯ୍ୟପୂଜା, ଗୋ ପୂଜା, ଧ୍ୱଜା ଉତ୍ତୋଳନ, ଶିଖର ସ୍ନାନ, ସିଂହାସନ ପ୍ରତିଷ୍ଠା, ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା, ଷୋ ଉପଚାର, ଠାକୁର ମନ୍ଦିର ବିଜେ ପରେ ରବିବାର ଦିନ ପୂର୍ଣ୍ଣାହୂତୀ ଦିଆ ଯାଇଥିଲା । ପଣ୍ଡିତ ରତ୍ନାକର ପଣ୍ଡା, ମଧୁସୂଦନ ପାଢୀ ପ୍ରମୁଖ ଯୋଗ ଦେଇ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପର୍ଣ୍ଣ କରିଥିଲେ । ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ ଯୋଗଦେଇ ଶ୍ରୀ ଶ୍ରୀ ରାଧାକାନ୍ତ ମହାପ୍ରଭୁଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । ମନ୍ଦିର କମିଟି ପକ୍ଷରୁ ପ୍ରବଚନ ଓ ପ୍ରସାଦ ସେବନର ଆୟୋଜନ କରିଥିଲେ । କମିଟିର ସଦସ୍ୟମାନଙ୍କ ଦ୍ୱାରା ଭବସିନ୍ଧୁ ରାଧାକାନ୍ତ ପୁସ୍ତକକୁ ଲୋକାର୍ପିତ କରିଥିଲେ ।

# ଦେବଦୀପ ଫାଉଣ୍ଡେସନର ମାତୃତ୍ୱ ଦିବସ ପାଳନ



ବାଲେଶ୍ୱର ,(ସବ୍ୟୁ): ମେ ମାସ ୧୦ ତାରିଖ ଦିତୀୟ ରବିବାର ବିଶ୍ୱ ମାତତ୍ୱ ଦିବସ। ଏହି ଅବସରରେ ଦେବଦୀପ ଫାଉଣ୍ଡେସନ ତରଫରୁ ବାଲେଶ୍ୱର ଉତ୍କଳ ବାଳାଶ୍ରମରେ ଏକ ସତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ରଶ୍ମିରେଖା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକା ସୁମନା ପରିଡା ଯୋଗଦେଇ ଶକ୍ତିର ସମଷ୍ଟି ସେ । ତ୍ୟାଗ ଓ ତପସ୍ୟାର ପ୍ରତୀକ । ଜୀବନରେ ଜିତିବା ହାରିବାର ମିଶାଣ ଫେଡାଣ ସେ ମାଆ ପାଇଁ ଗୋଟିଏ ଦିନ କମ । ତା ପାଇଁ ତ ସବୁଦିନ ଆମେ ମାତୃବ ଦିବସ ପାଳନ କରିବା ଦରକାର ।ଏହି କାର୍ଯ୍ୟକ୍ରମ ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟ ରଂଜନ ଦାସ,ପୂର୍ବତନ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଭୁଦତ୍ତ ପରିଡା, ସମାଜସେବୀ ଅଭିଲିପ୍ସା ସାହୁ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାଳାଶ୍ରମର ୫ଜଣ ହାଉସ ମଦରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବାଳାଶ୍ରମର ଅନ୍ତେବାସୀଙ୍କ ପାଇଁ ଏହି ହାଉସ ମଦରଙ୍କ ଅବଦାନକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ ।

# ନଦୀରେ ବୁଡ଼ିଯାଇ ମୃତ

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଚମ୍ପାଝର ଗ୍ରାମ ପଞ୍ଚାୟତ ଡଙ୍ଗାଡିହା ଗ୍ରାମର ବଙ୍ଗଳାସାହିର ଦାନ୍ତୁରୁ ପୂର୍ତ୍ତୀ (୫୬)ଙ୍କ ଶବ ଶାଳନ୍ଦୀ ନଦୀରୁ ଉଦ୍ଧାର କରାଯାଇଛି । ଦିନ ଗୋଟାଏରୁ ଘରୁ ଏକ କଟୁରୀ ଓ କୁଲା ଧରି ପାଖ ଜଙ୍ଗଲକୁ କାଇ ଝାଡିବା ପାଇଁ ଯାଇଥିଲା ଦାନ୍ତୁର। ବହୁ ସମୟ ପର୍ଯ୍ୟନ୍ତ ଦାନ୍ତୁର ଘରକୁ ନଫେରିବାରୁ ଘର ଲୋକ ଖୋଜିବାକୁ ଯାଇ ଦେଖନ୍ତି ତ ଶାଳନ୍ଦୀ ନଦୀ ପାଣିରେ ଦାନ୍ତୁରୀ ଶବ ଭାସୁଛି। ନଦୀ କୂଳରେ କୁଲାରେ କାଇ ଓ କଟୁରୀ ରଖା ହୋଇଛି। ତା ଦେହରେ ମଧ୍ୟ କାଇ କାମୁଡି ଲାଗିଛନ୍ତି। ଘର ଲୋକ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆଙ୍କୁ ଜଣାଇବା ପରେ ସେ ମହୁଲଡିହା ଥାନାକୁ ଜଣାଇଥିଲେ ଝ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘର ଲୋକଙ୍କ ସହଯୋଗରେ ଦାନ୍ତୁରର ଶବକୁ ପାଣିରୁ ଉଠାଇ ତଦନ୍ତ ଆରମ୍ଭ କରିଛି ।

# ପୁଣି ଚର୍ଚ୍ଚାରେ ଜିତୁ ମୁଣ୍ଡା ଘରକୁ ପାଣି ନଦେଲେ ନେବ କଙ୍କାଳ

ଢେଙ୍କିକୋଟ ,(ସବ୍ୟୁ):: କେନ୍ଦୁଝର ଜିଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ଏବେ ପୁଣି ଥରେ ଚର୍ଚ୍ଚାରେ। ଘରକୁ ପାଇପ ଯୋଗେ ପାନୀୟଜଳ ସଂଯୋଗ ନ ହେଲେ ପୁଣି ଥରେ କଙ୍କାଳ ବୋହିନେବେ ବୋଲି କହିଛନ୍ତି। ତାଙ୍କର ଏହି ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବ୍ୟାପୁଛି।ସୂଚନାଯୋଗ୍ୟ, ଜିତୁ ମୁଣ୍ଡା ତାଙ୍କ ଭଉଣୀ କାଲାରା ମୁଣ୍ଡାଙ୍କ ଜମା ଟଙ୍କାକୁ ମଲ୍ଲୀପଶି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କକୁ ଉଠାଇ ବାକୁ ଯାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଭଉଣୀ ନ ଆସିଲେ ଟଙ୍କା ଦେବୁନାହିଁ କହିବାରୁ ଭଉଣୀଙ୍କ କଙ୍କାଳ ବୋହି ବ୍ୟାଙ୍କ ସମ୍ମୁଖରେ ରଖିଥିଲେ। ଘଟଣା ପରେ ଜିତୁ ଆନ୍ତର୍ଜାତିୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ପରେ ଜମା ଟଙ୍କା ସହ ଅନୁଦାନ ମିଳିଥିଲା। ଜିତୁ ମାସକୁ ୩୫ କେଜି ଚାଉଳ ପାଇବାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଜିତୁମୁଣ୍ଡାଙ୍କ ଜମାଖାତାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ମିଳିଛି। ଏବେ ଜିତୁ ମୁଣ୍ଡାଙ୍କ ଗାଁ ଡିଆନାଳୀ ଗ୍ରାମରେ ପାନୀୟ ଜଳ ସହ ରାସ୍ତାଘାଟ ସମସ୍ୟା ରହିଛି। ତେଣୁ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନ ଦେଲେ ଜିତୁ ପୁଣି କଙ୍କାଳକୁ ଖୋଳିକି ନେଇ ଯିବେ ବୋଲି ଏକ ପ୍ରତିକ୍ରିୟାରେ କହିଛନ୍ତି। ଉକ୍ତ କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

# ଶ୍ରୀରାମ ନବମୀ ଦେଢ଼ ମାସ ଧରି ପାଳିତ

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମରେ ଥିବା ବହୁ ପୁରାତନ ଜାଡ଼ିବାସୁଳୀ, ବୁଢ଼ି ଜାଗୁଳାଇ, ଗ୍ରାମଦେବୀ ମନ୍ଦିର, ପାର୍ଶ୍ୱ ଶହେବର୍ଷରୁ ଉର୍ଦ୍ଧ୍ୱ ସାର୍ବଜନୀନ ଶ୍ରୀରାମ ନବମୀ ପୂଜୋତ୍ସବ ଦୀର୍ଘ ଦେଢମାସ ଧରି ଉଦ୍‌ଯାପିତ ହୋଇଯାଇଛି। ଏହାର ଭସାଣି ଉତ୍ସବ ସାଳନ୍ଦୀ ନଦୀଘାଟରେ ସମ୍ପନ୍ନ ହୋଇଛି। ଏଥିରେ ପୂଜା କର୍ମକର୍ତ୍ତା, କାଉନ୍ସିଲର, କାଉନ୍ସିଲରଙ୍କ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଶ୍ରଦ୍ଧାଳୁମାନେ ଦର୍ଶନ କରିଥାନ୍ତି। ଦୈନନ୍ଦିନ ବିଗ୍ରହଙ୍କ ଠାରେ ପୂଜାର୍ଚ୍ଚନା ସହ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ଭଜନ, ପାରାୟଣ, ଧର୍ମଚର୍ଚ୍ଚା, ମନୋରଂଜନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳିଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି। ସୂଚନାଯୋଗ୍ୟ ଯେ ପାଳିଭୋଗ ଶେଷ ନ ହେବା ଯାଏ ମହାପ୍ରଭୁ ପୂଜା ପାଇଥାନ୍ତି। ଏହା ଏକ ଦୀର୍ଘ ବର୍ଷ ଧରି ନିଆରା ପରମ୍ପରା ରହିଆସିଛି। ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ କାଉନ୍ସିଲର୍ ସମାଜସେବୀ ଗଜେନ୍ଦ୍ର ପଣ୍ଡା, କାଉନ୍ସିଲର ଗୀତାଞ୍ଜଳି ଦାସ, କାଉନ୍ସିଲର୍‌ଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ସାମ୍ବାଦିକ, ଆଇନଜୀବୀ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହାଛଡ଼ା ଜନପ୍ରତିନିଧିମାନେ ମଧ୍ୟ ସାହାଯ୍ୟ ସହଯୋଗ କରିଆସୁଛନ୍ତି। ଗ୍ରାମରେ ଥିବା ଜାଡ଼ିବାସୁଳୀ, ଶ୍ରୀରାମ ମନ୍ଦିର, ଶ୍ରୀହନୁମାନ ମନ୍ଦିର ଏବଂ ନରେଶ୍ୱର ମନ୍ଦିରରେ ପୂଜକ ମଦନମୋହନ ମିଶ୍ର, ପ୍ରହଲ୍ଲାଦ ମିଶ୍ର, ଗୋବର୍ଦ୍ଧନ ମିଶ୍ର ଦୈନନ୍ଦିନ ପୂଜାପାଠ କରି ଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଶହେ ବର୍ଷରୁ ଉର୍ଦ୍ଧ୍ୱ ଧରି ଅସ୍ତଳରେ ଶ୍ରୀରାମ ନବମୀ ଉତ୍ସବ ଅଦ୍ୟାବଧି ମହାସମାରୋହରେ ପାଳିତ ହୋଇଆସୁଅଛି। ଦୀର୍ଘ ବର୍ଷ ଧରି ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବ କାଉନ୍ସିଲର ପୂର୍ବତନ ଗଜେନ୍ଦ୍ର ପଣ୍ଡା ଶ୍ରୀରାମ ନବମୀ ଉତ୍ସବରେ ୧୯୮୫ ମସିହାରୁ ସେବା ମନୋବୃତ୍ତିରେ ଓତଃପ୍ରୋତଃ ଭାବେ ଅଦ୍ୟାବଧି ଜଡ଼ିତ ରହି ଆସୁଛନ୍ତି। ସୂଚନାଯୋଗ୍ୟ ଶ୍ରୀରାମ ନବମୀ କମିଟିର ସଦସ୍ୟ ଦେବବ୍ରତ ନାୟକ(କାଳିଆ)ଙ୍କ ବିୟୋଗରେ ନୀରବ ଶୋକସଭା ଶ୍ରୀରାମ ନବମୀ ଉତ୍ସବରେ ଅନୁଷ୍ଠିତ ହୋଇଥିଲା।

# ରକ୍ତବୀର ସେବା ସମ୍ମାନ ସମାରୋହ



ବାଲେଶ୍ୱର ,(ସବ୍ୟୁ): ଓଟି ରୋଡ ସ୍ଥିତ ଉଦ୍ୟୋଗ ଭବନରେ ଯୁବନେତା ତଥା ଯୁବ ବାଲେଶ୍ୱରର ସଭାପତି ସିମନ ଦାସ ମହାପାତ୍ରଙ୍କ ଦ୍ୱାରା ବାଲେଶ୍ୱରର ବିଭିନ୍ନ ସମୟରେ ରକ୍ତଦାତା ଭାବେ ହେଉ କିମ୍ବା ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ହେଉ ଆଗଧାଡିର ୧୦୦ ଜଣ ଯୁବ ଯୋଦ୍ଧାଙ୍କୁ ରବିବାର ଦିନ ରକ୍ତବୀର ସେବା ସମ୍ମାନରେ ସମ୍ମାନୀତ କରାଯାଇଛି ।ବିଶେଷ କରି କୋଭିଡ ସମୟରେ ଏବଂ ବାହାନଗା ରେଳ ଦୁର୍ଘଟଣା ହେଉ କିମ୍ବା ବିଭିନ୍ନ ସମୟରେ ଥାଲାସେମିୟା ରୋଗୀଙ୍କୁ ହେଉ ରକ୍ତର ଅଭାବ ସମୟରେ ଯୋଗେଇ ଦେଉଥିବା ରକ୍ତବୀରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଏଭଳି ମହତ କାମ ପାଇଁ ଯୁବକ ମାନଙ୍କୁ ଧନ୍ୟବାଦ ଦେବା ସହ ଆୟୋଜକଙ୍କ ସାଧୁ ଉଦ୍ୟମ କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁନିସିପାଲିଟି ଅଧ୍ୟକ୍ଷା ସବିତା ସାହୁ,କବି ପ୍ରଶାନ୍ତ ଦାସ, ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତି,ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଶ୍ରମିକ ନେତା ଶାନ୍ତନୁ ଦାସ,ଯୁବ ନେତା ଭାଗବତ ସାହୁ, ଅସିତ ଦାସ,ରାଜେଶ ମହାକୁଡ଼, ଜିତେନ୍ଦ୍ର ମହାଲିକ ପ୍ରବୀର ଦାଶ,ଶ୍ରୀମନ୍ତ ମାଝୀ, ଉମେଶ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଆଜୀବନ ରକ୍ତବୀର ଭାବେ ଆଗଧାଡିର ସମାଜସେବୀ ସାହିରୁଲ ହକ ଏବଂ ସମ୍ବାଦ ଆମ ଓଡ଼ିଶାର ଉତ୍ତର ଓଡିଶା ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. ଆଗାମୀ ଦିନରେ ଯୁବ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ପାଇଁ ଏମିତି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ବାଲେଶ୍ୱରରେ ରକ୍ତର ଅଭାବ ନେହେବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସିମନ କହିଛନ୍ତି।

# ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ସିବିଏସଇର କର୍ମଶାଳା







ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ଉପଖଣ୍ଡର ଏକମାତ୍ର ଘରୋଇ ସିବିଏସଇ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ସିବିଏସଇ ତରଫରୁ ଦୁଇ ଦିନିଆ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଷୟରେ ଆଲୋଚନାଚକ୍ର ଓ କର୍ମଶାଳା ଉଦଯାପନ ହୋଇଯାଇଛି ।ସିବିଏସଇର ରିସୋର୍ସ ପରସନ ଜ୍ୟୋତି ପ୍ରକାଶ ତ୍ରିପାଠୀ ମାଷ୍ଟର ଟ୍ରେନର ଏବଂ ଡ. ସୁକାନ୍ତ କୁମାର ତ୍ରିପାଠୀ ପ୍ରିନ୍ସିପାଲ କେ ଏମ ବି ବି ,କଟକ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ସମସ୍ତ ପଞ୍ଜିକୃତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ସୁସ୍ଥ ଜୀବନଶୈଳୀ ସହିତ ଛାତ୍ର ଛାତ୍ରୀଙ୍କ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସମ୍ବନ୍ଧରେ ଏହି କର୍ମଶାଳାରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଏହି ଟ୍ରେନିଙ୍ଗ ପ୍ରଦାନ କରିଥିଲେ ।ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଡ.ସୁଜାତ ଘୋଷଉପାଧ୍ୟକ୍ଷା ଶିକ୍ଷାରତ୍ନ ରଂଜିତା ଜେନା ପାଇକଶାଣୀ ଙ୍କ ସୁପରିଚାଳନାରେ ଚାଳିଶ ଜଣ ପଞ୍ଜିକୃତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି କର୍ମଶାଳାରେ ଟ୍ରେନିଙ୍ଗ ନେଇଥିଲେ ।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ବଡ ଉତ୍ସାହର ସହିତ ସେମାନଙ୍କ ମତାମତ ରଖିବା ସହିତ ଏଇଭଳି କର୍ମଶାଳାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଏଇ ଦୁଇଦିନ ଧରି ଚାଲିଥିବା କର୍ମଶାଳାରେ ଉପସ୍ଥିତ ରହିଥିଲେ । ସ୍କୁଲର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ସା ପରିଚାଳନାରେ ସହଯୋଗ କରିଥିଲେ ।ସ୍କୁଲର ପଜିଟି ଟିଚର ସତ୍ୟବ୍ରତ ସାହୁ ,ପ୍ରଜେଶ ସାହୁ,ମିତିଶା ରାମ,ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ସ୍କୁଲର ସମସ୍ତ କର୍ମଚାରୀଙ୍କ ନିରନ୍ତର ସହଯୋଗ କରି ଏହି କର୍ମଶାଳାକୁ ସଫଳ କରିଥିବାରୁ ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ସମସ୍ତଙ୍କୁ ଧନ୍ୟବାଦ ଦେଇ ଆଗାମୀ ଦିନରେ ଜିଲ୍ଲାରେ ଏଇଭଳି କର୍ମଶାଳାର ଆବଶ୍ୟକ ରହିଛି ବୋଲି ସିବିଏସଇର ରିସୋର୍ସ ପରସନ ମାନଙ୍କୁ କହିବା ସହିତ ସେମାନଙ୍କ ସହଯୋଗ କାମନା କରିଥିଲେ।

# ବ୍ରହ୍ମାକୁମାରୀଜରେ ବିଶ୍ୱ ମାତୃ ଦିବସ ପାଳିତ



ବେତନଟୀ ,(ସବ୍ୟୁ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶରୀୟ ବିଶବିଦ୍ୟାଳୟ ର ବେତନଟୀସ୍ଥିତ ସେବାକେନ୍ଦ୍ର ପରିସରରେ ରବିବାର ପୂର୍ବାହ୍ନ ସମୟରେ ବିଶ ମାତୃ ଦିବସ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିପୁର ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ. ମନ୍ଦାକିନୀ ସାହୁ , ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ ଓଡ଼ିଶା ମୁଖ୍ୟ ଡଃ. ସୁବାଷ ଷଡଙ୍ଗୀ, ବରିଷ୍ଠ ଭ୍ରାତା ବ୍ରହ୍ମାକୁମାର ସୁବାଷ ଭାଇ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ବେତନଟୀ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବନିତା ଭଉଣୀ ମଞ୍ଚ ପରିଚାଳନା କରିବା ସହ ଏହି ଦିବସର ମୁଖ୍ୟ ବିଷୟବସ୍ତୁ ମା ସୁଖୀ ପରିବାରର ଆଧାରଶୀଳା ଉପରେ ପ୍ରାରମ୍ଭିକ ଆଲୋଚନା କରିଥିଲେ । ଭଗବାନଙ୍କ ସୃଷ୍ଟିରେ ମାଆ ଏବଂ କନ୍ୟାମାନଙ୍କ ଦାରା ହିଁ ଏ ସମ୍ପୂର୍ଣ୍ଣ ବିଶର ପରିବର୍ତ୍ତନ ହୋଇ ପବିତ୍ରତା ଯୁକ୍ତ ଦୁନିଆର ସ୍ଥାପନ ହେବ ବୋଲି ମୁଖ୍ୟ ଅତିଥି ଏବଂ ବକ୍ତା ମତ ବ୍ୟକ୍ତ କରିଥିଲେ। ପଦ୍ମମାଳୀ ମହିଳା ସଂଗଠନର ମୁଖ୍ୟ ବ୍ରକୁ ପ୍ରଭାତି ମାତା ମା ଏବଂ ମାର ମମତା। ଏବଂ ସଂସ୍କାରକୁ ବର୍ତ୍ତମାନର ପିଢି ସମ୍ପୂର୍ଣ୍ଣ ଭୁଲି ଯାଇ ଆଧୁନିକତାକୁ ଆପଣାଇ ବିପଥଗାମୀ ହେଉଥିବା ନେଇ ମତ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଶତାଧିକ ମାତୃ ଭଗ୍ନୀ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସେବା କେନ୍ଦ୍ରର ସମସ୍ତ ଗୀତା ପାଠଶାଳା ମାନଙ୍କରୁ ସମସ୍ତ ମାତା , କନ୍ୟା, ଭ୍ରାତା ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର କୃପାସିନ୍ଧୁ , ବ୍ରହ୍ମାକୁମାର ନିତ୍ୟାନନ୍ଦ , ବ୍ରହ୍ମାକୁମାର ପଙ୍କଜ , ବ୍ରହ୍ମାକୁମାର ପ୍ରଶାନ୍ତ, ବ୍ରହ୍ମାକୁମାର ସରୋଜ, ବ୍ରହ୍ମାକୁମାର ଶରତ, ବ୍ରକୁ ପ୍ରଭାତି ମାତା, ବ୍ରହ୍ମାକୁମାରୀ ସବିତା , ବ୍ରହ୍ମାକୁମାରୀ ଲିପି , ବ୍ରହ୍ମାକୁମାରୀ ସୁଷମା ଏବଂ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ବ୍ରକୁ ସାବିତ୍ରୀ ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପାଦକୀୟ

# ବଙ୍ଗ-ଓଡ଼ିଶାର ସମ୍ପର୍କ ନିବିଡ଼

ଗତ ମେ ୯ ତାରିଖ (୨୦୨୬)ରେ ପଶ୍ଚିମବଙ୍ଗରେ ପ୍ରଥମ ଥର ଲାଗି ବିଜେପି ସରକାର ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ହୋଇଛି । ରାଜନୀତିକ ଦୃଷ୍ଟିରୁ ରାଜନେତା ବା ରାଜନୀତିକ କର୍ମୀମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ମାତ୍ର ପଶ୍ଚିମବଙ୍ଗ ସହିତ ଓଡ଼ିଶାର ନିବିଡ଼ ସମ୍ପର୍କ ଥିଲା, ଅଛି ଓ ଭବିଷ୍ୟତରେ ମଧ୍ୟ ରହିବ । ପଡୋଶୀ ଭାବେ ଓଡ଼ିଶାର ଉତ୍ତମ ବନ୍ଧୁ ହୋଇ ପାରିବ ପଶ୍ଚିମବଙ୍ଗ । ସେଥିପାଇଁ ତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରିଚାଳନା କରୁଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଓ ନେତାମାନେ ଯାଇ ଅମିତ ଶାହାଙ୍କୁ ସହଯୋଗ କରୁଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଦୃଷ୍ଟି ଓଡ଼ିଶା ଉପରେ ପଡ଼ିଥିଲା ଆଉ ଏବେ ପଡୋଶୀ ପଶ୍ଚିମବଙ୍ଗ ଉପରେ ମଧ୍ୟ ଦୃଷ୍ଟି ପଡ଼ିବ । ପୂର୍ବାଞ୍ଚଳ ଭାରତରେ ଏ ଦୁଇଟି ରାଜ୍ୟର ଉନ୍ନତି ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଲକ୍ଷ୍ୟ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଗତ ବିଧାନସଭା ନିର୍ବାଚନ ବେଳେ ପଶ୍ଚିମବଙ୍ଗ ଉପରେ ଦୃଷ୍ଟି ରଖିଥିଲେ ।

ତୃଣମୂଳ କଂଗ୍ରେସର ନେତ୍ରୀ ମମତା ବାନାର୍ଜୀ ପ୍ରାୟ ପନ୍ଦର ବର୍ଷ ତଳେ ପଶ୍ଚିମବଙ୍ଗ ସ୍ୱାର୍ଥରକ୍ଷା କରିବାକୁ ଆନ୍ଦୋଳନ କରି ପଶ୍ଚିମବଙ୍ଗର କ୍ଷମତା ଦଖଲ କରିଥିଲେ । ପଶ୍ଚିମବଙ୍ଗରେ କ୍ଷମତାସୀନ ଥିବା ସି.ପି. ଆଇ.ଏମ୍‌ର ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ତାଙ୍କର ବିପ୍ଳବ ଓ ଆନ୍ଦୋଳନ ସଫଳ ହୋଇଥିଲା । ଦୀର୍ଘ ତେତିଶ ବର୍ଷ କାଳ ସେଠାରେ କ୍ଷମତାସୀନ ଥିବା ସି.ପି. ଆଇ.ଏମ୍ ଶାସନର ଅବସାନ ହେଲା । ଜ୍ୟୋତି ବସୁ ଓ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ପରି ସି.ପି. ଆଇ.ଏମ୍ ନେତାମାନେ ପ୍ରାୟ ବିସ୍ମୃତ ଗର୍ଭରେ ରହିଗଲେ । ଜଣେ ଡାକ୍ତର ବିଧାନ ଚନ୍ଦ୍ର ରାୟ ମଧ୍ୟ ୧୯୫୦ରୁ ୧୯୬୨ ଜୁଲାଇ ପହିଲା ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ସୁନାମ ଅର୍ଜନ କରିଥିଲେ ।

> **କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲେଖିଛନ୍ତି– 'ବଙ୍ଗ ଯେତେ ଅସାଧାରଣ ପ୍ରତିଭା ଏବଂ ମହାପୁରୁଷମାନଙ୍କୁ ଜନ୍ମ ଦେଇଛି, ସେମାନଙ୍କ ମଧ୍ୟରୁ ହୁଏତ ସବୁଠାରୁ ପ୍ରସିଦ୍ଧ ଏବଂ ପ୍ରବୁଦ୍ଧ ହେଉଛନ୍ତି ବିବେକାନନ୍ଦ ।' ପଶ୍ଚିମବଙ୍ଗରେ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀଙ୍କୁ ମନୋନୀତ କରିବାରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭୂମିକା ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ ।**

ତେବେ ଉତ୍କଳ ଗୌରବ ମଧୁସୂଦନ ଦାସ କଲେଜ ପାଠ ପଢ଼ିବାକୁ କଲିକତା (ଏବର କୋଲକାତା) ମହାନଗରକୁ ଯାଇଥିଲେ । ୧୮୭୦ ମସିହାରୁ କୋଲକାତା ବିଶ୍ୱବିଦ୍ୟାଳୟ ଅଧୀନରେ ଲଣ୍ଡନ ମିସନାରୀ ସୋସାଇଟି କଲେଜରୁ ସେ ବି.ଏ. ପାସ କରି ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ଗୌରବ ଅର୍ଜନ କରିଥିଲେ । ଏହା ପରେ ସେ ଓଡ଼ିଶାରୁ ପ୍ରଥମେ ଏମ୍ .ଏ. ପାସ କରି ଓକିଲାତି ମଧ୍ୟ ପାସ କରିଥିଲେ । ପ୍ରଥମ ଓଡ଼ିଆ ଆଡଭୋକେଟ ଭାବେ ୧୮୭୮ରେ କୋଲକାତା ଠାରେ ମଧ୍ୟ ଓକିଲାତି ଆରମ୍ଭ କରିଥିଲେ । ପଶ୍ଚିମବଙ୍ଗର ବିଶିଷ୍ଟ ବ୍ୟକ୍ତି ଭାବେ ସୁନାମ ଅର୍ଜନ କରିଥିବା ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଘରୋଇ ଶିକ୍ଷକ ଭାବେ ମଧୁବାବୁ ସୁନାମ ଅର୍ଜନ କରିଥିଲେ । ଆଶୁତୋଷ ପରେ ଭାରତରେ ଜଣେ ଗଣିତ ବିଶେଷଜ୍ଞ ଭାବେ ପ୍ରତିଷ୍ଠା ଲାଭ କରିଥିଲେ । ତାଙ୍କୁ 'ବଙ୍ଗଳାର ବାଘ' ବୋଲି ମଧ୍ୟ କୁହା ଯାଉଥିଲା । ତାଙ୍କର ଜ୍ୟେଷ୍ଠ ପୁତ୍ର ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନସଂଘର ପ୍ରତିଷ୍ଠାତା-ସଭାପତି ଥିଲେ ୧୯୫୧ ଅକ୍ଟୋବର ୨୧ରୁ । ସେତେବେଳେ ଏଇ ଜନସଂଘ ଲୋକସଭାରେ ମାତ୍ର ତିନୋଟି ଆସନରୁ ବିଜୟୀ ହୋଇଥିଲା । ଏହା ପରେ ଭାରତତୀୟ ଜନ ସଂଘ ୧୯୮୦ ଏପ୍ରିଲ ୬ ତାରିଖରୁ ଭାରତୀୟ ଜନତା ପାର୍ଟି ବା ବିଜେପିରେ ପରିଣତ ହୋଇଥିଲା । ଏବେ ଭାରତରେ ବିଜେପିର ରାଜନୀତିକ ଦଳ ଭାବେ ସୁନାମ ରହିଛି । କେବଳ ସେତିକି ନୁହେଁ, ମଧୁବାବୁ ପଶ୍ଚିମବଙ୍ଗର ଜଣେ ଯୁବତୀ ସୌଦାମିନୀ ଚଟ୍ଟୋପାଧ୍ୟାୟଙ୍କୁ ୧୮୭୩ରେ ବିବାହ କରିଥିଲେ । ମାତ୍ର ୧୮୭୮ରେ ସୌଦାମିନୀଙ୍କ ଦେହାନ୍ତ ହୋଇଗଲା । ସେହି ବର୍ଷ ତତ୍କାଳୀନ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ମଧୁବାବୁଙ୍କୁ ଓଡ଼ିଆ ଆବେଦନ ସବୁର ଇଂରାଜୀ ଅନୁବାଦ ପାଇଁ ଅନୁବାଦକ ଭାବେ ୧୮୭୩ରୁ ୧୮୭୮ ଯାଏଁ ନିଯୁକ୍ତ କରିଥିଲେ ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ମଧ୍ୟ କଲକତାର ମାଳତୀ ଦେବୀଙ୍କୁ ବିବାହ କରିଥିଲେ ।

ବହୁ ଓଡ଼ିଆ ଶ୍ରମିକ କଲକତାର ଶିଳ୍ପକୁ ସମୃଦ୍ଧ କରି ଆସୁଥିଲେ । କଲକତା ଓ ପଶ୍ଚିମବଙ୍ଗର ଅନେକ ଝୋଟକଳ ଓ ଚଟକଳରେ ଓଡ଼ିଆ ଶ୍ରମିକମାନେ କାମ କରୁଥିଲେ । ଏପରିକି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଆ ମାନଙ୍କର ଅବଦାନ ଥିଲା । ଏବେ ତ କଲକତାର ବଡ଼ ବଡ଼ କମ୍ପାନୀ ଓ ସରକାରୀ ଚାକିରିରେ ଓଡ଼ିଆମାନେ ଅବସ୍ଥାପିତ ।

ମଧୁବାବୁଙ୍କ ସମେତ ପଣ୍ଡିତ ଗୋପବନ୍ଧୁ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋଦାବରୀଶ ମିଶ୍ର ଓ ନୀଳକଣ୍ଠ ଦାସ ପ୍ରଭୃତି ଅତୀତରେ କଲକତାର ସାଂସ୍କୃତିକ ଓ ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିଥିଲେ । ୧୯୧୨ରେ ପଶ୍ଚିମବଙ୍ଗରୁ ବିହାର ଓ ଓଡ଼ିଶା ପୃଥକ ହୋଇଥିଲା । ବିହାର-ଓଡ଼ିଶା ବିଧାନସଭାର ପ୍ରଥମ ଓଡ଼ିଆ ଉପ-ବାଚସ୍ପତି ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର କଲକତା ମେଡିକାଲ କଲେଜ ଗଭର୍ଣ୍ଣିଂ ବଡ଼ିରେ ସଦସ୍ୟ ମଧ୍ୟ ଥିଲେ ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲେଖିଛନ୍ତି– 'ବଙ୍ଗ ଯେତେ ଅସାଧାରଣ ପ୍ରତିଭା ଏବଂ ମହାପୁରୁଷମାନଙ୍କୁ ଜନ୍ମ ଦେଇଛି, ସେମାନଙ୍କ ମଧ୍ୟରୁ ହୁଏତ ସବୁଠାରୁ ପ୍ରସିଦ୍ଧ ଏବଂ ପ୍ରବୁଦ୍ଧ ହେଉଛନ୍ତି ବିବେକାନନ୍ଦ ।'

ପଶ୍ଚିମବଙ୍ଗରେ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀଙ୍କୁ ମନୋନୀତ କରିବାରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭୂମିକା ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜଗନ୍ନାଥଙ୍କ ଧାମରୁ ସୋମନାଥଙ୍କ ପୀଠ : ଭାରତୀୟ ସଂସ୍କୃତିର ଅତୁଟ ସମ୍ପର୍କ ଓ ଗୌରବ



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଭାରତବର୍ଷର ଆଧ୍ୟାତ୍ମିକ ଚେତନା ଏବଂ ସାଂସ୍କୃତିକ ଇତିହାସରେ ଗୁଜରାଟର ପବିତ୍ର ପ୍ରଭାସ ପାଟଣ ସ୍ଥିତ ଶ୍ରୀ ସୋମନାଥ ମନ୍ଦିର ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଆଜି ଯେତେବେଳେ ଆମେ ସୋମନାଥ ମନ୍ଦିରର ପୁନଃପ୍ରତିଷ୍ଠାର ୭୫ ବର୍ଷ (ପ୍ଲାଟିନମ୍ ଜୁବିଲି) ପାଳନ କରୁଛୁ, ସେତେବେଳେ ଏହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଭାରତୀୟ ସଭ୍ୟତାର ଅପରାଜେୟ ଶକ୍ତି ଏବଂ ସଂକଳ୍ପର ବିଜୟୋତ୍ସବ । ଜଣେ ଓଡ଼ିଆ ଭାବେ ଏବଂ ପ୍ରଭୁ ଜଗନ୍ନାଥଙ୍କ ସେବକ ଭାବେ, ମୁଁ ଅନୁଭବ କରୁଛି ଯେ ପୂର୍ବରୁ ଜଗନ୍ନାଥ ଏବଂ ପଶ୍ଚିମରୁ ସୋମନାଥ – ଏହି ଦୁଇ ଦିବ୍ୟ ଶକ୍ତି ଆମ ଦେଶକୁ ଏକତା ଓ ଭକ୍ତିର ସୂତ୍ରରେ ବାନ୍ଧି ରଖିଛନ୍ତି ।

ସୋମନାଥ ମନ୍ଦିରର ଇତିହାସ ହେଉଛି ଧ୍ୱଂସ ଓ ନିର୍ମାଣର ଏକ ବିଚିତ୍ର ସଙ୍ଗମ । ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରେ ପ୍ରଥମ ଭାବେ ପରିଚିତ ଏହି ପୀଠକୁ ଅତୀତରେ ଅନେକ ଆକ୍ରମଣକାରୀ ଅନେକ ଥର ଧ୍ୱଂସ କରିବାକୁ ଚେଷ୍ଟା କରିଥିଲେ । ୧୦୨୬ ଖ୍ରୀଷ୍ଟାବ୍ଦରେ ଗଜନୀର ମାମୁଦ ଦ୍ୱାରା ହୋଇଥିବା ବର୍ବର ଆକ୍ରମଣ ଭାରତୀୟ ଇତିହାସର ଏକ କଳା ଅଧ୍ୟାୟ । କିନ୍ତୁ ପ୍ରତିଥର ବିନାଶର ପାଉଁଶ ମଧ୍ୟରୁ ଏହି ଭବ୍ୟ ମନ୍ଦିର ଏକ ନୂତନ ରୂପରେ ଛିଡ଼ା ହୋଇଛି । ଏହା ପ୍ରମାଣ କରେ ଯେ ଆତତାୟୀ କେବଳ ମନ୍ଦିରର ପଥରକୁ ଭାଙ୍ଗି ପାରିବେ, କିନ୍ତୁ ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସକୁ କଦାପି ବିନାଶ କରିପାରିବେ ନାହିଁ ।

୧୯୪୭ ମସିହା ନଭେମ୍ବର ୧୩ ତାରିଖ ଭାରତୀୟ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ, ଯେତେବେଳେ ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୁନାଗଡ଼ରେ ପହଞ୍ଚିବା ପରେ ସିଧାସଳଖ ପ୍ରଭାସ ପାଟଣର ସେହି ଧ୍ୱଂସପ୍ରାପ୍ତ ସୋମନାଥ ମନ୍ଦିର ପରିଦର୍ଶନରେ ଯାଇଥିଲେ । ସେହି ଦିନ ସାଗରର ଅନନ୍ତ ଗର୍ଜନ ମଧ୍ୟରେ ସମୁଦ୍ର କୂଳରେ ଛିଡ଼ା ହୋଇ ସେ ଯେଉଁ ମହାନ ସଂକଳ୍ପ କରିଥିଲେ, ତାହା କେବଳ ଏକ ପଥର ନିର୍ମିତ ମନ୍ଦିରର ପୁନରୁଦ୍ଧାର ନଥିଲା, ବରଂ ତାହା ଥିଲା ହଜାର ହଜାର ବର୍ଷର ବିଦେଶୀ ଦାସତ୍ୱର କଳଙ୍କକୁ ପୋଛି ଭାରତୀୟ ସ୍ୱାଭିମାନକୁ ପୁନଃ ପ୍ରତିଷ୍ଠା କରିବାର ଏକ ସାଂସ୍କୃତିକ ମହାସଂକଳ୍ପ । ସେହି ସମୟରେ ଅନେକ ରାଜନୈତିକ ନେତା ମନ୍ଦିର ନିର୍ମାଣକୁ ନେଇ ସନ୍ଦେହ ଓ ଦ୍ୱନ୍ଦ୍ୱ ପ୍ରକଟ କରିଥିଲେ ହେଁ, ସର୍ଦ୍ଦାର ପଟେଲ ନିଜର ନିର୍ଭୀକ ନେତୃତ୍ୱର ପରିଚୟ ଦେଇ ଦୃଢ଼ ଭାବରେ କହିଥିଲେ ଯେ, ଯେଉଁ ସଭ୍ୟତା ନିଜର ଆଧ୍ୟାତ୍ମିକ ଚେରକୁ ଭୁଲିଯାଏ, ସେ କେବେ ବି ଜୀବନ୍ତ ରହିପାରେ ନାହିଁ । ଏକ ଐତିହାସିକ ନିଷ୍ପତ୍ତି କ୍ରମେ ସେ ସରକାରୀ କୋଷାଗାରରୁ ଅର୍ଥ ନେବା ପରିବର୍ତ୍ତେ ଜନସାଧାରଣଙ୍କ ସାହାଯ୍ୟ ଓ ସହଭାଗିତାରେ 'ଶ୍ରୀ ସୋମନାଥ ଟ୍ରଷ୍ଟ' ଗଠନ କରି ମନ୍ଦିର ନିର୍ମାଣର ମୂଳଦୁଆ ପକାଇଥିଲେ, ଯାହା ଆଜି ପର୍ଯ୍ୟନ୍ତ ସୋମନାଥର ବୈଭବ ଓ ପବିତ୍ରତାକୁ ସୁରକ୍ଷିତ ରଖିଛି । ବାସ୍ତବରେ ସର୍ଦ୍ଦାର ପଟେଲଙ୍କ ସେହି ଦୂରଦୃଷ୍ଟି ଓ ଦୃଢ଼ ଇଚ୍ଛାଶକ୍ତି ବିନା ସୋମନାଥର ଏହି ଭବ୍ୟତା କେବଳ ଏକ ସ୍ୱପ୍ନ ହୋଇ ରହିଯାଇଥାନ୍ତା ସେ ହିଁ ପ୍ରକୃତରେ ଧ୍ୱଂସସ୍ତୂପ ମଧ୍ୟରୁ ଭାରତୀୟ ଆତ୍ମାର ପୁନରୁଦ୍ଧାର କରି ଦେଶକୁ ଏକ ନୂତନ ଆତ୍ମବିଶ୍ୱାସ ପ୍ରଦାନ କରିଥିଲେ ।

ସର୍ଦ୍ଦାର ପଟେଲ କହୁଥିଲେ, ସୋମନାଥର ପୁନଃନିର୍ମାଣ କେବଳ ଏକ ମନ୍ଦିରର ନିର୍ମାଣ ନୁହେଁ, ବରଂ ଏହା ଦାସତ୍ୱର ପ୍ରତୀକକୁ ଦୂର କରି ଭାରତର ଆତ୍ମସମ୍ମାନ ଫେରାଇ ଆଣିବାର ଏକ ଅଭିଯାନ । ତାଙ୍କରି ନିର୍ଦ୍ଦେଶରେ ଏକ ଟ୍ରଷ୍ଟ ଗଠନ କରାଯାଇଥିଲା ଏବଂ ଜନସାଧାରଣଙ୍କ ସାହାଯ୍ୟରେ ମନ୍ଦିର କାର୍ଯ୍ୟ ଆଗେଇ ଚାଲିଥିଲା । ଯଦିଓ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ସେ ଦେହତ୍ୟାଗ କରିଥିଲେ, କିନ୍ତୁ ତାଙ୍କର ସ୍ୱପ୍ନ ୧୧ ମଇ ୧୯୫୧ରେ ସଫଳ ହୋଇଥିଲା, ଯେତେବେଳେ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ମନ୍ଦିରର ଶୁଭ ପ୍ରତିଷ୍ଠା କରିଥିଲେ ।

ସର୍ଦ୍ଦାର ପଟେଲଙ୍କ ସେହି ଅଧୁରା ସ୍ୱପ୍ନକୁ ଏବଂ ସୋମନାଥ ପୀଠର ମହିମାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଯେଉଁ ଅଦ୍ୱିତୀୟ କାର୍ଯ୍ୟ କରିଛନ୍ତି, ତାହା ଚିରସ୍ମରଣୀୟ । ସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ମୋଦୀଜୀ ଏହି ପବିତ୍ର ପୀଠର କାୟାକଳ୍ପ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ମାର୍ଗଦର୍ଶନ ଯୋଗୁଁ ଆଜି ପବିତ୍ର ସୋମନାଥ ପୀଠର କାୟାକଳ୍ପ ହୋଇପାରିଛି । ମନ୍ଦିରର ସମୃଦ୍ଧ ଇତିହାସ ଓ ସାଂସ୍କୃତିକ ଗୌରବକୁ ସାରା ବିଶ୍ୱ ନିକଟରେ ପହଞ୍ଚାଇବା ପାଇଁ ସେଠାରେ ଏକ ଅତ୍ୟାଧୁନିକ ଭବ୍ୟ ପ୍ରଦର୍ଶନୀ ଶାଳା ଓ ମ୍ୟୁଜିୟମ ସ୍ଥାପନ କରାଯାଇଛି, ଯାହା ଭକ୍ତମାନଙ୍କୁ ମନ୍ଦିରର ପୁନରୁତ୍ଥାନର ଗାଥା ସହ ପରିଚିତ କରାଉଛି । ଶ୍ରଦ୍ଧାଳୁମାନଙ୍କ ଆଧ୍ୟାତ୍ମିକ ଅନୁଭୂତିକୁ ଅଧିକ ମନୋରମ କରିବା ପାଇଁ ସମୁଦ୍ର କୂଳରେ ଏକ ସୁନ୍ଦର 'ସମୁଦ୍ର ଦର୍ଶନ ପଥ' (Promenade) ନିର୍ମାଣ କରାଯାଇଛି, ଯେଉଁଠାରେ ଯାତ୍ରୀମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଶାନ୍ତିରେ ମୁହୂର୍ତ୍ତ ଅତିବାହିତ କରିପାରୁଛନ୍ତି । ଏହାସହିତ, କେନ୍ଦ୍ର ସରକାରଙ୍କ ଯୋଜନା ଅଧୀନରେ କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଭକ୍ତମାନଙ୍କ ପାଇଁ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ଓ ଭିତ୍ତିଭୂମିର ବିକାଶ କରାଯାଇଛି, ଯାହା ସୋମନାଥ ପୀଠକୁ ଏକ ଆଦର୍ଶ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିଛି ।

ମୋଦୀଜୀଙ୍କ ମନ୍ତ୍ର ବିକାଶ ବି, ବିରାସତ ବି ଆଜି ସୋମନାଥରୁ ଆରମ୍ଭ କରି କାଶୀ ବିଶ୍ୱନାଥ ଏବଂ ଅଯୋଧ୍ୟା ରାମ ମନ୍ଦିର ପର୍ଯ୍ୟନ୍ତ ପ୍ରତିଫଳିତ ହେଉଛି । ସେ କେବଳ ଢାଞ୍ଚାର ପୁନରୁଦ୍ଧାର କରିନାହାନ୍ତି, ବରଂ ଭାରତୀୟଙ୍କ ମନରେ ନିଜ ସଂସ୍କୃତି ପ୍ରତି ଥିବା ସମ୍ମାନବୋଧ ଓ ଭଲପାଇବା ବୃଦ୍ଧି କରି ଏକ ନବ ଭାରତ ଗଠନର ମୂଳଦୁଆ ପକାଇଛନ୍ତି ।

ଓଡ଼ିଶାର ସଂସ୍କୃତି ସର୍ବଦା ମନ୍ଦିର ଭିତ୍ତିକଛ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ଓଡ଼ିଆଙ୍କ ଆତ୍ମା, ସୋମନାଥ ସେହିପରି ଭାରତର ଶୈବ ପରମ୍ପରାର ପ୍ରାଣକେନ୍ଦ୍ର । ଓଡ଼ିଶାର କୋଣାର୍କ ହେଉ ବା ଲିଙ୍ଗରାଜ, ଆମର ଶିଳ୍ପକଳା ଏବଂ ଭକ୍ତିର ଧାରା ସୋମନାଥଙ୍କ ଦର୍ଶନ ସହିତ ସମାନ । ଆଜି ସୋମନାଥ ମନ୍ଦିରର ୭୫ତମ ବର୍ଷରେ ଓଡ଼ିଶା ସରକାର ଏବଂ ସାଢେ ଚାରି କୋଟି ଓଡ଼ିଆଙ୍କ ପକ୍ଷରୁ ମୁଁ ଏହି ପବିତ୍ର ପୀଠକୁ ପ୍ରଣାମ ଜଣାଉଛି ।

ଓଡ଼ିଶାର ଜଣେ ସାଧାରଣ ସେବକ ଭାବେ ମୁଁ ଗର୍ବିତ ଯେ, ଆମ ସରକାର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ 'ସାଂସ୍କୃତିକ ଜାଗରଣ' ଅଭିଯାନରେ ସମ୍ପୂର୍ଣ୍ଣ ସହଯୋଗ କରୁଛି । ଯେପରି ସୋମନାଥଙ୍କ ବିକାଶ ହୋଇଛି, ସେହିପରି ଓଡ଼ିଶାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଏବଂ କୋଣାର୍କ ଐତିହ୍ୟ କରିଡର ଭାରତୀୟ ସଂସ୍କୃତିକୁ ଏକ ନୂତନ ଶିଖରକୁ ନେଇଯିବ ।

ସୋମନାଥ ମନ୍ଦିରରୁ ଆମକୁ ଏହା ଶିକ୍ଷା ମିଳେ ଯେ, କୌଣସି ବି ଶକ୍ତି ଭାରତକୁ ବା ଭାରତୀୟ ଆତ୍ମାକୁ ବିନାଶ କରିପାରିବ ନାହିଁ । ସର୍ଦ୍ଦାର ପଟେଲଙ୍କ ସଂକଳ୍ପବଦ୍ଧତା ଏବଂ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ କର୍ମବୀର ଶୈଳୀ ହିଁ ଆଜି 'ବିକଶିତ ଭାରତ'ର ମୂଳଦୁଆ ।

ଆଜିର ଏହି ପବିତ୍ର ଅବସରରେ, ମୁଁ ପ୍ରଭୁ ସୋମନାଥଙ୍କ ନିକଟରେ ସାରା ବିଶ୍ୱର ମଙ୍ଗଳ ପାଇଁ ପ୍ରାର୍ଥନା କରୁଛି । ମୋଦୀଜୀଙ୍କ ମାର୍ଗଦର୍ଶନରେ ଭାରତ ପୁଣି ଥରେ 'ବିଶ୍ୱଗୁରୁ' ଆସନରେ ଅଧିଷ୍ଠିତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଆଜିର ଯୁବପିଢ଼ି ପାଇଁ ସୋମନାଥଙ୍କ ଇତିହାସ ଏକ ପ୍ରେରଣା । ଏହା ଆମକୁ ଶିଖାଏ ଯେ ସତ୍ୟର ଜୟ ସର୍ବଦା ହୁଏ ଏବଂ ଧର୍ମକୁ କେହି ଚିରଦିନ ପାଇଁ ଦବାଇ ରଖିପାରିବେ ନାହିଁ । ଆମର ଗୌରବମୟ ଅତୀତକୁ ପାଥେୟ କରି ମୋଦୀଜୀଙ୍କ ନେତୃତ୍ୱରେ ଆମେ ଏକ ସଶକ୍ତ ଏବଂ ସାଂସ୍କୃତିକ ଭାବେ ସମୃଦ୍ଧ ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ ।

ସୋମନାଥ ହେଉଛି ଭାରତର ପୁନରୁତ୍ଥାନର ପ୍ରତୀକ । ସର୍ଦ୍ଦାର ପଟେଲଙ୍କ ସଂକଳ୍ପ ଏବଂ ମୋଦୀଜୀଙ୍କ କର୍ମନିଷ୍ଠା ଆଜି ସୋମନାଥକୁ ବିଶ୍ୱର ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିଛି । ଆସନ୍ତୁ, ଆମେ ସମସ୍ତେ ଏହି ବିରାସତର ସୁରକ୍ଷା ପାଇଁ ନିଜକୁ ନିୟୋଜିତ କରିବା ।

> **ଆଜିର ଯୁବପିଢ଼ି ପାଇଁ ସୋମନାଥଙ୍କ ଇତିହାସ ଏକ ପ୍ରେରଣା । ଏହା ଆମକୁ ଶିଖାଏ ଯେ ସତ୍ୟର ଜୟ ସର୍ବଦା ହୁଏ ଏବଂ ଧର୍ମକୁ କେହି ଚିରଦିନ ପାଇଁ ଦବାଇ ରଖିପାରିବେ ନାହିଁ । ଆମର ଗୌରବମୟ ଅତୀତକୁ ପାଥେୟ କରି ମୋଦୀଜୀଙ୍କ ନେତୃତ୍ୱରେ ଆମେ ଏକ ସଶକ୍ତ ଏବଂ ସାଂସ୍କୃତିକ ଭାବେ ସମୃଦ୍ଧ ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ ।**

# ଡିହାଇଡ୍ରେସନ୍ ଓ ଲିଭର ସମସ୍ୟା



**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଓଡ଼ିଶାରେ ଗ୍ରୀଷ୍ମର ପ୍ରଚଣ୍ଡ ତାତି ଜନ ଜୀବନକୁ ଏକ ପ୍ରକାର ଅସ୍ତବ୍ୟସ୍ତ କରି ଦେଉଛି । ପ୍ରକୃତିର ଅସ୍ୱାଭିବକତା ଯୋଗୁଁ ବିଶ୍ୱରେ ଯେଉଁପରି ଜଳବାୟୁ ପରିବର୍ତ୍ତନ ହେଉଛି ଏହାର କୁପରିଣାମ ଆମେ ସମସ୍ତେ ଅନୁଭବ କରୁଛେ । ଦିନ ଦଶଟା ପରେ ଘରୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇଯାଉଛି । ମଣିଷ ଶରୀରର ୭୫ ଭାଗ ଜଳ ଆଧାରିତ, ଯାହା କି ଶରୀରର ବିଭିନ୍ନ କୋଷକୁ ଆଚ୍ଛାଦିତ କରିଥାଏ । ଅବଶିଷ୍ଟ ରହିଥାଏ ରକ୍ତକଣିକାରେ ।

ଶରୀରରୁ ଜଳ କମିଗଲେ ମଣିଷ ଜୀବନ ସଙ୍କଟରେ ପଡ଼ିଯାଏ । ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ 'ଡିହାଇଡ୍ରେସନ୍' । ଆମ ଶରୀରରୁ ନିୟମିତ ଭାବେ ଜଳ କ୍ଷୟ ହୁଏ ଝାଳ, ପରିସ୍ରା ଭଳି କେତେକ ଉପାୟରେ କିନ୍ତୁ 'ଆଣ୍ଟି-ଡ୍ୟୁରେଟିକ୍ ହରମୋନ୍' ବା ଏଏଚ୍‌ଡ଼ି ବୃକକ୍ ମାଧ୍ୟମରେ ଏହି ଜଳକ୍ଷୟକୁ ନିୟନ୍ତ୍ରିତ କରିଥାଏ ଓ ଶରୀର ପାଇଁ ଜଳ ସଂରକ୍ଷଣ କରିଥାଏ । ଏଥିରେ ବ୍ୟାଘାତ ସୃଷ୍ଟି ହେଲେ ବିପଦ ନିଶ୍ଚିତ । ତେବେ ଡିହାଇଡ୍ରେସନ୍ ଆଜିକାଲି ଏକ ବଡ଼ ସମସ୍ୟା ଭାବେ ଜଣାଶୁଣା ହେଲାଣି । ଯଥେଷ୍ଟ ପାଣି ନପିଇବା ଦ୍ୱାରା ସାଧାରଣତଃ ଏହି ସମସ୍ୟା ଉପୁଜିଥାଏ । ଡିହାଇଡ୍ରେସନ୍‌ର ଅନ୍ୟନାମ ଝାଡ଼ା-ବାନ୍ତି ବା ଡାଏରିଆ । ଏହି କାରଣରୁ ଭାରତରେ ପ୍ରତିବର୍ଷ ପ୍ରାୟ ୪ ନିୟୁତ ଶିଶୁଙ୍କ ମୃତ୍ୟୁ ହୋଇଥାଏ ।

ଶରୀରରୁ ଜଳୀୟ ଅଂଶ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା ହିଁ ଡିହାଇଡ୍ରେସନ୍ ବା ଡାଏରିଆର ପ୍ରମୁଖ କାରଣ । ଝାଡ଼ା ସହିତ ବାନ୍ତି ହେଲେ ରୋଗୀ ଗୁରୁତର ହୋଇପଡ଼େ କାରଣ ଏହାଦ୍ୱାରା ଶରୀରରେ ଜଳର ଅଭାବକୁ ଭରଣା କରିବା କଷ୍ଟକର ହୋଇଥାଏ । ଗରମ ପରିବେଶ, ଅଧିକ ପରିଶ୍ରମ, ଦେହର ଉତ୍ତାପ ବୃଦ୍ଧି ଇତ୍ୟାଦି କାରଣରୁ ଅଧିକ ଝାଳ ବାହାରିବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ । କୌଣସି ସଂକ୍ରମଣ କାରଣରୁ ମଧ୍ୟ ଶରୀର ଶୁଷ୍କ ହୋଇଯାଏ । ବହୁମୂତ୍ର ରୋଗୀ ଡିହାଇଡ୍ରେସନ୍‌ର ଶିକାର ହେବା ଆଶଙ୍କା ଅଧିକ ରହିଥାଏ । ସେମାନଙ୍କ ରକ୍ତରୁ ଶର୍କରା ଅଂଶ ହ୍ରାସ ପାଇବା ହିଁ ଏହାର କାରଣ । ପୋଡ଼ାରୋଗୀ ମଧ୍ୟ ଡିହାଇଡ୍ରେସନ୍ ଭୋଗୀ ପାରନ୍ତି ଯେହେତୁ ସେମାନଙ୍କ ଚର୍ମ ଜଳ ଶୋଷିନିଏ । ଏହାଛଡ଼ା ସଂକ୍ରମଣ କାରଣରୁ ମଧ୍ୟ ଜଳୀୟ ଅଂଶ ହ୍ରାସ ପାଇବାର ଆଶଙ୍କା ଥାଏ । ବିପଦ କ'ଣ? ଡିହାଇଡ୍ରେସନରେ ସବୁଠୁ ବଡ଼ ବିପଦ ହେଉଛି ବୃକକ୍ ଅକାମୀ ହୋଇଯିବା । ଡିହାଇଡ୍ରେସନ୍ ଯେତିକି ବୃଦ୍ଧି ପାଏ ସେହି ପରିମାଣରେ କୋଷ ଓ ରକ୍ତକଣିକାଗୁଡ଼ିକୁ ଶୁଷ୍କ କରିଦିଏ । ରକ୍ତଚାପ ଗୁରୁତର ଭାବେ ହ୍ରାସପାଏ ଏବଂ ଏହାଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇଯାଏ । ଏମିତିକି ରୋଗୀ କୋମାରେ ପଡ଼ିଯିବାର ଆଶଙ୍କା ରହିଥାଏ । କାରଣ ରକ୍ତଚାପ ହ୍ରାସ ପ୍ରତ୍ୟକ୍ଷ ଭାବେ ମସ୍ତିଷ୍କକୁ ପ୍ରଭାବିତ କରେ । ପରିସ୍ଥିତି ଗୁରୁତର ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ । ବେଳେ ବେଳେ ଜଳୀୟ ଅଂଶ କ୍ଷୟର ଭରଣା କରାଯାଇ ନପାରିଲେ ମସ୍ତିଷ୍କ ଆଘାତ ଭଳି ଅବସ୍ଥା ଉପୁଜେ । ଶରୀରକୁ ଯଥେଷ୍ଟ ଅମ୍ଳଜାନ ମିଳେ ନାହିଁ । ରକ୍ତଚାପ ହ୍ରାସ ସହିତ ଏଭଳି ସମସ୍ୟା ରୋଗୀକୁ ମୃତ୍ୟୁମୁଖକୁ ଠେଲିଦିଏ । ଅତ୍ୟଧିକ ଗରମ କାରଣରୁ ଯଦି ଡିହାଇଡ୍ରେସନ୍ ହୋଇଥାଏ ତେବେ ଅଧିକ ଝାଳବୋହି ଶରୀରକୁ ଶୀତଳ କରିବାକୁ ଚେଷ୍ଟା କରେ । ଏହା ଯଥେଷ୍ଟ ନହେଲେ ବା ଆବଶ୍ୟକତା ମେଣ୍ଟାଇ ନପାରିଲେ ମାଂସପେଶୀଗୁଡ଼ିକ ସଂକୁଚିତ ହୋଇଯାଏ, ଯାହାକି ସୁଧୁରିବା କଷ୍ଟକର । ଡିହାଇଡ୍ରେସନର ସିଧାସଳଖ ଲିଭର ସହିତ ସମ୍ପର୍କ ରହିଛି । ଏହା ପାଚନ ପ୍ରକ୍ରିୟାକୁ ସଂକ୍ରମଣ କଲେ ରୋଗୀଟିର ସମସ୍ୟା ଦ୍ୱିଗୁଣିତ ହୋଇଥାଏ।

ଚିକିତ୍ସା : ଡିହାଇଡ୍ରେସନ୍‌ର ଚିକିତ୍ସା ପାଇଁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଶରୀରକୁ ଯଥେଷ୍ଟ ଜଳ ଯୋଗାଇଦେବା ଓ ଜଳୀୟ ଅଂଶ ବୃଦ୍ଧି କରିବା ପ୍ରଥମେ ରୋଗୀକୁ ଯଥେଷ୍ଟ ପରିମାଣରେ ପାଣି ପିଆଇବା ଉଚିତ । 'ଇଲେକ୍ଟ୍ରୋଲାଇଟ୍' ଆଧାରିତ ପାଣି ପିଆଇବା ଦ୍ୱାରା ଯଥେଷ୍ଟ ଉପକାର ମିଳିଥାଏ । ଏହାଛଡ଼ା ପପ୍‌ସିକ୍ଲ, ଜେଲ- ଓ ଭଳି କେତେକ ଜଳୀୟଅଂଶ ବୃଦ୍ଧିକାରୀ ତରଳ ପଦାର୍ଥ ରୋଗୀକୁ ବାରମ୍ବାର ପିଆଇବା ଉଚିତ । ଏଥିରେ ସଫଳତା ନମିଳିଲେ ସାଲାଇନ୍ ଯୋଗେ ସିଧା ଧମନୀରେ ଜଳୀୟ ଅଂଶ ଭରଣା କରାଯାଏ । ପରିସ୍ରା ଠିକ୍ ହେବା ପର୍ଯ୍ୟନ୍ତ ଏ ବ୍ୟବସ୍ଥା ଜାରି ରଖାଯାଏ । ଶରୀର ଶୁଷ୍କ ହୋଇ ଯାଇଥିବାରୁ ବୃକକ୍‌ର କାର୍ଯ୍ୟକାରିତା ପ୍ରାୟ ବନ୍ଦ ରହିଥାଏ । ଔଷଧ ବା ଇଞ୍ଜେକସନ୍ ଦ୍ୱାରା ଏହାକୁ ସଚଳ କରିବାକୁ ହୁଏ । ଏହାଛଡ଼ା ବାନ୍ତି, ଝାଡ଼ା ତଥା ଜ୍ୱରକୁ ନିୟନ୍ତ୍ରଣ କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ସତର୍କତା ବା ପ୍ରତିଷେଧକ : ଡିହାଇଡ୍ରେସନ୍ ଏମିତି ଏକ ସମସ୍ୟା ବା ରୋଗ ଯେ ଏହାର ଚିକିତ୍ସା ଅପେକ୍ଷା ଏଥିପ୍ରତି ସତର୍କତା ଓ ପ୍ରତିଷେଧକ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତିଦିନ ଯଥେଷ୍ଟ ପରିମାଣରେ ପାଣି ପିଇବା ଉଚିତ । ଖରାଦିନେ ଏହି ପରିମାଣ ବୃଦ୍ଧି କରିବା ଉଚିତ । ଗାଢ଼ାରଙ୍ଗର ପୋଷାକ ପିନ୍ଧିବା ଅନୁଚିତ । ଏହାଛଡ଼ା ଚିପା ପୋଷାକ ପରିବର୍ତ୍ତେ ଢ଼ିଲା ପୋଷାକ ପିନ୍ଧିବା ଉଚିତ । କାଫିନ୍‌ଯୁକ୍ତ ତଥା ନିଶାଯୁକ୍ତ ପାନୀୟ ସର୍ବାଦୌ ବର୍ଜନୀୟ । ଅଧିକ ସୂର୍ଯ୍ୟତାପରୁ ନିଜକୁ ଦୂରେଇ ରଖନ୍ତୁ, ଶୀତଳ ଓ ଛାଇ ଜାଗାରେ ଚଳପ୍ରଚଳନ ହୁଅନ୍ତୁ । ଖେଳାଖେଳି ଓ ବ୍ୟାୟାମ କରୁଥିବା ବ୍ୟକ୍ତି ଏହା ପୂର୍ବରୁ ମଝିରେ ବା ପରେ ସୋଡ଼ିୟମ୍‌ଯୁକ୍ତ ପାଣି ଯଥେଷ୍ଟ ପରିମାଣରେ ପିଇବା ଉଚିତ । ଏହା ଜଳୀୟ ଅଂଶ କ୍ଷୟକୁ ଭରଣା କରିବ ।

ଲକ୍ଷଣ : ମୁଣ୍ଡାବିନ୍ଧା ଓ ବିତୃଷ୍ଣା ବା ବାନ୍ତି ବାନ୍ତି ଲାଗିବା, ରକ୍ତଚାପ ହ୍ରାସ ପାଇବା, ଘୁମାଇବା ପରି ଲାଗିବା କିମ୍ବା ଚେତାଶୂନ୍ୟ ହୋଇଯିବା, ଭୋକ ମରିଯିବା, ପାଟି ଶୁଖିଲା ଲାଗିବା, ଚର୍ମ ଶୁଷ୍କ ହୋଇଯିବା, ପରିସ୍ରା ଗାଢ଼ ହଳଦିଆ ରଙ୍ଗ ହେବା, ପରିସ୍ରା ପରିମାଣ ହ୍ରାସ ପାଇବା, ଏମିତିକି ପରିସ୍ରା ବନ୍ଦ ହୋଇଯିବା, ଆଖି କୋରଡ଼ିଆ ହେବା ସହ ମୁଖ ରକ୍ତିମ ପଡ଼ିଯିବା, କାନ୍ଦିଲେ ବି ଆଖିରୁ ଲୁହ ନଆସିବା, ଆଦୌ ଝାଳ ନବହିବା ଓ ପ୍ରତି ମୂହର୍ତ୍ତରେ ଅଚେତ ଲାଗିବା ।

ତୁରନ୍ତ କ'ଣ କରିବେ : ଡିହାଇଡ୍ରେସନ୍‌ରେ ପୀଡ଼ିତ ରୋଗୀକୁ ତୁରନ୍ତ ତଳେ ଚଟାଣରେ ଶୁଆଇ ଦିଅନ୍ତୁ । ପାଦକୁ ପିଢ଼ାପଟା ଆକାରରେ ଉଚ୍ଚା ରଖନ୍ତୁ । ଯଥେଷ୍ଟ ପାଣି ବା ଇଲେକ୍ଟୋରାଲ ପାଣି ପିଆନ୍ତୁ । ଶରୀର ଉତ୍ତାପ ହ୍ରାସ ପାଇଁ ଯଥେଷ୍ଟ ପବନ ଛାଡ଼ନ୍ତୁ । ପାଖରେ ପଙ୍ଖା ଲଗାଇ ଦିଅନ୍ତୁ । ଥଣ୍ଡା କପଡ଼ାରେ ବାରମ୍ବାର ଶରୀରକୁ ପୋଛନ୍ତୁ ।

**ଅବସର ପ୍ରାପ୍ତ ପ୍ରଫେସର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ-୯୪୩୭୦୫୧୯୫୭**

> **ବିପଦ କ'ଣ? ଡିହାଇଡ୍ରେସନରେ ସବୁଠୁ ବଡ଼ ବିପଦ ହେଉଛି ବୃକକ୍ ଅକାମୀ ହୋଇଯିବା । ଡିହାଇଡ୍ରେସନ୍ ଯେତିକି ବୃଦ୍ଧି ପାଏ ସେହି ପରିମାଣରେ କୋଷ ଓ ରକ୍ତକଣିକାଗୁଡ଼ିକୁ ଶୁଷ୍କ କରିଦିଏ । ରକ୍ତଚାପ ଗୁରୁତର ଭାବେ ହ୍ରାସପାଏ ଏବଂ ଏହାଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇଯାଏ । ଏମିତିକି ରୋଗୀ କୋମାରେ ପଡ଼ିଯିବାର ଆଶଙ୍କା ରହିଥାଏ ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ୭ ପୋଲିସଙ୍କ...

ପୂର୍ବାହ୍ନରେ ତଦନ୍ତକାରୀ ଟିମ୍ ଏସବୁ କାମ ସାରିବା ପରେ ଅପରାହ୍ନରେ ପୀଡିତା ଯୁବତୀଙ୍କ ଗାଁ ରଣସିଂହପୁରକୁ ଯାଇ ତାଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି ।

ଦ୍ୱିତୀୟ ୫ ଜଣିଆ ଟିମ୍ ସୌମ୍ୟଙ୍କ ଗାଁ ଅଡସପୁର ନିକଟ ମୌଜପୁରକୁ ଯାଇ ତାଙ୍କ ବାପା ଦୁଃଶାସନ ସ୍ୱାଇଁଙ୍କୁ ପଚରାଉଚରା କରିବା ପରେ ମା'ଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି । ବାପା - ମା' ଦୁଇଜଣଙ୍କୁ ପୁଅ ସୌମ୍ୟ ସମ୍ପର୍କରେ ବିସ୍ତୃତ ଭାବେ ପଚରାଉଚରା କରିଥିଲା ତଦନ୍ତକାରୀ ଟିମ୍ । ଏହାପରେ ସୌମ୍ୟ ସାଙ୍ଗରେ ବାଇକରେ ଥିବା ସେହି ଗାଁର ଓମ୍ ପ୍ରକାଶ ମହାନ୍ତିଙ୍କୁ ଦୀର୍ଘ ସମୟ ପଚରାଉଚରା କରିଥିବା ଟିମ୍ । ଓମ୍‌ଙ୍କୁ ପଚରାଉଚରା କରାଯିବାର ସମସ୍ତ ବୟାନକୁ ଭିଡିଓଗ୍ରାଫି କରାଯାଇଥିଲା । ଓମ୍ ଘଟଣା ସ୍ଥଳରେ ସୌମ୍ୟ ସହ ଥିବାରୁ ତାଙ୍କ ବୟାନ ଗୁରୁତ୍ୱପୂର୍ଣ୍ଣ । କାରଣ କମିଶନରେଟ୍ ପୋଲିସ ଓମଙ୍କୁ ଶାକ୍ଷୀ ଭାବେ ରଖିଥିବାରୁ ତାଙ୍କ ବୟାନ ଉପରେ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁତ୍ୱାରୋପ କରିଥିଲା । କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ୍ ତଦନ୍ତର ପ୍ରଥମ ଦିନ ରବିବାରରେ ଘଟଣାସ୍ଥଳ, ଥାନା, ପୀଡିତାଙ୍କ ଗାଁ ଓ ସୌମ୍ୟ, ଓମଙ୍କ ଗାଁକୁ ଯାଇ ତଦନ୍ତ ପୁଙ୍ଖାନୁପୁଙ୍ଖ ଭାବେ ଆରମ୍ଭ କରିଛି ।

ସଂଘବଦ୍ଧ ଆକ୍ରମଣରେ କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବାରୁ କାର୍ଯ୍ୟରେ ଅବହେଳା କରିଥିବା ୭ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବାଲିଅନ୍ତା ଥାନା ଆଇଆଇସି ଅନିଲ ପରିଡାଙ୍କୁ କମିଶନରେଟ୍ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ରଶ୍ମିତା ବେହେରାଙ୍କୁ ଆଇଆଇସି ଦାୟିତ୍ୱ ଦିଆଯାଇଛି । ଘଟଣାସ୍ଥଳକୁ ଯାଇଥିବା ଏସ୍‌ଆଇ, ଏଏସ୍‌ଆଇ, ଜଣେ ଓଏପିଏଫ୍ କନେଷ୍ଟବଳ ଓ ବାଲିଅନ୍ତା ଥାନାର ଅନ୍ୟ ଜଣେ କନେଷ୍ଟବଳଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଏମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିବା ଦୁଇଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି । କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହେବା ପରେ ୭ ପୋଲିସଙ୍କ ବିରୋଧରେ ଡିଜିପିଙ୍କ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ପେଟ୍ରୋଲ...

ସ୍ଥିତି ଦେଖା ଦେଇଛି । ଯାହା ସିଧାସଳଖ ମୂଲ୍ୟ ବୃଦ୍ଧି ଘଟାଇବ । ଏବେ ଠୁ ପେଟ୍ରୋଲ, ଡିଜେଲ ବ୍ୟବହାର ହ୍ରାସ ରହିଛି । ନାଗରିକମାନେ ବିଶ୍ୱରେ ଶକ୍ତି ମୂଲ୍ୟବୃଦ୍ଧି ଯୋଗୁଁ ସେମାନଙ୍କ ଖର୍ଚ୍ଚକୁ ନେଇ ପୁନର୍ବିଚାର କରନ୍ତୁ । ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ସରକାର ତୈଳ ମୂଲ୍ୟ ବୃଦ୍ଧି ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତୈଳ ବିତରଣ କମ୍ପାନୀ ଗୁଡିକୁ ମାସକୁ ୩୦ ହଜାର ଟଙ୍କା କ୍ଷତି ସହୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଖାଇବା ତେଲର ବ୍ୟବହାର କମ କରିବା ସହ ଚାଷୀମାନେ ରସାୟନିକ ସାର ଉପରେ ନିର୍ଭରଶୀଳତା କମ କରନ୍ତୁ । ପ୍ରତି ଘର ଗୁଡିକ ଖାଇବା ତେଲ ବ୍ୟବହାର କମ କଲେ ଏହା ଦେଶଭକ୍ତି ପାଇଁ ଅବଦାନ ହେବ । ବିଶ୍ୱ ସଙ୍କଟ ଯୋଗୁଁ ଭାରତର କୃଷି ଆମଦାନୀ କ୍ଷତିଗ୍ରସ୍ତ ହୋଇପାରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଦାୟିତ୍ୱ...

ଯେଉଁମାନେ ଭୁଲ କରିବେ ସେମାନେ ସଠିକ ପଥରୁ ବିଚ୍ୟୁତ ହେବେ । ସଂଖ୍ୟା ଗଣିତ ହାସଲ କରିବା ପାଇଁ ଡିଏମକେର ସହଯୋଗୀ ଦଳ ଗୁଡିକର ତାଙ୍କୁ ସମର୍ଥନ କରିଥିବାରୁ ସେ ଧନ୍ୟବାଦ ଦେଇଥିଲେ । ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିବା କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଉପସ୍ଥିତ ଥିଲେ । ବିଜୟ ଏହି ସଭାରେ ରାହୁଲଙ୍କୁ ନିଜର ଭାଇ ବୋଲି ସମ୍ବୋର୍ଦ୍ଧନ କରିଥିଲେ । ବିଜୟ କହିଥିଲେ ଯେ, ଯାହା ମୁଁ କରିପାରିବି ନାହିଁ ତାହା ପ୍ରତିଶ୍ରୁତି ଦେବି ନାହିଁ । କିନ୍ତୁ ମୋର ବିଶ୍ୱାସ ରହିଛି ମୁଁ ଆପଣମାନଙ୍କ ପାଇଁ କିଛି କରିବି । ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ମୋତେ କିଛି ସମୟ ଦିଅନ୍ତୁ, ଯାହା ମୁଁ ପ୍ରତିଶ୍ରୁତି ଦେଇଛି ଧୀରେ ଧୀରେ ତାହାକୁ ପୂରଣ କରିବି । ନାଗରିକଙ୍କ ଟିକସ ଅର୍ଥରୁ ଟଙ୍କାଟାଏ ବି ନେବି ନାହିଁ । ବିଜୟଙ୍କ ବ୍ୟତୀତ ଏଆଇଡିଏକେର ପୂର୍ବନେତା ତଥା ଜୟଲଳିତାଙ୍କର ଘନିଷ୍ଠ ସହଯୋଗୀ ଆଧବ ଅର୍ଜୁନ, ସିଟିଆର୍ ନିର୍ମଳ କୁମାର, ବୁସ୍ସି ଆନନ୍ଦ ରାଜମୋହନ, କେଟି ପ୍ରଭୁ, କେଜି ଅରୁଣାରାଜ, ପି ଭେଙ୍କଟ ରମଣମ୍ ଓ ଏସ କୀର୍ତ୍ତିନା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ୨୮ ବର୍ଷୀୟ ଏସ କୀର୍ତ୍ତିନା ହେଉଛନ୍ତି ବିଜୟଙ୍କ ମନ୍ତ୍ରୀ ମଣ୍ଡଳରେ ଏକମାତ୍ର ମହିଳା ମନ୍ତ୍ରୀ ଓ ସବୁଠୁ କନିଷ୍ଠ । ମାତ୍ର ୨ ବର୍ଷ ତଳେ ବିଜୟ ଟିଭିକେ ଗଠନ କରିଥିଲେ । ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ଦଳ ପ୍ରଥମ ବିଧାନସଭା ନିର୍ବାଚନରେ ୨୩୪ ଆସନରୁ ୧୦୮ ରେ ବିଜୟୀ ହୋଇ ସର୍ବବୃହତ ଦଳ ଭାବେ ଉଭା ହୋଇଥିଲା । ସରକାର ଗଠନ ନିମନ୍ତେ ୧୧୮ ଜଣଙ୍କ ବିଧାୟକଙ୍କ ଆବଶ୍ୟକ ଥିଲା । ବିଜୟଙ୍କୁ ସମର୍ଥନ ପାଇଁ କଂଗ୍ରେସର ୫ ବିଧାୟକ ପ୍ରଥମେ ସମର୍ଥନ ଦେଇଥିଲେ । ଏହାପରେ ସିପିଆଇ, ସିପିଏମ, ଭିସିକେ ଓ ଆଇୟୁଏମଏଲର ସମର୍ଥନରେ ବିଜୟ ସରକାର ଗଠନ କରିଛନ୍ତି ।

## ପୂର୍ବାହ୍ନ...

ପୋଲିସର ସକରାତ୍ମକ କାର୍ଯ୍ୟ, ତ୍ୱରିତ ପଦକ୍ଷେପ ଓ ଜନସେବା ମୂଳକ ଭୂମିକା ସମ୍ପର୍କରେ ସାଧାରଣ ଲୋକ ଅବଗତ ହେବା ଉଚିତ ବୋଲି ଡିଜିପି କହିଛନ୍ତି ।

ସମୀକ୍ଷା ବୈଠକରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମିନା, ସମସ୍ତ ଏସିପି, ସବୁ ଥାନା ଇନ୍ସପେକ୍ଟର ଓ ଅନ୍ୟାନ୍ୟ କେତେକ ପୋଲିସ ଅଧିକାରୀ ଯୋଗ ଦେଇଥିବା ବେଳେ ଅଧକ୍ଷତା କରିଥିଲେ ଡିଜିପି । ବାଲିଅନ୍ତା ଥାନା ଅଞ୍ଚଳରେ ସଂଘବଦ୍ଧ ଆକ୍ରମଣରେ ଜିଆର୍‌ପି କନଷ୍ଟେବଳଙ୍କ ମୃତ୍ୟୁ ହେଲା । ପୋଲିସ ଅବହେଳା ପାଇଁ ମୃତ୍ୟୁ ହେଲା ବୋଲି ଗୁରୁବାର ଠାରୁ ଚର୍ଚ୍ଚା ହେଉଛି । ଏହି ଖବର କେବଳ ଓଡ଼ିଶା ନୁହେଁ ଜାତୀୟସ୍ତରରେ ମଧ୍ୟ ଆଲୋଚନା ହେଉଛି । ପୋଲିସ ଠିକ୍ ସମୟରେ ପହଞ୍ଚିଥିବା ବେଳେ ଭିଡକୁ ମୁକାବିଲା କରି ସୌମ୍ୟଙ୍କୁ ବଞ୍ଚାଇ ପାରିଲା ନାହିଁ । ସମୀକ୍ଷା ବୈଠକରେ ପୋଲିସର କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା ହୋଇଥିଲା । ଦୀର୍ଘ ସମୟ ବୈଠକ ହୋଇଥିବା ବେଳେ ଡିଜିପି, ପୋଲିସ କମିଶନର ପ୍ରଭୃତି ମତ ରଖିଥିଲେ । ବୈଠକରେ ଯୋଗ ଦେଇଥିବା ଅଫିସରମାନେ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶ୍ନ କରିଥିଲେ । ସେ ପ୍ରଶ୍ନର ଉତ୍ତର ଡିଜିପି ଓ ପୋଲିସ କମିଶନ ସୂଚାରୁ ରୂପେ ଅଫିସରଙ୍କୁ ବୁଝାଇଥିଲେ । ବୈଠକ ସରିବା ପରେ ଡିଜିପି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକରେ ଆଲୋଚନା ହେଲା । ଆମେ କିପରି ଲୋକଙ୍କ ବିଶ୍ୱାସଭାଜନ ହେବୁ ତାହା ବିସ୍ତୃତ ଭାବେ ଅଫିସରଙ୍କ ସହ ଚର୍ଚ୍ଚା ହେଲା ବୋଲି ସେ କହିଛନ୍ତି । କମିଶନରେଟ୍ ପୋଲିସ ପକ୍ଷରୁ ଡିଜିପି ସୁରକ୍ଷାକୁ ନେଇ ପ୍ରତିଶ୍ରୁତି ଦେଇଛନ୍ତି । ୩/୪ଦିନ ହେବ ଲୋକଙ୍କ ମନରେ କିଛି ଆଶଙ୍କା ସାମ୍ନାକୁ ଆସିଛି । ସେଥିପାଇଁ ସତର୍କ ରହି କାମ କରିବାକୁ ହେବ । ଲୋକଙ୍କ ସୁରକ୍ଷା ପାଇଁ ପୋଲିସକୁ ସରକାର ସମସ୍ତ ବ୍ୟବସ୍ଥା ଯୋଗାଇ ଦେଇଛନ୍ତି । ତେଣୁ ତ୍ରୁଟି ଥିଲେ ସୁଧାରିବୁ, ବ୍ୟବସ୍ଥାକୁ ଅପ୍‌ଗ୍ରେଡ୍ କରିବୁ ବୋଲି ଡିଜିପି ଗଣମାଧ୍ୟମକୁ କହିଛନ୍ତି । କମିଶନରେଟ୍ ପୋଲିସ ଉପରେ ପୂରା ଭରସା ଅଛି ବୋଲି ଡିଜିପି କହିଛନ୍ତି । ପୂର୍ବରୁ ଭଲ କାମ କରିଥିବା ନଜିର ମଧ୍ୟ ରହିଛି । ପୋଲିସ କମିଶନର ଗଣମାଧ୍ୟମକୁ କହିଛନ୍ତି ଯେ, ପୋଲିସ ବାଲିଅନ୍ତାର ଘଟଣାସ୍ଥଳରେ ଠିକ୍ ସମୟରେ ପହଞ୍ଚିଲା । ଭିଡ ମୁକାବିଲା କରି ସୌମ୍ୟଙ୍କୁ ବଞ୍ଚାଇ ପାରିଲା ନାହିଁ । ସେଥିପାଇଁ ୪ଜଣଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଗଣମାଧ୍ୟମ ଆମ ଭଲ ଓ ମନ୍ଦ କଥା ପ୍ରକାଶ କଲେ ଆମେ ସତର୍କ ରହିବୁ । କେବଳ ଆମ ତ୍ରୁଟି ନୁହେଁ, ଆମେ କରୁଥିବା ଭଲ କାମ ମଧ୍ୟ ଲୋକଙ୍କ ନଜରକୁ ଆସିବା ଦରକାର ବୋଲି ପୋଲିସ କମିଶନର କହିଛନ୍ତି । ବାଲିଅନ୍ତା ଥାନାରେ ଦୁଷ୍କର୍ମ ଉଦ୍ୟମ ଓ ହତ୍ୟା ଘଟଣାକୁ ନେଇ ଦୁଇଟି ମାମଲା ରୁଜୁ ହୋଇଥିଲା । ହତ୍ୟା ମାମଲାରେ ୧୧ଜଣଙ୍କୁ ଗିରଫ କରାଯାଇଛି । ମାମଲା କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ହାତକୁ ନେଇଛି । ଏଣିକି କ୍ରାଇମ୍‌ବ୍ରାଞ୍ଚ ମାମଲାର ତଦନ୍ତ ଜାରି ରଖିବ । ଗଣମାଧ୍ୟମ ଆମ ତ୍ରୁଟିକୁ ନଜରକୁ ଆଣିଲେ ଆମେ ସତର୍କ ହୋଇ କାମ କରିବୁ ବୋଲି ପୋଲିସ କମିଶନର କହିଛନ୍ତି ।

## ଚାନ୍ଦବାଲି...

ଜୁଲାଇ ୨୦୧୮ ରୁ ୪ ମଇ ୨୦୨୩ ମଧ୍ୟରେ ୧୦୨ଟି ମିଥ୍ୟା/ଜାଲ ବିଲ ଜରିଆରେ ୮ କୋଟି ୪ଲକ୍ଷ ୭୬ ହଜାର ୧୪୬ଟଙ୍କା ଆତ୍ମସାତ ହୋଇଥିବା ଜଣାଯାଇଛି । ବିନା ସମୀକ୍ଷାରେ ମନଇଚ୍ଛା ଦସ୍ତଖତ କରିଥିବା ଅଭିଯୋଗରେ ଚାନ୍ଦବାଲିର ପୂର୍ବତନ ତହସିଲଦାର ସୁଶାନ୍ତ ସୂତାରଙ୍କୁ ନିକଟରେ ସରକାର ନିଲମ୍ବିତ କରିଥିଲେ । ଚାନ୍ଦବାଲି ସବ ଟ୍ରେଜେରିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେବା ପରେ ଭିଜିଲାନ୍ସ ଟିମ ତନାଘନା ଆରମ୍ଭ କରିଥିଲା । କିନ୍ତୁ ୬ ମାସ ତଳେ ନିଲମ୍ବିତ ହୋଇଥିବା ଚତୁର କିରାଣି ନିଜ ଆକାଉଣ୍ଟରେ ରଖୁନଥିଲେ ।

୨୦୦୯ ରୁ ୨୦୨୪ ମଧ୍ୟରେ ସବ ଟ୍ରେଜେରି ବ୍ୟାପକ ଏକ ଦୁର୍ନୀତି ହୋଇଛି । ସବଟ୍ରେଜେରୀକୁ ଯାଉଥିବା ବିଭି ବିଭିନ୍ନ ସରକାରୀ ଫାଇଲ ଅର୍ଥକୁ ଅତି ଚତୁରତାର ସହ ନିଜର ଚିହ୍ନା ପରିଚିତଙ୍କ ଆକାଉଣ୍ଟରୁ ଟ୍ରାନ୍ସଫର୍ କରୁଥିଲେ । ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟ ସାଙ୍ଗକୁ ୩୭ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଅର୍ଥ ଯାଇଥିବା ଜଣା ପଡିଛି । ଜଣ ଜଣଙ୍କ ଆକାଉଣ୍ଟରୁ ୫ ଲକ୍ଷରୁ ୩୦ ଲକ୍ଷ ଯାଏ ଟଙ୍କା ଟ୍ରାନ୍ସଫର ହୋଇଛି । ଆଜି ଭିଜିଲାନ୍ସର ଡେପୁଟି ଡାଇରେକଫର ଆଶୁତୋଷ ପାଇକରାୟ ଅନେକ ତଥ୍ୟ ସହ ଏକ ପ୍ରେସ ରିଲିଜ ପ୍ରଦାନ କରିଛନ୍ତି । ଏହି ଦୁର୍ନୀତିରେ ଯେଉଁମାନେ ସଂପୃକ୍ତ ସେହି ସବୁ ଅଭିଯୁକ୍ତ ଓ ମୁଖ୍ୟ ଅଭିଯୁକ୍ତଙ୍କ ଫଟୋ ସହ ସେମାନଙ୍କର କଳା କାରନାମାର ଗୁମର ଖୋଲୁଛି ଭିଜିଲାନ୍ସ ।

# ପ୍ରଭୁ ଲଡୁବାବାଙ୍କ ଭଉଁରୀ ଯାତ୍ରା



ଶରଣକୁଳ, (ସବ୍ୟୁ): ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳରେ ବାବା ଲଡୁକେଶ୍ୱରଙ୍କ ଭଉଁରୀ ଯାତ୍ରା ପାଳିତ ହୋଇଯାଇଛି । ୨୧ଦିନ ଧରି ଚାଲୁ ଥିବା ଚନ୍ଦନଯାତ୍ରାର ଅନ୍ତିମ ଦିବସକୁ ଭଉଁରୀ ଯାତ୍ରା ଭାବେ ଜଣାଯାଉଥିବା ଏହି ଯାତ୍ରାରେ ପ୍ରତିବର୍ଷ ଭଳି ଲଡୁବାବା ମନ୍ଦିର ପାର୍ଶ୍ୱ ପୁଷରିଣୀରେ ସୁସଜ୍ଜିତ ଡଙ୍ଗାରେ ଚାପଖେଳ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରାଦ୍ଧଳୁ ପ୍ରଭୁଙ୍କ ଏହି ପ୍ରସିଦ୍ଧ ଭଉଁରୀ ଯାତ୍ରାରେ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ରବିବାର ପୂର୍ବାହ୍ନରେ ବାବାଙ୍କ କ୍ଷୀରାଭିଷେକ ପରେ ଠାକୁର ଠାକୁରାଣୀ ବେଶ ହୋଇ ସୁବାଷପଖାଳ ଦହି, ଭାତ, ଡାଲି, ତରକାରୀ, ଖିରୀ, ଖଟା ଇତ୍ୟାଦି ଭୋଗ ବଡ଼ପଣ୍ଡାଙ୍କ ହାତରେ ରହି ଲାଗି ହୋଇଥିଲେ । ଲଡୁବାବାଙ୍କ ବିଜେ ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର, ମା' ପାର୍ବତୀ, ପ୍ରଭୁ ରାମକୃଷ୍ଣଙ୍କ ଦକ୍ଷିଣଦ୍ୱାରରେ ଆଳତୀ ସରିଲା ପରେ ଏକଘେରା ବେଢ଼ା ବୁଲି ମହନ ଭିତରେ ପହଞ୍ଚିଥିଲେ । ସେଠାରେ ମାଧ୍ୟାହ୍ନ ଧୂପ ପରେ ଠାକୁରମାନେ ଦିନସାରା ଚନ୍ଦନ ଘରେ ସୁବାସିତ ଚନ୍ଦନ ଜଳପୂର୍ଣ୍ଣ କୁଣ୍ଡରେ ବୁଡ଼ିରହିଥିଲେ । ସନ୍ଧ୍ୟାରେ ବଡ଼ପଣ୍ଡା ଠାକୁରଙ୍କୁ ଚନ୍ଦନକୁଣ୍ଡରୁ ଆଣି ବେଶ କରିବାପରେ ସନ୍ଧ୍ୟାଭୋଗ ଲାଗି କରିଥିଲେ । ରାତିରେ ବିରାଟ ପଟୁଆରରେ ହରିହରପୁର ଗ୍ରାମର ପ୍ରଭୁ ଦଧିବାମନ ଜୀଉ ଲ ମନ୍ଦିରରେ ଆସି ପହଞ୍ଚିବା ପରେ ସମସ୍ତ ଠାକୁରମାନଙ୍କ ସହ ଚନ୍ଦନ ଘରୁ ବାହାରି ସୁସଜ୍ଜିତ ଡ଼ଙ୍ଗାରେ ବିଜେ ହେବାପରେ ଦକ୍ଷିଣରେ ଲକ୍ଷ୍ମୀନାରାୟଣ ବିଜେ ହୋଇଥିଲେ । ପରେ ସମସ୍ତ ଠାକୁର ଡଙ୍ଗାରେ ବିରାଜମାନ ହୋଇ ପୁଷ୍କରିଣୀରେ ୨୧ଘେରା ପରିକ୍ରମା କରିଥିଲେ । ପ୍ରଭୁଙ୍କ ଏହି ନୌବିହାର ସମୟରେ ସହସ୍ରାଧିକ ଭକ୍ତ, ଶ୍ରଦ୍ଧାଳୁ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଉପସ୍ଥିତ ରହି ପ୍ରଭୁଙ୍କର ଏହି ଅପୂର୍ ଲୀଳାକୁ ଦର୍ଶନ କରିବା ସହ ମାନସିକ ବାଣ ପରେ ଅନ୍ୟ ବାଣ ସବୁର ଆନନ୍ଦ ନେଇଥିଲେ । ଚାଳିମଣ୍ଡପଠାରେ ପ୍ରଭୁଙ୍କ ଉଦେଶ୍ୟରେ ପୌରାଣିକ ନାଟକ ପରିବେଷଣ ହୋଇଥିଲା । ପରେ ସବୁଦିନ ପରି ସମସ୍ତ ଠାକୁର ଭିଖାରିପ ଗ୍ରାମ ପରିକ୍ରମା ପୂର୍ବକ ଚାଟେରୀ ଭୋଗ ଲାଗି ହୋଇ ବିଳମ୍ବିତ ରାତିରେ ମନ୍ଦିରକୁ ଫେରିଥିଲେ । ଏହି ଭଉଁରୀ ଯାତ୍ରାର ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳକ ସୁବାଷ ଚନ୍ଦ୍ର ବରାଡ଼ ପରିଚାଳନା କରିଥିଲାବେଳେ ମନ୍ଦିର ପରିଚ୍ଛା ତୋଷବନ୍ତ କର, ସୁନିଲ କୁମାର ବଡ଼ପଣ୍ଡା, ଶିବ ପ୍ରସାଦ ପୁଷ୍ପ ପାଳକ, ସଞ୍ଜୟ ମହାପାତ୍ର ଓ ସମସ୍ତ ସେବାସୀ ସହଯୋଗ କରିଥିଲେ ।

# ଦୀର୍ଘବର୍ଷ ପରେ ଚନ୍ଦନଯାତ୍ରା: ଚାପ ଖେଳିଲେ ଚାରି ଠାକୁର

ଦଶପଲ୍ଲା,(ସବ୍ୟୁ): ଦୀର୍ଘବର୍ଷ ପରେ ଚାପ ଖେଳିଲେ ଚାରି ଠାକୁର । ଦୀର୍ଘ ୩୦ ବର୍ଷ ପରେ ଠାକୁର ଙ୍କ ଚନ୍ଦନଯାତ୍ରା ବା ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଚାପ ଖେଳିଥିଲେ ଚାରି ଠାକୁର । ଦଶପଲ୍ଲା ଦେବୋତ୍ତର ବିଭାଗ ପକ୍ଷରୁ ଏହି ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା । ଦଶପଲ୍ଲାର ପ୍ରସିଦ୍ଧ ଚାରି ଠାକୁର ଶ୍ରୀରାଧାକାନ୍ତ,ଶ୍ରୀ ମଦନମୋହନ, ବାବା ନିଳକେ=ଶ୍ୱର ଓ କିଶୋରେଶ୍ୱରଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥିଲା । ବିଶେଷ ଭାବେ ଚାରି ଠାକୁରଙ୍କ ଚଳନ୍ତି ପ୍ରତିମା ଙ୍କୁ ବହୁ ଆଡମ୍ବର ସହକାରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ କିଶୋରେଶ୍ୱର ମନ୍ଦିର ଠାରେ ପହଞ୍ଚିଥିଲା । ପରେ ସ୍ଥାନୀୟ ବାବୁବସା ପୁଷ୍କରିଣୀ ଠାରେ ପୂର୍ବରୁ ପ୍ରସ୍ତୁତଥିବା ଦୁଇଡଙ୍ଗାରେ ଚାରି ଠାକୁରଙ୍କୁ ଡଙ୍ଗାରେ ବସାଯାଇ ଠାକୁରଙ୍କ ଚାପଖେଳ ବା ଭଉଁରିଯାତ୍ରା ଅନୁଷ୍ଠିତ ହୋଇଥିଲା । ପୋଖରୀ ଚାରିପାଖରେ ୭ ଥର ଭଉଁରୀଖେଳ ପରେ ଠାକୁରଙ୍କୁ କିଶୋରେଶ୍ୱର ମନ୍ଦିର ଠାରେ ନିର୍ମିତ ବେଦୀକୁ ନିଆଯାଇଥିଲା ।

## ମହଙ୍ଗା...

ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅଶୋଧିତ ତୈଳ ମୂଲ୍ୟ ବଢ଼ିବା ଯୋଗୁଁ ଜୈବିକ ଇନ୍ଧନ ଚାହିଦା ବୃଦ୍ଧି ପାଇଛି । ଖାଇବା ତେଲ ମୂଲ୍ୟ ମାର୍ଚ୍ଚ ତୁଳନାରେ ୫.୯% ବୃଦ୍ଧି ପାଇଛି । ୨୦୨୨ ଜୁଲାଇ ପରଠାରୁ ଏହା ସର୍ବାଧିକ ବୃଦ୍ଧି । ମାଂସ ଦରରେ ୧.୨% ବୃଦ୍ଧି ଘଟିଛି । ଶସ୍ୟ ଦରରେ ୦.୮% ବୃଦ୍ଧି ଦେଖିବାକୁ ମିଳିଛି । ଯଦି ଯୁଦ୍ଧ ୧୦ ଦିନରୁ ଆହୁରି ଅଧିକ ଲମ୍ବେ ୨୦୨୬ ଶେଷ ଏବଂ ୨୦୨୭ରେ ବିଶ୍ୱରେ ଖାଦ୍ୟ ସଂକଟର ସମ୍ଭାବନା ବଢ଼ିବ । ସାର ଦର ବୃଦ୍ଧି ଯୋଗୁଁ ଚାଷୀମାନେ କେଉଁ ଫସଲ କରିବେ ଚିନ୍ତା କରୁଛନ୍ତି । ସାର କମ ବ୍ୟବହାର ହେବାର ଆଶଙ୍କା ଥିବାରୁ ଉତ୍ପାଦନ କମିବାର ଆଶଙ୍କା ମଜଭୂତ ହୋଇଛି । ଏପ୍ରିଲ ମାସରେ ଭାରତରେ ଦରଦାମ ସୂଚାଙ୍କ ବାର୍ଷିକ ୧.୧% ଓ ମାସିକ ଆଧାରରେ ୦.୩% ବଢ଼ିଛି । ଗତ ମାସରେ ୨୦ ଅତ୍ୟାଧିକ ସାମଗ୍ରୀ ମଧ୍ୟରୁ ୧୬ଟିରେ ମୂଲ୍ୟ ବଢ଼ିଛି । ଖାଇବା ତେଲ, ଟମାଟୋ ଓ ଅନ୍ୟ ଜରୁରୀ ସାମଗ୍ରୀ ଉପରେ ୩୬% ବୃଦ୍ଧି ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫିତିକୁ ୪% ପର୍ଯ୍ୟନ୍ତ ପହଞ୍ଚାଇଥିଲା । ଆଗାମୀ ମାସ ଗୁଡିକରେ ଦରଦାମ ବୃଦ୍ଧି ଘଟିବାର ଅନେକ ସମ୍ଭାବନା ରହିଛି ।

## ହିମନ୍ତ...

ଗୃହମନ୍ତ୍ରୀ ଅମିତ ଶାହା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବିଜେପି ନେତୃତ୍ୱାଧୀନ ଏନଡିଏ ଲଗାତାର ୩ଥର ଲାଗି ଆସାମରେ ସରକାର ଗଠନ କରିବାକୁ ଯାଉଛି । ସଦ୍ୟ ଶେଷ ହୋଇଥିବା ଆସାମ ୧୨୬ ବିଧାନସଭା ଆସନ ମଧ୍ୟରୁ ଏନଡିଏକୁ ୧୦୨ ଆସନ ମିଳିଛି । ବିଜେପି ସର୍ବାଧିକ ୮୨ଟି ଆସନରେ ବିଜୟଲାଭ କରିଛି ।

## ଗୁଲିମାଡ଼...

ଘଟଣାସ୍ଥଳରେ ପୁଲିସର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଇନ୍ଦିରା ନଗର ତୃତୀୟ ଗଳିରୁ ବ୍ୟବହୃତ ଖୋକା ମଧ୍ୟ ଜବତ କରାଯାଇଛି । ପୂର୍ବ ଶତୃତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି । ଘଟଣା ପରେ ରାୟଗଡା ସହରରେ ଆତଙ୍କିତ ପରିବେଶ ସୃଷ୍ଟି ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ମୃତ ନିଖିଲଙ୍କ ପରିବାର ଓ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ । ଥାନା ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ ମଧ୍ୟ କରାଯାଉଥିବା ବେଳେ ବର୍ତ୍ତମାନ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି ପରିବାର ଲୋକେ ସେମାନଙ୍କ ଗୋଟିଏ ଦାବି ଅଭିଯୁକ୍ତ ମାନଙ୍କୁ ଗିରଫ କରି ଆମକୁ ହସ୍ତାନ୍ତର କରନ୍ତୁ । ପୋଲିସ ପକ୍ଷରୁ ବାରମ୍ବାର ଶାନ୍ତ କରିବା ପାଇଁ ପ୍ରୟାସ କରାଯାଉଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଥାନା ପରିସରରେ ବ୍ୟାପକ ପୁଲିସ ସହ ଅଗ୍ନିଶମ ବିଭାଗ କର୍ମଚାରୀ ମୁତୟନ କରାଯାଇଛି । ଉତ୍ୟକ୍ତ ଲୋକଙ୍କୁ ଶାନ୍ତ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଚାଲିଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାରଙ୍କ ନିର୍ଦ୍ଦେଶରେ ୪ଟି ବିଶେଷ ଟିମ୍ ଗଠନ କରାଯାଇଛି । ସେ ଘଟଣାର ତଦନ୍ତ ପାଇଁ ନିଜେ ଘଟଣା ସ୍ଥଳକୁ ଯାଇଅନୁସନ୍ଧାନ କରିବା ସହିତ ଅଭିଯୁକ୍ତମାନଙ୍କ ଚିହ୍ନଟ ହୋଇସାରିଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ମଧ୍ୟ ଏସପି ସୂଚନା ଦେଇଛନ୍ତି । ଏହାକୁ ନେଇ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତି ହୁଗୁଳା ତେଣୁ ଚିନ୍ତା ପ୍ରକାଶ କରିଛନ୍ତି । ଏହା ସହିତ ଲୋକମାନେ ଆଇନ ଶୃଙ୍ଖଳା ଓ ସରକାରୀ ବ୍ୟବସ୍ଥା ଉପରୁ ଭରସା ହରାଇବାକୁ ଲାଗିଛନ୍ତି । ଆମେ ରାୟଗଡ଼ାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ ଯେ, ଆପଣ ଗୃହ ବିଭାଗର ଦାୟିତ୍ୱରେ ଥିବାରୁ ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଯଥାଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରି କଠୋର କାର୍ଯ୍ୟନୁଷ୍ଠାନ ନିଆଯାଉ । ରାୟଗଡ଼ାରେ ଶାନ୍ତି ଓ ସୁରକ୍ଷା ପୁନସ୍ଥାପନ କରନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି ।

ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA – 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
OHPC ISO : 9001, 14001, 18001 Certified
No. HHEP/PUR-26/4 / 2977 Date: 05.05.2026 4001/74/2627
NOTICE INVITING TENDER NO. HHEP-44/2026

Sealed Tenders are invited in two parts i.e. (i) Techno Commercial bid & (ii) Price bid in sealed envelopes from the reputed manufacturers /authorized dealers / channel partners / reputed suppliers for supply of the following items as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refund-able) in Rs. |
|---|---|---|
| Supply of Rubber Items and Paints for day to day Maintenance of T/G equipments of HHEP, Burla | Rs. 4720/- (Rs. 4000/- + GST@18%) | 5,950/- |

- Period of Sale / Download of tender paper : 08.05.2026 (11.00AM) to 20.05.2026 upto 01:00PM
- Last Date & Time of Receipt of tender document : 21.05.2026 upto 11:00AM
- Date & time of opening of bid : 21.05.2026 at 11:30AM

For details of the tender documents, terms and conditions please visit our website www.ohpcltd.com

OIPR: 4001/4007/1/26-27/0009
Sd/-
C & P Head, HHEP, Burla

GOVERNMENT OF ODISHA
OFFICE OF THE SUPERINTENDING ENGINEER,
GANJAM [R&B] DIVISION NO II, BERHAMPUR
34001/179/2627
Phone/Fax 0630-2233996, e-mail sernb2.ganjam@gmail.com
INVITATION FOR BIDS (IFB) [e-Procurement]
TENDER CALL NOTICE
Bid Identification No. SC (R&B)-GM-II-02/2026-27 No. 4923 Date. 02.05.2026

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below.
2) Nature of Work : Building work
3) No. of work : 01 No.
4) Tender Cost : Rs. 10.000/-
5) Class of Contractor : 'B' Class
6) Availability of bid documents in the website : From 11.05.2026 10.00 AM to 21.05.2026 4.00 P.M.
7) Date of opening of Bid : 22.05.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.
10) The authority reserves the right to cancel/reject any or all bids without assigning any reason thereof.

(Sd/- S. Panigrahi)
Superintending Engineer
Ganjam (R&B) Division No.II
OIPR : 34001/34080/1/26-27/0004

# ସିଧାମୂଳାରୁ ଚୋରୀ ବୋଲେରୋ ପିପିଲିରୁ ଉଦ୍ଧାର

କଣ୍ଟିଲୋ,(ସବ୍ୟୁ): ଖଣ୍ଡପଡା ଥାନା ଅନ୍ତର୍ଗତ ସିଧାମୂଳା ଗ୍ରାମୁ ଚୋରି ହୋଇଥିବା ବୋଲେରୋ ଗାଡି ପିପିଲୁ ଉଦ୍ଧାର ହୋଇଛି ।ଖଣ୍ଡପଡା ପୁଲିସ, ପିପିଲି ପୁଲିସ ସହାୟତା ର ଉକ୍ତ ଚୋରି ବୋଲେରୋକୁ ପିପିଲରୁ ଆଣି କଣ୍ଟିଲେରେ ପହଞ୍ଚିଛି । ହେଲେ ଚୋର ଚମ୍ପଟ ମାରିଛନ୍ତି । ପ୍ରକାଶ ଯେ, ସିଧାମୂଳା ଗ୍ରାମର ଯୁଧିଷ୍ଠିର ମନ୍ତ୍ରୀ ପ୍ରତିଦିନ ପରି ନିଜ ବୋଲେରୋକୁ ନିଜ ଘର ନିକଟରେ ପାର୍କିଂ କରିଥାନ୍ତି ।ମଙ୍ଗଳବାର ରାତିରେ ବୋଲେରୋ ଚୋରି ହୋଇଯାଇଥିଲା । ଏନେଇ କଣ୍ଟିଲୋ ଫାଣ୍ଡି ରେ ଅଭିଯୋଗ କରିବାପରେ ପୁଲିସ ତତ୍ପରତା ପ୍ରକାଶ କରିଥିଲା । ଖଣ୍ଡପଡା ପୁଲିସ ସବୁ ଥାନାକୁ ସୂଚନା ଦେବା ସହ ଅନୁସନ୍ଧାନ କରିଥିଲେ । ସୂଚନା ପାଇ ଖଣ୍ଡପଡା ଥାନା ଆଇଆଇସି କୃତିବାସ ହରିଚନ୍ଦନଙ୍କ ନେତୃତ୍ୱରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସଙ୍କ ସହ ଏକ ଟିମ ପିପିଲି ଯାଇ ପୁଲିସ ସହାୟତାରେ ଚୋରି ବୋଲେରୋକୁ ଉଦ୍ଧାର କରି ମାଲିକ ଯୁଧିଷ୍ଠିରଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି ।




# ଜାଭିୟର୍ସ ସ୍କୁଲ, ମାଲିକାନା ସତ୍ୱକୁ ନେଇ ବିବାଦ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ

ଆଠଗଡ,(ସବ୍ୟୁ): ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ଆଠଗଡ ଉପଖଣ୍ଡ ମୁଖ୍ୟାଳୟଆଠଗଡ଼ ରାଜବାଟୀ ନଗର ଠାରେ ୨୦୧୪ ମସିହାରେ ସେଣ୍ଟ ଜାଭିୟସ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସ୍କୁଲ ଖୋଲାଯାଇଥିଲା । ମାତ୍ର ଏବେ ସ୍କୁଲର ଟ୍ରଷ୍ଟି ମଧ୍ୟରେ ବିବାଦ ଦେଖାଦେବା ନେଇ ସ୍କୁଲରେ ୧୧୦୦ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡିଛନ୍ତି ଅଭିଭାବକ । ବିବାଦକୁ ନେଇ ଦୁଇ ଗୋଷ୍ଠୀଙ୍କ ପକ୍ଷରୁ ଆଠଗଡ ଥାନାରେ ଏତାଲା ଦିଆଯାଇଛି । ଥାନା ପକ୍ଷରୁ ସହଯୋଗରେ ସମାଧାନ ପାଇଁ ପ୍ରୟାସ କରାଯାଇଥିଲା । ଉପଖଣ୍ଡ ପ୍ରଶାସନ ପକ୍ଷରୁ ଟ୍ରଷ୍ଟିଙ୍କୁ ଆଠଗଡ଼ ଉପଖଣ୍ଡ ଆରକ୍ଷି ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଡକାଇ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆଲୋଚନା କରାଯାଇଥିଲା ଦୁଇ ଟ୍ରଷ୍ଟି ମଧ୍ୟରେ ଥିବା ବିବାଦକୁ ନେଇ ଜିଲ୍ଲା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରଧିନ ଥିବାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ସ୍କୁଲରେ ପ୍ରବେଶ କରିବାକୁ ପ୍ରଶାସନ ପକ୍ଷରୁ ମନା କରିବା ସହିତ ଅଭିଯୋଗକୁ ଲିଖିତ ଭାବେ ଦେବା ଏବଂ ଏଥିରେ ଆବଶ୍ୟକିୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ପୁରୁଣା ଟ୍ରଷ୍ଟି ଅଭିଯୋଗ ପତ୍ର ସହିତ ଆବଶ୍ୟକିୟ ନଥିପତ୍ର ଦାଖଲ କରିଥିବାବେଳେ ନୁତନ ଟ୍ରଷ୍ଟି କୌଣସି ଅଭିଯୋଗ ପତ୍ର କିମ୍ବା କୌଣସି ନଥିପତ୍ର ଦାଖଲ କରି ନଥିଲେ ବୋଲି ପ୍ରଶାସନ ପକ୍ଷରୁ ସୂଚନା । ଏଠାରେ ପ୍ରକାଶ ଯୋଗ୍ୟ ୨୦୧୪ ମସିହାରେ ସ୍କୁଲ ଖୋଲାଯିବା ସମୟରେ ସ୍କୁଲର ଟ୍ରଷ୍ଟି ଭାବେ ଜି ଏସ ପଟ୍ଟନାୟକ ଏବଂ ପ୍ରଭୁ ଚରଣ ମହାନ୍ତି ମିଳିତ ଭାବେ ରହିଥିଲେ । ଟ୍ରଷ୍ଟିମାନଙ୍କ ମଧ୍ୟରେ ମତଭେଦ ନେଇ ଟ୍ରଷ୍ଟର ସେଲଟର ଟ୍ରଷ୍ଟକୁ ଭାଙ୍ଗି ଚାରିଟେବୁକ ମ୍ୟାନେଜମେଣ୍ଟ ନାମରେ ଏକ ନୁତନ ଟ୍ରଷ୍ଟ ଗଢା ଯିବା ସହିତ ଟ୍ରଷ୍ଟରେ ନୁତନ କର୍ମକମର୍ତ୍ତା ଭାବେ ପଭୁଚରଣ ମହାନ୍ତିଙ୍କ ପୁଅ ସୌମ୍ୟେକ ମହାନ୍ତି ଦାୟିତ୍ୱ ନେଇ ନୁତନ ବୋର୍ଡ ଗଠନ କରିଥିଲେ ।

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
13001/400/2627
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୭ ରେ ପ୍ଲଟ ନଂ-F/839 ଟିକୁ ଶ୍ରୀ ଚିତ୍ତରଞ୍ଜନ କାନୁନଗୋ, ପିତା-ସ୍ୱର୍ଗତ ଅନାଦି ଚରଣ କାନୁନଗୋ, ସା-ଚକଡା, ପୋ-ବଳଦେବଜୀଉ, ଥା-ବଳଦେବଜୀଉ, ଜିଲ୍ଲା-କେନ୍ଦ୍ରାପଡା, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଚିତ୍ତରଞ୍ଜନ କାନୁନଗୋ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସସ୍ମିତା ଗୁପ୍ତା, ସ୍ୱାମୀ- ଅନିଲ ଗୁପ୍ତା, ସା- ପ୍ଲଟ ନଂ-F/808, ମର୍କତନଗର, ଥା-ମର୍କତନଗର, ଫେଜ-୧, ଜିଲ୍ଲା-କଟକ-ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)
OIPR : 13001/13037/1/26-27/0018

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
UPPER INDRAVATI RIGHT CANAL DIVISION.NO.I
AT/PO: MUKHIGUDA, DIST: KALAHANDI ODISHA,
PIN: 766026 e-mail address: eeuired1@gmail.com
32001/171/2627 No. 730 Date : 06.05.2026

1. Type/Nature of work : Civil Works
2. Total No. of works : 15 (Fifteen) Nos.
3. Approx. value of works : Rs.7.54 Lakh to Rs. 30.00Lakh (Excluding GST).
4. Period of completion : 02 (Two Calender) Months
5. Classification of bidders : 'D','C & 'B' Class Contractors only.

Other details as follows :

| Procurement Officer | e-Procurement Notice No. | Bid Amount | Availability & Submission of Bids online |
|---|---|---|---|
| 1 | 2 | 3 | 4 |
| SUPERINTENDING ENGINEER UPPER INDRAVATI RIGHT CANAL DIVISION NO.I AT/PO: MUKHIGUDA, DIST. KALAHANDI ODISHA, PIN: 766026 | SE, RCD-I-01 (01-15)/26-27 Dt. 06.05.2026 | Rs. 7.54 Lakh to Rs. 30.00 Lakh (Excluding GST). | From 12.05.2026 to 25.05.2026 |

N.B : Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt, website www.tendersodisha.gov.in

Date of opening of bid : Dt. 26.05.2026 at 11.00 AM in the O/O the Superintending Engineer, UI Right Canal Division No-I, Mukhiguda, Kalahandi, Odisha, PIN-766026

Sd/- Superintending Engineer,
UI Right Canal Division.No.I,
Mukhiguda, Kalahandi.
OIPR : 32001/32022/1/26-27/0001

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

### ଆଇଆଇଏମ୍‌ଟି ପକ୍ଷରୁ ଲେକ୍ଚର୍ ନୋଟ୍

# ଉନ୍ମୋଚନ ହେଲା ଜଳ, ଶକ୍ତି ଓ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଓ ଟେକ୍ନୋଲୋଜି ପକ୍ଷରୁ "ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟାରେ ବିକଶିତ କ୍ୟାରିଅର" ବିଷୟରେ ପ୍ରସ୍ତୁତ "ଆଇଆଇଏମଟି ଲେକ୍ଚର୍ ନୋଟ୍" ର ଭବ୍ୟ ଉନ୍ମୋଚନ ଅନୁଷ୍ଠାନ ହୋଇଛି। ଏହା ସହିତ ଜଳ,ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଉଦଘାଟନ ହୋଇଛି। ଆଇଆଇଏମଟି ଚେୟାରମ୍ୟାନ ପ୍ରଫେସର (ଡ଼ଃ) ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପରାମର୍ଶରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଏବଂ ଅଏଲ୍ ମ୍ୟାକ୍ସ ଏନର୍ଜି ପ୍ରା. ଲିମିଟେଡର ସିଇଓ ଡ଼ଃ ରବି ବସ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡ଼ଃ ବସ୍ତିଆ "ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟାରେ ବିକଶିତ କ୍ୟାରିୟର" ବିଷୟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହା ଗବେଷଣା, ନବୀନତା ଓ ସ୍ଥାୟୀ ଉନ୍ନୟନ ପାଇଁ ଏକ ବହୁମାତ୍ରିକ କେନ୍ଦ୍ର



ଭାବେ ପରିକଳ୍ପନା କରାଯାଇଛି। ଏହି କେନ୍ଦ୍ର ଜଳ ଅଭାବ, ଉର୍ଜା ସୁରକ୍ଷା, ପରିବେଶୀୟ ସ୍ଥାୟୀତ୍ୱ ଏବଂ ଜଳବାୟୁ ପରିବର୍ତ୍ତନ ପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମନ୍ୱିତ ବୈଜ୍ଞାନିକ ଗବେଷଣା, ଯାନ୍ତ୍ରିକ ନବୀନତା ଏବଂ ନୀତି-ଭିତ୍ତିକ ପଦକ୍ଷେପ ମାଧ୍ୟମରେ ସମାଧାନ କରିବାକୁ ଲକ୍ଷ୍ୟ ରଖିଛି।

ଏହି ପୁସ୍ତକରେ ସିଭିଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ ଏବଂ ଇନଫର୍ମେସନ୍ ଟେକ୍ନୋଲୋଜି ସହିତ ବିଭିନ୍ନ ପ୍ରମୁଖ ଯାନ୍ତ୍ରିକ ବିଷୟର ଦକ୍ଷମାନଙ୍କ ଅଧ୍ୟାୟଗୁଡ଼ିକୁ ସମାବେଶ କରାଯାଇଛି। ଏଥିରେ ବର୍ତ୍ତମାନ ଶିଳ୍ପ ପ୍ରବଣତା, ଭବିଷ୍ୟତ ଦକ୍ଷତାର ଆବଶ୍ୟକତା ଏବଂ ବିଭିନ୍ନ ଇଞ୍ଜିନିୟରିଂ କ୍ଷେତ୍ରରେ ଗତିଶୀଳ କ୍ୟାରିୟର ସୁଯୋଗ ସମ୍ପର୍କରେ ଆଲୋକପାତ କରାଯାଇଛି। ଏହି ପ୍ରକାଶନରେ ଏୟାର କମୋଡୋର ନିରଞ୍ଜନ କୁମାର ପରିଡ଼ା, ଏୟାର କମୋଡୋର ତୁହିନ ଦେ, ଇଞ୍ଜିନିୟର ରାଧାମୋହନ ରାଉତ, ଇଞ୍ଜିନିୟର ପାର୍ଥ ସାରଥୀ ଦାସ, ଇଞ୍ଜିନିୟର ପ୍ରକାଶ କୁମାର ପତି, ଡ଼ଃ ଦେବଦତ୍ତ ମିଶ୍ର, ପ୍ରଫେସର ଦେବାଶିଷ ମହାପାତ୍ର ଏବଂ ପ୍ରଫେସର ବିଭୁ ପ୍ରସାଦ ରାଉତରାୟଙ୍କ ସହ ଅନେକ ପ୍ରଖ୍ୟାତ ବିଶେଷଜ୍ଞ ଓ ଶିକ୍ଷାବିଦଙ୍କ ମୂଲ୍ୟବାନ ଅବଦାନ ରହିଛି। କାର୍ଯ୍ୟକ୍ରମଟିର ଆରମ୍ଭ ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର (ଡ଼.) ଜୟଦେବ କରଙ୍କ ସ୍ୱାଗତ ଭାଷଣରେ ହୋଇଥିଲା। ଅନୁଷ୍ଠାନର ଶେଷରେ ପ୍ରଫେସର (ଡ଼ଃ) କବିରାଜ ସେଠୀ ଧନ୍ୟବାଦ ଜ୍ଞାପନ ଓ ସମାପନୀ ଉଦ୍ବୋଧନ ରଖିଥିଲେ।

### ମୁଖ୍ୟମନ୍ତ୍ରୀ ତୁରନ୍ତ ରାଜ୍ୟରେ "ଆଇନର ଶାସନ' ଲାଗୁ କରନ୍ତୁ : ଭକ୍ତ

# ପୁଲିସ କମିସନର କାର୍ଯ୍ୟାଳୟ ଘେରାଉ ଆଜି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ଗୋଟିଏ ସପ୍ତାହ ମଧ୍ୟରେ କଣାସ-ବାଲିଅନ୍ତା-ବାଲିପାଟଣାରେ ତିନି ତିନୋଟି ଭିଡ଼ହତ୍ୟା ବା ମବ୍-ଲିଂଚିଂ ଘଟିବା ପ୍ରମାଣ କରୁଛି ଯେ ଲୋକେ ନିଜ ହାତକୁ ଶାସନ ବ୍ୟବସ୍ଥାକୁ ନେଇସାରିଲେଣି । ସର୍ବସମ୍ମୁଖରେ ବାରମ୍ବାର ମଧ୍ୟଯୁଗୀୟ ବର୍ବରତା ପରି ଘଟଣା ଘଟିଚାଲିଥିଲେ ମଧ୍ୟ ସରକାର ନିଷ୍କ୍ରିୟ ଅଛନ୍ତି। ନେଡ଼ିଗୁଡ଼ କହୁଣୀକୁ ବହିଗଲା ପରେ ଆଉ ସମୀକ୍ଷା କଲେ କ'ଣ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରଶ୍ନ କରିଛନ୍ତି । କଂଗ୍ରେସ ଭବନରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି, ପ୍ରଥମରୁ ଅରାଜକତାକୁ ରୋକିବା ଦିଗରେ ପଦକ୍ଷେପ ନେଇଥିଲେ ଆଜି ଏପରି ଘଟଣାମାନ ବାରମ୍ବାର ଘଟାଇବାକୁ ଦୁର୍ବୃତ୍ତମାନେ ସାହସ କରନ୍ତେ ନାହିଁ। ଆଇନର ଶାସନକୁ ଲାଗୁ କରି ଜନପ୍ରିୟତା ହାସଲ କରିବା ପାଇଁ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପର୍ଯ୍ୟାପ୍ତ



ସୁଯୋଗ ରହିଥିବା ବେଳେ ସେ ଦଳୀୟ ଭିତ୍ତିରେ ପୁଲିସକୁ ବ୍ୟବହାର କରି ରାଜ୍ୟରେ ଏକ ଭୁଲ ଉଦାହରଣ ସୃଷ୍ଟି କରୁଛନ୍ତି । କୌଣସି ଜଘନ୍ୟ କାଣ୍ଡରେ କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ପୁଲିସର ମନୋବଳ ଦୁର୍ବଳ ହୋଇଯାଇଥିବା ସ୍ପଷ୍ଟ ହୋଇଛି । ଏକାଧିକ ଘଟଣାରେ ପୁଲିସକୁ ଲୋକେ ସଂଘବଦ୍ଧ ଭାବେ ଆକ୍ରମଣ କରୁଥିବା ଆଜିକାଲି ଏକ ନିତିଦିନିଆ ଘଟଣା ହେଲାଣି । ପୂର୍ବରୁ କୌଣସି ସରକାର ପୁଲିସକୁ ଏପରି ଦୁର୍ବଳ କରି ନ ଥିଲେ ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି । ପୁଲିସର ସ୍ଥାଣୁତାକୁ ନେଇ ସୋମବାର ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁଲିସ କମିସନରେଟ ଘେରାଉ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ବାଲିଅନ୍ତାରେ ପୁଲିସ କନେଷ୍ଟବଳଙ୍କୁ ଭିଡ଼ହତ୍ୟାରେ ଜଣେ ପୁଲିସଙ୍କ ସଂପୃକ୍ତିର ଫଟୋ ଭାଇରାଲ ହୋଇଥିବା ବେଳେ ସେହି ନିର୍ଦ୍ଦୟ ପୁଲିସଙ୍କୁ ଦଣ୍ଡବିଧାନର ବ୍ୟବସ୍ଥା କରିବା ବଦଳରେ "ପୁଲିସର ଭୂମିକା ପ୍ରଶଂସନୀୟ' ପରି ହାସ୍ୟାସ୍ପଦ ବିବୃତ୍ତିଟିଏ ଦେଇ ସେ ଖୋଦ୍ ପୁଲିସ ବିଭାଗର ପ୍ରଭୂତ କ୍ଷତି କରିଛନ୍ତି । ଆହୁରି ମଧ୍ୟ, ଶାସନତନ୍ତ୍ର କିପରି ଭୁଶୁଡ଼ିଛି, ରାଜସ୍ୱମନ୍ତ୍ରୀଙ୍କ "ରାଜଧର୍ମ ପାଳନ ହେଉ' ପରାମର୍ଶ ତା'ର ପ୍ରମାଣ ଦେଉଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ରାଜ୍ୟରେ "ଆଇନର ଶାସନ' ଲାଗୁ କରନ୍ତୁ, ନଚେତ କଂଗ୍ରେସ ଦଳ ଲକ୍ଷଲକ୍ଷ ଲୋକଙ୍କର ଆନ୍ଦୋଳନ କରି ଲୋକସେବା ଭବନକୁ ଧସେଇ ପଶିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଗାଦିଚ୍ୟୁତ କରିବ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି ।

# ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ୍ ଦିବସ

କଟକ, (ସବ୍ୟୁ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଦ୍ୱାରା ବିଶ୍ୱ ରେଡକ୍ରସ୍ ଦିବସ ଉପଲକ୍ଷେ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଦୀପା ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ରେଡକ୍ରସ୍ ର



ପ୍ରତିଷ୍ଠାତା ସାର୍ ଜନ୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ବାର୍ଷିକ ଦିବସରେ କଟକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଦୁଇ ଦିନିଆ ଜଳଛତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ସହ ନିଃସହାୟ ଙ୍କୁ ସ୍ୱେଚ୍ଛାସେବୀ ମାନେ ସହାୟତା ପ୍ରଦାନ କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟୀ ଓଡିଶା ରାଜ୍ୟ ଶାଖା ଦ୍ୱାରା ଖାଦ୍ୟ ଓ ଦୈନିକ ଆବଶ୍ୟକୀୟ ସାମଗ୍ରୀ ନିଃସହାୟ ଲୋକଙ୍କୁ ସହାୟତା ପାଇଁ ଯୋଗାଇ ଦିଆଯାଇଥିଲା। ଏହି ସାମଗ୍ରୀକୁ ଯାଜପୁର ଜିଲ୍ଲା ସ୍ଥିତ ଛତିଆ ଠାରେ ଏକ ଜରାଶ୍ରମ ରେ ଏବଂ ଚଣ୍ଡିଖୋଲ ର ନେଉଳପୁର ଗ୍ରାମ ପଞ୍ଚାୟତ ର ମୁଣ୍ଡା ସାହି ଠାରେ ମଧ୍ୟ ସହାୟତା ପ୍ରଦାନ କରା ଯାଇଥିଲା। ୨୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରେଡକ୍ରସ ତରଫରୁ ସହାୟତା ଦେବାରେ ରେଡକ୍ରସ ଓଡିଶା ଶାଖାର ଅବୈତନିକ ସଚିବ ଗଣେଚନ୍ଦ୍ର ପାତ୍ର ଏବଂ ଡ଼. ରମେଶ ଚନ୍ଦ୍ର ବେହେରା, ଯୁବ ରେଡକ୍ରସ୍ ଅଧିକାରୀ ଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ପରାମର୍ଶଦାତା ଡ଼. ସସ୍ମିତା ପଟ୍ଟନାୟକଙ୍କ ଦ୍ୱାରା ସହାୟତା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ମାନେ ବିଶେଷ ଭୂମିକା ପ୍ରଦାନ କରିଥିଲେ। କଟକ ଜିଲ୍ଲା ଓ ଯାଜପୁର ଜିଲ୍ଲା ର ଅନ୍ୟ ଯୁବରେଡକ୍ରସ ସ୍ୱେଚ୍ଛାସେବୀ ଓ ପରାମର୍ଶ ଦାତା ମାନେ ଯୋଗ ଦେଇ କାର୍ଯ୍ୟକ୍ରମର ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଡ଼. ସ୍ମିତା ମହାନ୍ତି (ଷ୍ଟୁଆର୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରାମର୍ଶ ଦାତା), ସୁମିତା ଆଚାର୍ଯ୍ୟ (ଇମର୍ତି ଦେବୀ ମହିଳା ମହାବିଦ୍ୟାଳୟର ପରାମର୍ଶଦାତା), ରଜତି ରାଉତ ଆଦି ବିଶେଷ ସହାୟତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ରସାୟନ ବିଭାଗୀୟ ମୁଖ୍ୟ ଡ଼. ଅବନୀ କୁମାର ସାହୁ ଏହି ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଅବସରରେ ଯୋଗ ଦେଇଥିଲେ। ସହାୟତା ବଣ୍ଟନ କରିବାରେ ଜରାଶ୍ରମରେ ପ୍ରତିଷ୍ଠାତା ଅଶୋକ କୁମାର୍ ସ୍ୱାଇଁ ଓ ତାଙ୍କର ସହକର୍ମୀ ମାନେ ଏବଂ ନେଉଳପୁର ଗ୍ରାମ ପଞ୍ଚାୟତ ର ସରପଞ୍ଚ ଦିବାକର ବେହେରାଙ୍କର ସହାୟତାରେ ବଣ୍ଟନ କାର୍ଯ୍ୟ ସଫଳ ହୋଇଥିଲା।

## ଦୁଇଟି ମାମଲାରେ ଦୁଇ ଗିରଫ : ଗହଣା ଓ ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ ଦୁଇଟି ମାମଲାରେ ଦୁଇଜଣଙ୍କୁ ଗିରଫ କରିଛି । ୧୭୧ ନମ୍ବର କେସ୍‌ରେ ସହଦେବ ବିଶ୍ୱାଳ (୩୦) କୁ ଗିରଫ କରାଯାଇଥିବା ବେଳେ ତା'ନିକଟରୁ ୧୦ ହଜାର ଟଙ୍କା ଜବତ କରିଛି । ସେହିପରି ୧୭୦ ନମ୍ବର ମାମଲାରେ କମଳାକାନ୍ତ ଦାସ ଓରଫ ବାବୁ (୨୧) କୁ ଗିରଫ କରାଯିବା ସହ ତା'ନିକଟରୁ ଗୋଟିଏ ମଙ୍ଗଳସୂତ୍ର ପୋଲିସ ଜବତ କରିଛି । ଗହଣା ଲୁଟ୍ ସମ୍ପର୍କରେ ଅନୀତା ମଲ୍ଲିକ ଅଭିଯୋଗ କରିଥିଲେ । ଅନୀତା ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗବିହାର କେ-୫ ଅଞ୍ଚଳରେ ରୁହନ୍ତି । ଗତକାଲି ମଧ୍ୟାହ୍ନ ସମୟରେ ସେ ନିଜ ସାଇକେଲ ଯୋଗେ ଭଉଣୀ ଘର ଅଭିମୁଖେ ଯାଉଥିବା ବେଳେ ଏଚ୍‌ଆଇଜି କଲୋନୀ ସ୍ଥିତ ପୁରୁଣା ଫାଣ୍ଡି ନିକଟରେ ଅଭିଯୁକ୍ତ ବାବୁ ପଛପାଖରୁ ଏକ ମୋଟରସାଇକେଲ ଯୋଗେ ଆସି ତାଙ୍କ ରାସ୍ତା ଅବରୋଧ କରିବା ସହ ତାଙ୍କ ବେକରୁ ମଙ୍ଗଳସୂତ୍ର ଛଡାଇ ନେଇଥିଲା ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ । ଅଭିଯୋଗକାରୀ ମାନସ ରଞ୍ଜନ ସାହୁ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ସ୍ଥିତ ଏଲ୍‌ଆଇଜି ୧୨୭୪ ନମ୍ବରରେ ରହିବା ସହ ଏମ୍‌ଜି ଅଟୋମୋବାଇଲ ଶୋ'ରୁମ୍‌ରେ କାମ କରନ୍ତି ।

# ବରିଷ୍ଠ ଶ୍ରମିକ କଂଗ୍ରେସ ନେତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳରେ କାର୍ଯ୍ୟରତ ମୁଖ୍ୟ ଟିକେଟ ନିରୀକ୍ଷକ ତଥା ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ସରୋଜ କୁମାର ମଙ୍ଗରାଜ ଚାକିରିରୁ ଅବସର ନେଇଥିବାରୁ ତାଙ୍କୁ ଦଳ ପକ୍ଷରୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ରବିବାର ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଠାରେ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଆୟୋଜନ କରାଯାଇଥିଲା । ସଭାପତି ମୁସ୍ତାକ ଅଲ୍ଲୀ ସଭାପତିତ୍ୱ କରିଥିଲେ । ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମଙ୍ଗରାଜଙ୍କୁ ଉତ୍ତରୀୟ ଫୁଲମାଳ ଓ ଉପହାର ପ୍ରଦାନ କରିଥିଲେ । ଅନ୍ୟାନ୍ୟ ଅତିଥିଭାବେ କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ, ଆଶୁତୋଷ ବ୍ରହ୍ମା




ଯୋଗଦେଇ ଅବସର ପରବର୍ତୀ ସମୟ ନିରୋଗ ନିରାମୟ ଜୀବନଯାପନ ପାଇଁ ଭଗବାନଙ୍କ ନିକଟରେ ପାର୍ଥନା କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପି ରାଜା ରାଓ, ସୁନୀଲ ପରିଡା , ରାକେଶ ଘଡେଇ , ପ୍ରଦୀପ ସୁନ୍ଦରାୟ , ତ୍ରିଲୋଚନ ମହାନ୍ତି, ରବୀନ୍ଦ୍ର ଗୌଡ଼ , ସନ୍ତୋଷ ଖଟେଇ ସମେତ ବହୁ କ୍ୟାଡର ଉପସ୍ଥିତ ଥିଲେ ।

## ଓ.ୟୁ.ଡବ୍ଲ୍ୟୁ.ଜେ. ଖୋର୍ଦ୍ଧା ର ସାଙ୍ଗଠନିକ ବୈଠକ

ଖୋର୍ଦ୍ଧା, (ସବ୍ୟୁ):ଓ.ୟୁ.ଡବ୍ଲୁ. ଜେ. ଖୋର୍ଦ୍ଧା ଜିଲ୍ଲା ର ଏକ ସାଂଗଠନିକ ବୈଠକ ସହର ଉପକଣ୍ଠ କୁମାରବସ୍ତସ୍ଥିତ ମା'ବାଉତୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି ।ସଂଘ ର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, ଚିଲିକା, ବାଣପୁର, ବେଗୁନିଆ, ବୋଲଗଡ଼, ଟାଙ୍ଗି ଅଂଚଳରୁ ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ସଂଘ ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କ ରେ ନିଜ ନିଜର ମତ ରଖିଥିଲେ। ସଂଗଠନ କୁ ତୃଣମୂଳସ୍ତରରୁ କିପରି ସଦୃଢ଼ କରାଯାଇ ପାରିବ ସେଥିପ୍ରତି ସମସ୍ତ ସଦସ୍ୟ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ସଭାପତି ଶ୍ରୀ ହାତୀ ନିଜ ବକ୍ତବ୍ୟ ରେ କହିଥିଲେ।

# ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଜେପି ସରକାର ବିଫଳ : ବିଜେଡ଼ି

ଭୁବନେଶ୍ୱର, (ସବ୍ୟୁ): ମାତୃ ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଶଙ୍ଖ ଭବନଠାରେ ବିଜେଡି ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ ଶୁଭାରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟରେ ନାରୀ ସୁରକ୍ଷା ଅଧିକାରର ଉଲ୍ଲଂଘନ, ନାରୀ ନିର୍ଯାତନା, ସାମାଜିକ ଅସୁରକ୍ଷିତା, ସାମ୍ବିଧାନିକ ଓ ରାଜନୈତିକ ଅଧିକାରର ଉଲ୍ଲଂଘନ ଆଦିକୁ ନେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛି ବିଜୁ ମହିଳା ଜନତା ଦଳ । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗୀନୀ ଛୁରିଆ, ସାଂସଦ ଶ୍ରୀମତୀ ସୁଲତା ଦେଓ, ସାଧାରଣ ସମ୍ପାଦିକା ଶ୍ରମତୀ ଗୀତାଞ୍ଜଳୀ ବସ୍ତିଆ ଏବଂ ଉପସଭାନେତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣଲତା ସାମଲ ବିଜେପିର ନାରୀ ବିରୋଧୀ କାର୍ଯ୍ୟକଳାପକୁ ନେଇ ଦୃଢ ନିନ୍ଦା କରିଥିଲେ ।

ଆଭାସୀ ମାଧ୍ୟମରେ ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ସମାବେଶରେ ଯୋଗ ଦେଇ ଜଗତକୁ ଜୀବନ ଦେଇଥିବା ନାରୀମାନଙ୍କୁ ମାତୃଦିବସର ଶୁଭେଚ୍ଛା ଜଣାଇଥିଲେ । ଗତ କିଛି ଦିନ ଧରି ଆମ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା



ଅତ୍ୟନ୍ତ ଚିନ୍ତାଜନକ । ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଆରମ୍ଭ କରିଥିବା ଅଭିଯାନକୁ ଆଗକୁ ନେଉଛି ବିଜୁ ଜନତା ଦଳ । ୨୦୨୩ରେ ମହିଳା ସଂରକ୍ଷଣ ବିଲକୁ ବିଜେଡି ସଂପୂର୍ଣ୍ଣ ସମର୍ଥନ କରିଥିଲା । ଏହା ପୂର୍ବରୁ ଦଳୀୟ ସ୍ତରରେ ମହିଳାଙ୍କୁ ଆଗକୁ ଆଣିବା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇ ଆସିଛି ବିଜେଡି । ବିଡମ୍ବନାର ବିଷୟ, ନାରୀ ତା'ର ଅଧିକାର ପାଇଁ ଲଢେଇ କରିବାକୁ ପଡୁଛି ଏବଂ ସରକାର କେବଳ ପ୍ରଚାରରେ ବ୍ୟସ୍ତ । ସୀମା ନିର୍ଦ୍ଧାରଣ ବିଲ୍ ସହ ମହିଳା ସଂରକ୍ଷଣ ବିଲ୍ ନଯୋଡି ବର୍ତ୍ତମାନ ଲୋକସଭାର ଆସନ ସଂଖ୍ୟା ଭିତ୍ତିରେ ମହିଳାଙ୍କୁ ସଂରକ୍ଷଣ ଦିଆଯାଉ । ବିଜେଡି ସବୁ ବେଳେ ମାଆମାନଙ୍କ ପାଇଁ ଲଢୁଛି ଆଗକୁ ମଧ୍ୟ ଲଢିବ । ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ ମେ' ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଚାଲିବ । ଏହି ଭଳି ବିକ୍ଷୋଭ ସଭାବେଶ ଆୟୋଜନ କରି ବିଜେପି ସରକାର ମହିଳାଙ୍କୁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ଟାଳଟୁଳ ନୀତି ଓ ମହିଳା ନିର୍ଯାତନା ରୋକିବାରେ ଅସମର୍ଥତାକୁ ବିଜେଡି ଲୋକଲୋଚନକୁ ଆଣିବ ।

ସଭାନେତ୍ରୀ ଶ୍ରୀମତୀ ସେହାଙ୍ଗିନୀ ଛୁରିଆ ବିସ୍ତୃତ ଭାବେ ମହିଳା ସଶକ୍ତିକରଣ ବାବଦରେ କହି, ବିଜେପି ସରକାରଙ୍କ ମହିଳାଙ୍କୁ ପ୍ରତାରଣା ତଥା ମିଛ ତଥ୍ୟ ଦେଇ ଲୋକଙ୍କୁ ଭ୍ରମିତ କରିବା ବିରୋଧରେ ପ୍ରତିବାଦର ସ୍ୱର ଘରେ ଘରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ସମାବେଶରେ ଡ. ଲେଖାଶ୍ରୀ ସାମନ୍ତସିଂହାର, ସର୍ମିଷ୍ଠା ସେଠୀ, ଡ.ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, ଡ. ମିନାତି ବେହେରା, ମେୟର ସଂଘମିତ୍ରା ଦଳାଇ, ବିଜୁ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସମେତ ଡ. ଗୀତାଞ୍ଜଳୀ ବସ୍ତିଆ ମଞ୍ଚ ପରିଚାଳନା କରିଥିଲେ । ଏହି ସମାବେଶରେ ସାରା ରାଜ୍ୟରୁ ଆଭାସୀ ମାଧ୍ୟମରେ ହଜାରରୁ ଉଦ୍ଧ୍ୱର୍ ମହିଳା ନେତ୍ରୀ ଓ କର୍ମୀ ଯୋଗ ଦେଇଥିଲେ ।

# ରଥ ଯାତ୍ରା ସମନ୍ୱୟ କମିଟି ବୈଠକରେ ଅଶାଳୀନ ଭାଷା ପ୍ରୟୋଗ

ପୁରୀ, (ସବ୍ୟୁ): ରଥ ଯାତ୍ରା ସମନ୍ୟୟ କମିଟି ବୈଠକରେ ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି । ବୈଠକରେ ଉପସ୍ଥିତ ଥିବା ଶ୍ରୀମନ୍ଦିରର ପରିଚାଳନା କମିଟି ସଦସ୍ୟ ଟୁକୁ ଓରଫ କୃଷ୍ଣଚନ୍ଦ୍ର ସାମନ୍ତରା ସାମ୍ବାଦିକଙ୍କ ଉଦ୍ଦେଶ୍ୟ ଅତି ଅସଭ୍ୟ ଭାଷା ପ୍ରୟୋଗ କରି ଗାଳିଗୁଲଜ କରିବା ଦେଖା ଯାଇ ଥିଲା। ଯାହାକୁ ନେଇ କିଛି ସମୟ ପାଇଁ ପରିସ୍ଥିତି ଉତେଜନା ପ୍ରକାଶ ପାଇଥିଲା। ସୂଚନା ଯୋଗ୍ୟ ଯେ ବୈଠକରେ ପୁରୀ ଏସପି ପ୍ରତୀକ ସିଂ ରଥ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ନେଇ କେତେ ସଂଖ୍ୟକ ଫୋର୍ସ ମୁତୟନ ହେବେ ସେ ସମ୍ପର୍କରେ ସୂଚନା ଦେଉ ଥିବା ବେଳେ ଓଟିଭିର ବରିଷ୍ଠ ସାମ୍ବାଦିକ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ମହାପ୍ରସାଦ ନେବା ପାଇଁ ଆସୁଥିବା ଚାରି ଚକିଆ ଗାଡ଼ି ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିବା ଯୋଗୁଁ ସାଧାରଣ ଲୋକଙ୍କ ଯାତାୟତରେ ଅସୁବିଧା ହେଉଛି। ମହାପ୍ରସାଦ ବ୍ୟବସାୟ ପଲଟିଛି । ଉତ୍ତର ଦ୍ୱାର ନିକଟରେ ଚାରି ଚକିଆ ଗାଡି ଗୁଡିକ ଘଣ୍ଟା ଘଣ୍ଟା ଧରି ରାସ୍ତାର ଅବରୋଧ କରୁଛନ୍ତି। ଯାହା ଫଳରେ ସାଧାରଣ ଲୋକ ଅସୁବିଧା ଭୋଗୁଛନ୍ତି। ଏହା ଶୁଣି ବୈଠକ ରେ ଉପସ୍ଥିତ ଥିବା କେତେକ ସୁଆର ସେବକ ଉତ୍ୟକ୍ତ ହୋଇ ଥିଲେ। ସେମାନେ ଯୁକ୍ତି କରିଥିଲେ ମହାପ୍ରସାଦ ବ୍ୟବସାୟ ନୁହେଁ ଏହା ସେବା ଅଟେ। ଅନ୍ୟ ପକ୍ଷରେ ବୈଠକ ସମ୍ମୁଖରେ ବସିଥିବା ଶ୍ରୀ ମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରା ସାମ୍ବାଦିକଙ୍କ ଉଦ୍ଦେଶ୍ୟ ଅତି ଅଭଦ୍ର ଭାଷା ପ୍ରୟୋଗ କରି ଗାଳିଗୁଲଜ କରିଥିଲେ।

### ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ଗୁଣପୁରରେ

# ନୂତନ କେନ୍ଦ୍ର ସ୍ଥାପନ ସହିତ ଓଡ଼ିଶାରେ ନନ୍ଦଘର କାର୍ଯ୍ୟକ୍ରମର ସଂପ୍ରସାରଣ

ଭୁବନେଶ୍ୱର, (ସବ୍ୟୁ): ଅନିଲ ଅଗ୍ରୱାଲ ଫାଉଣ୍ଡେସନର ତତ୍ତ୍ୱାବଧାନରେ ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ, ନନ୍ଦଘର, କଳାହାଣ୍ଡି ଜିଲ୍ଲାର ଗୁଣପୁର ଗ୍ରାମପଂଚାୟତର ସାଇସୁର୍ଣ୍ଣି ଗ୍ରାମରେ ସରପଂଚ ସୁଜାତା ମାଝୀଙ୍କ ଦ୍ୱାରା ଏକ ନୂତନ କେନ୍ଦ୍ରର ଉଦଘାଟନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ ହୋଇଛି। ଏହା ଓଡ଼ିଶାର ଏକ ଦୁର୍ଗମ ଆଦିବାସୀ ଅଂଚଳରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ମହିଳା-କୈନ୍ଦ୍ରିକ ସେବାର ଶେଷ ମାଇଲ ବିତରଣକୁ ଆହୁରି ସୁଦୃଢ଼ କରିବା ସହିତ, ସାରା ରାଜ୍ୟରେ କମ୍ପାନୀର ୬୩୧ ନାନ୍ଦଘରର ବର୍ଦ୍ଧିତ ନେଟୱାର୍କକୁ ଯୋଡିବା ପାଇଁ ସ୍ଥିର ହୋଇଛି। ନନ୍ଦଘର ହେଉଛି ବେଦାନ୍ତ ଦ୍ୱାରା ବିକଶିତ ଆଧୁନିକୀକରଣ କରାଯାଇଥିବା ଅଙ୍ଗନୱାଡି, ଯାହାକି ଗ୍ରାମୀଣ




ଭାରତରେ ମହିଳା ଏବଂ ଶିଶୁ ବିକାଶର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହୋଇଛି। ଜାତୀୟ ସମନ୍ୱିତ ଶିଶୁ ବିକାଶ ସେବା ଢାଂଚା ଅନୁଯାୟୀ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ସାଇସୁର୍ଣ୍ଣିର ନନ୍ଦଘର ଶିଶୁ-ଅନୁକୂଳ ଭିତ୍ତିଭୂମି ସହିତ ସଜ୍ଜିତ, ଯେଉଁଥିରେ ଶିକ୍ଷା ସହାୟକ ଭାବରେ ନିର୍ମାଣ କାନ୍ଥ, ଏଲଇଡି-ସକ୍ଷମ ସ୍ମାର୍ଟ ଶିକ୍ଷା ଉପକରଣ, ସ୍ୱଚ୍ଛ ରୋଷେଇ ଘର ଏବଂ ପରିମଳ ସୁବିଧା, ସୌରଶକ୍ତି, ନିରାପଦ ପାନୀୟ ଜଳ ବ୍ୟବସ୍ଥା ଏବଂ ବୟସ ଅନୁକୂଳ ଫର୍ନିଚର ଅନ୍ତର୍ଭୁକ୍ତ।

ଏହି ମଡେଲ୍ କାର୍ଯ୍ୟକାରୀ ଅଂଶୀଦାରମାନଙ୍କ ମାଧ୍ୟମରେ କାର୍ଯ୍ୟକ୍ରମ ସହାୟତା ସହିତ ଉନ୍ନତ ଭିତ୍ତିଭୂମିକୁ ମିଶ୍ରଣ କରିଛି, ଯାହା ବାଜରା-ଆଧାରିତ ପୁଷ୍ଟିସାର, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ ଏବଂ ଆଚରଣ ପରିବର୍ତ୍ତନ ଉପରେ କେନ୍ଦ୍ରିତ ସମ୍ପ୍ରଦାୟ-ନେତୃତ୍ୱାଧୀନ ହସ୍ତକ୍ଷେପକୁ ସକ୍ଷମ କରିଥାଏ। ଗ୍ରାମର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମଧ୍ୟ ଏହି ପ୍ରକଳ୍ପରେ ନିୟୋଜିତ ହୋଇଛନ୍ତି, ଦକ୍ଷତା ଏବଂ ଜୀବିକା ନିର୍ବାହର ସୁଯୋଗକୁ ସମର୍ଥନ କରୁଛନ୍ତି ଯାହା ଅଧିକ ଆର୍ଥିକ ସ୍ୱାଧୀନତାରେ ଯୋଗଦାନ କରେ। ପ୍ରତ୍ୟେକ ଜିଲ୍ଲାରେ ୧୦୦ ଅଙ୍ଗନୱାଡିକୁ ନନ୍ଦଘରରେ ଆଧୁନିକୀକରଣ କରିବା ପାଇଁ ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହିତ ସ୍ୱାକ୍ଷରିତ ଏକ ବୁଝାମଣାପତ୍ର ଅଧୀନରେ ନୂତନ କେନ୍ଦ୍ର ଆରମ୍ଭ କରାଯାଇଥିଲା। ସାଇସୁର୍ଣ୍ଣି କେନ୍ଦ୍ର ଓଡ଼ିଶାରେ ସାମୁଦାୟିକ ବିକାଶର ଏକ ସ୍କେଲେବଲ୍ ମଡେଲ୍ ପ୍ରତିନିଧିତ୍ୱ କରେ, ଯାହା ଦୃଢ଼ ସଂସ୍ଥାଗତ ସହଭାଗୀତାରେ ବନ୍ଧା ହୋଇଛି ଏବଂ ଆଦିବାସୀ ଜିଲ୍ଲାଗୁଡ଼ିକରେ ପ୍ରଭାବକୁ ଗଭୀର କରିବା ପାଇଁ ଡିଜାଇନ୍ କରାଯାଇଛି।

### ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ

# ଲୁପ୍‌ସ ସଚେତନତା ସଚେତନତା ଶୋଭାଯାତ୍ରା

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ଲୁପସ ଦିବସ ଅବସରରେ ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ୍ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଲୁପସ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସିଷ୍ଟେମିକ ଲୁପସ ଏରିଥେମାଟୋସସ୍ ଏକ ଦୀର୍ଘସ୍ଥାୟୀ ଅଟୋଇମ୍ୟୁନ ରୋଗ, ଯାହା ଶରୀରର ତ୍ୱଚା, ଗଣ୍ଠି, ବୃକ୍କ, ହୃଦୟ ସହିତ ବିଭିନ୍ନ ଅଙ୍ଗକୁ ପ୍ରଭାବିତ କରିପାରେ। ଏହି ରୋଗ ସାଧାରଣତଃ ୧୫ ରୁ ୪୫ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରେ ଅଧିକ ଦେଖାଯାଏ। ପ୍ରତି ୧୦ ଜଣ ଲୁପସ ରୋଗୀଙ୍କ ମଧ୍ୟରୁ ୯ ଜଣ ମହିଳା ଥିବା ସୂଚନା ମିଳିଛି। ଜ୍ୱର, ଛାତିରେ ବ୍ୟଥା, କେଶ ଝଡିବା, ଚର୍ମରେ ରାଶ୍, ଗଣ୍ଠିବେଦନା ଇତ୍ୟାଦି ଲକ୍ଷଣ ଦେଖାଦେଲେ ଲୁପସ ଥିବାର ସନ୍ଦେହ କରାଯାଇପାରେ। ଏହା କୌଣସି ସଂକ୍ରାମକ ରୋଗ ନୁହେଁ ଏବଂ ଆଣ୍ଟି




ନ୍ୟୁକ୍ଲିୟର ଆଣ୍ଟିବଡି (ଇଘଇ) ପରୀକ୍ଷା ଦ୍ୱାରା ଏହାକୁ ଚିହ୍ନଟ କରାଯାଇପାରେ। ଏହି ଅବସରରେ ଓଏଆରଏଫ୍‌ଟି ପକ୍ଷରୁ ଓଏଆରସି ଶୈଳଶ୍ରୀ ବିହାର ପରିସରରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଏହି ୱାକାଥନର ଉଦ୍‌ଘାଟନ ଭୁବନେଶ୍ୱର ଉତ୍ତର ବିଧାନସଭା ବିଧାୟକ ସୁଶାନ୍ତ କୁମାର ରାଉତ କରିଥିଲେ। ବରିଷ୍ଠ ଚିକିତ୍ସକ ଏବଂ ଭାରତୀୟ ରିଉମାଟୋଲୋଜି ସଂଘ (ଓଡିଶା ଶାଖା) ର ପୂର୍ବତନ ସଭାପତି ଡାକ୍ତର ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କୁ ଏହି ରୋଗ ବିଷୟରେ ସଚେତନ କରାଇଥିଲେ ।

# କାର୍ଯ୍ୟକାରୀ ହେଲା ନୂଆ ଶ୍ରମ ସଂହିତା

## ସାପ୍ତାହିକ କାର୍ଯ୍ୟ ସମୟ ୪୮ ଘଣ୍ଟା

ନୂଆଦିଲ୍ଲୀ: କାର୍ଯ୍ୟ ସମୟକୁ ନେଇ ବିତର୍କ ଚାଲିଥିବା ଭିତରେ କେନ୍ଦ୍ର ସରକାର ନୂଆ ଶ୍ରମ କୋଡ୍ରେ ସାପ୍ତାହିକ କାର୍ଯ୍ୟ ସମୟକୁ ୪୮ ଘଣ୍ଟାରେ ସୀମିତ ରଖିଛନ୍ତି। ଏହାଠାରୁ ଅଧିକ ସମୟ କାର୍ଯ୍ୟ କଲେ କର୍ମଚାରୀମାନଙ୍କୁ ଘଣ୍ଟାପିଛା ଧାର୍ଯ୍ୟ ମଜୁରିର ଦୁଇଗୁଣା ରାଶି ଦେବାକୁ ପଡ଼ିବ। ନୂଆ ଶ୍ରମ କୋଡ୍ ଅଧୀନରେ ଅଂଶୀଦାରମାନଙ୍କ ମତମତା ସଂଗ୍ରହ ପାଇଁ ଚିଠା ନିୟମ ପ୍ରକାଶ ପାଇବାର ପ୍ରାୟ ୪ ମାସ ପରେ କେନ୍ଦ୍ର ସରକାର ଶୁକ୍ରବାର ଚୂଡ଼ାନ୍ତ ନିୟମ ଜାରି କରିଛନ୍ତି। ସଂପୃକ୍ତ କୋଡ୍ ସଂକ୍ରାନ୍ତ ନିୟମର ବିଜ୍ଞପ୍ତି ଜାରି ହେବା ଫଳରେ ଦେଶରେ ପ୍ରଚଳିତ ୨୯ଟି ଶ୍ରମ ନିୟମକୁ ବ୍ୟବସ୍ଥିତ କରିବା ପାଇଁ ୫ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ପଦକ୍ଷେପ ସଂପୂର୍ଣ୍ଣ ହୋଇଛି। ସେହି ୪ଟି କୋଡ୍ ହେଲା ମଜୁରି କୋଡ୍ ୨୦୧୯, ଶିଳ୍ପ ସଂପର୍କ କୋଡ୍ ୨୦୨୦, ସାମାଜିକ ସୁରକ୍ଷା କୋଡ୍ ୨୦୨୦ ଏବଂ ବୃତ୍ତି ସଂପର୍କିତ ସୁରକ୍ଷା, ସ୍ୱାସ୍ଥ୍ୟ



ଏବଂ କାମ କରିବାର ସ୍ଥିତି କୋଡ୍ ୨୦୨୦। ନୂଆ ଶ୍ରମ କୋଡ୍ ଗତବର୍ଷ ଆଇନରେ ପରିଣତ ହୋଇଥିଲା। କିନ୍ତୁ କୋଡ୍ ଅଧୀନରେ ବିସ୍ତୃତ ନିୟମ ପଡ଼ି ରହିଥିବାରୁ ସରକାର ଶ୍ରମ କୋଡ୍କୁ ସଂପୂର୍ଣ୍ଣ କାର୍ଯ୍ୟକାରୀ କରିପାରି ନଥିଲେ। କିନ୍ତୁ ଏବେ ୪ଟି ଯାକ ଶ୍ରମ କୋଡ୍ ଅଧୀନ ନିୟମ ଅଫିସିଆଲ ଗେଜେଟ୍ରେ ପ୍ରକାଶ ପାଇଛି। ତେଣୁ ନୂଆ ଶ୍ରମ କୋଡ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ୨୦୨୫ ଡିସେମ୍ବର ୩୦ରେ ପ୍ରଥମେ ଚିଠା ନିୟମ ପ୍ରକାଶ ପାଇଥିଲା। ଆଇନ ବିଭାଗର ସମ୍ମତି ଏବଂ ଚୂଡ଼ାନ୍ତ ବିଜ୍ଞପ୍ତି ଜାରି ପୂର୍ବରୁ ଅଂଶୀଦାରମାନଙ୍କ ଠାରୁ ମତାମତ ଲୋଡ଼ାଯାଇଥିଲା। ଶ୍ରମ ଆଇନ ସମ୍ବିଧାନର ମିଳିତ ତାଲିକାରେ ଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ବିଜ୍ଞପ୍ତି ଜାରି କରିବାକୁ ହେବ। ନୂଆ ଶ୍ରମ କୋଡ୍ରେ ନିଯୁକ୍ତିପତ୍ର ଦେବାକୁ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ୪୦ ଓ ତା'ଠାରୁ ଅଧିକ ବୟସର କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ ଏବଂ ସମାନ କାମକୁ ସମାନ ଦରମା ସହିତ ବିଭିନ୍ନ ସିଫ୍ଟରେ ମହିଳା କର୍ମଚାରୀମାନଙ୍କୁ ସୁଯୋଗ ଦେବାର ବ୍ୟବସ୍ଥା ରହିଛି। ଯେଉଁ କର୍ମଚାରୀମାନେ ଚାକିରି ହରାଉଛନ୍ତି ଏବଂ ସେମାନଙ୍କୁ ପୁନର୍ବାର ତାଲିମ ଦେବାର ଆବଶ୍ୟକତା ରହିଛି ସେମାନଙ୍କ ପାଇଁ ଏକ ଜାତୀୟ ପୁନଃଦକ୍ଷତା ପାଣ୍ଠି ସୃଷ୍ଟିକୁ ବାଧ୍ୟତାମୂଳକ କରାଯାଇଛି। ସୂଚନା ଅନୁଯାୟୀ, ମଜୁରି କୋଡ୍ ଅଧୀନ ନିୟମରେ କେନ୍ଦ୍ର ସରକାରଙ୍କୁ ଜାତୀୟସ୍ତରରେ ସର୍ବନିମ୍ନ ମଜୁରି ଧାର୍ଯ୍ୟ କ୍ଷମତା ଦିଆଯାଇଛି। ଏଥିସହିତ ଠିକା କର୍ମଚାରୀମାନଙ୍କୁ ବେତନ ପ୍ରଦାନ କରା ନଯିବା ପ୍ରସଙ୍ଗରେ ଠିକାଦାରଙ୍କୁ ଉତ୍ତରଦାୟୀ କରିବା ପରିବର୍ତ୍ତେ ମୁଖ୍ୟ ନିଯୁକ୍ତିଦାତାଙ୍କୁ ଉତ୍ତରଦାୟୀ କରିବା ବ୍ୟବସ୍ଥା ରହିଛି। ଏଥିସହିତ ବର୍ଷକୁ ଦୁଇଥର ପରିବର୍ତ୍ତିତ ମହଙ୍ଗା ଭତ୍ତା ନିଶ୍ଚିତ ସଂଶୋଧନ କରାଯିବାର ବ୍ୟବସ୍ଥା ରହିଛି। ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଖାଉଟି ମୂଲ୍ୟ ସୂଚୀ ଆଧାରରେ ଏହା କରାଯିବ।

## ୧୦ ଲକ୍ଷ କୋଟି ଟଙ୍କାର ଋଣ ପ୍ରସଙ୍ଗ ଉଠାଇଲେ ବିଜୟ

ଚେନ୍ନାଇ : ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ ଶପଥ ଗ୍ରହଣ ପରେପରେ ରାଜ୍ୟ ଉପରେ ଥିବା ୧୦ ଲକ୍ଷ କୋଟି ଋଣ ବିଷୟରେ ଉଲ୍ଲେଖ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଡିଏମ୍କେ ମୁଖ୍ୟ ଷ୍ଟାଲିନ ଏନେଇ ପ୍ରଥମ ପ୍ରତିକ୍ରିୟା କହିଛନ୍ତି, ସରକାରଙ୍କ ପାଖରେ ଧନ ନାହିଁ ବୋଲି କହିବା ଏତେ ଶୀଘ୍ର ଆରମ୍ଭ କରନ୍ତୁ ନାହିଁ। ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପରେ, ଥାଲାପତି ବିଜୟ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଏବଂ ମହିଳା ସୁରକ୍ଷା ପାଇଁ ଏକ ଟାସ୍କ ଫୋର୍ସ ସମେତ ଅନେକ ବଡ଼ ଘୋଷଣା କରିବା ସହ ତାମିଲନାଡୁ ଉପରେ ୧୦ ଲକ୍ଷ କୋଟିର ଋଣ ଅଛି ବୋଲି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ ତାଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ବିଜୟଙ୍କୁ ଶୁଭକାମନା ଜଣାଇଛନ୍ତି। ଷ୍ଟାଲିନ ବିଜୟଙ୍କ ଘୋଷଣାକୁ ସ୍ୱାଗତ କରି କହିଛନ୍ତି, ସରକାରଙ୍କ ପାଖରେ ଟଙ୍କା ନାହିଁ ବୋଲି ତୁରନ୍ତ କହିବା ଆରମ୍ଭ କରନ୍ତୁ ନାହିଁ। ଟଙ୍କା ଅଛି। ଯାହା ଆବଶ୍ୟକ ତାହା ହେଉଛି ଏହାକୁ ଜନସାଧାରଣଙ୍କୁ ବଣ୍ଟନ କରିବାର ଇଚ୍ଛାଶକ୍ତି ଏବଂ ଶାସନ କରିବାର କ୍ଷମତା। ସେ ଆହୁରି କହିଛନ୍ତି ଯେ, ପାଞ୍ଚ ବର୍ଷ ମଧ୍ୟରେ, କୋଭିଡ୍ ଏବଂ ବନ୍ୟା ଭଳି ଅନେକ ସମସ୍ୟା ଏବଂ କେନ୍ଦ୍ରର ବିଜେପି



ସରକାରଙ୍କ ଅବହେଳା ସତ୍ତ୍ୱେ, ଆମେ ଜନସାଧାରଣଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛୁ। ତାମିଲନାଡୁ ବଜେଟ୍ ବିଷୟରେ ଆପଣଙ୍କୁ ଜଣାନଥିଲା। ଆପଣଙ୍କ ପ୍ରଥମ ଭାଷଣରେ ଆପଣ ଏହି ଅଭିଯୋଗର ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ସରକାର ୧୦ ଲକ୍ଷ କୋଟି ଟଙ୍କାର ଋଣ ଛାଡି ସରକାରୀ ରାଜକୋଷ ଖାଲି କରିଦେଇଛନ୍ତି। ତାମିଲନାଡୁର ଋଣ ସ୍ତର ନିର୍ଦ୍ଧାରିତ ସୀମା ମଧ୍ୟରେ ଅଛି। ଆମେ ଫେବ୍ରୁଆରି ବଜେଟରେ ତାମିଲନାଡୁ ସରକାରଙ୍କ ଆର୍ଥିକ ସ୍ଥିତି ସ୍ପଷ୍ଟ କରିଥିଲୁ। ଆପଣ କ'ଣ ଏହା ଜାଣି ନ ଥିଲେ? ଆପଣ କେବଳ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଉଥିଲେ କି? ଯେଉଁମାନେ ଆପଣଙ୍କୁ ଭୋଟ ଦେଇଛନ୍ତି ସେମାନଙ୍କୁ ପୁଣି ବିଶ୍ୱାସଘାତକତା କରନ୍ତୁ ନାହିଁ ଏବଂ ପ୍ରସଙ୍ଗକୁ ଏଡ଼ାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣ କ୍ଷମତାକୁ ଏହା କହି ଆସିଛନ୍ତି ଯେ, 'ମୁଁ କେବଳ ଲୋକଙ୍କୁ ସେହି ପ୍ରତିଶ୍ରୁତି ଦେବି ଯାହା ମୁଁ ପୂରଣ କରିପାରିବି'। ଏବେ ଆପଣ ସରକାର ଚଳାଇବା ଆରମ୍ଭ କରିଛନ୍ତି। ମୁଁ ନିଶ୍ଚିତ ଯେ, ଆମ ପରି, ଆପଣ ମଧ୍ୟ ଶୀଘ୍ର ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଶିଖିବେ। ଯେଉଁମାନେ ଆପଣଙ୍କୁ ଭୋଟ ଦେଇଛନ୍ତି ସେମାନଙ୍କ ସହିତ ମୁଁ ମଧ୍ୟ ସମାନ ଆଶା କରୁଛି। ଆପଣଙ୍କ ଶାସନରେ ତାମିଲନାଡୁର ବିକାଶ ହେଉ ବୋଲି ମୋର ଶୁଭକାମନା।

## ତିରୁଚିରାପାଲି ପୂର୍ବ ବିଧାନସଭା ଆସନ ଛାଡ଼ିଲେ ବିଜୟ

ଚେନ୍ନାଇ : ଟିଭିକେ ମୁଖ୍ୟ ବିଜୟ ରବିବାର ତାମିଲନାଡୁର ନବମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବ ପରେ ବିଜୟ ତିରୁଚିରାପାଲି ପୂର୍ବ ବିଧାନସଭା ନିର୍ବାଚନମଣ୍ଡଳୀରୁ ଇସ୍ତଫା ଦେଇଛନ୍ତି ଏବଂ ପେରାମ୍ବୁର ଆସନ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜୟ ଚଳିତ ବିଧାନସଭା ନିର୍ବାଚନରେ ଦୁଇଟି ଆସନରୁ ଲଢ଼ିଥିଲେ ଓ ଉଭୟ ତିରୁଚିରାପାଲି ପୂର୍ବ ଓ ପେରାମ୍ବୁର ଆସନରୁ ବିଜୟୀ ହୋଇଥିଲେ। ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ତିରୁଚିରାପାଲି ପୂର୍ବ ଆସନରୁ ବିଜୟ ୯୧,୩୮୧ଟି ଭୋଟ ପାଇ ଡିଏମ୍କେ ପ୍ରାର୍ଥୀ ଏସ୍ ଇନିଗୋ ଇରୁଦୟାରାଜଙ୍କୁ ପରାସ୍ତ କରିଥିଲେ। ଇରୁଦୟାରାଜ ୬୩,୯୬୫ଟି ଭୋଟ ପାଇଥିଲେ। ଅନ୍ୟପକ୍ଷରେ ବିଜୟ ପେରାମ୍ବୁର ଆସନରୁ ଡିଏମକେର ଆର୍ଡି ଶେଖରଙ୍କୁ ପରାସ୍ତ କରିଥିଲେ। ବିଜୟ ଏହି ଆସନରୁ ୧, ୨୦, ୩୬୫ଟି ଭୋଟ ପାଇଥିବାବେଳେ ଶେଖର ୬୬,୬୫୦ ଭୋଟ ପାଇଥିଲେ।

## କର୍ଣ୍ଣାଟକ ଯୋଜନା ମନ୍ତ୍ରୀଙ୍କ ପରଲୋକ

ବେଙ୍ଗାଲୁରୁ : କର୍ଣ୍ଣାଟକ ସରକାରଙ୍କ ମନ୍ତ୍ରୀ ଡି. ସୁଧାକରଙ୍କ ରବିବାର ଭୋର୍ ସମୟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା। ମେଡିକାଲ୍ ବୁଲେଟିନ୍ ଅନୁଯାୟୀ, କର୍ଣ୍ଣାଟକ ସରକାରଙ୍କ ଯୋଜନା ଏବଂ ପରିସଂଖ୍ୟାନ ମନ୍ତ୍ରୀ ଡି. ସୁଧାକରଙ୍କ ବେଙ୍ଗାଲୁରୁର କୃଷ୍ଣା ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସରେ ଚିକିତ୍ସା ସମୟରେ ମୃତ୍ୟୁ ଘଟିଛି। ସୁଧାକର ଫୁସଫୁସ ସଂକ୍ରମଣରେ ପୀଡିତ ଥିଲେ ଏବଂ ଗତ ୨ ମାସ ଧରି ଚିକିତ୍ସା କରୁଥିଲେ। ମନ୍ତ୍ରୀଙ୍କ ମୃତ୍ୟୁ ବିଷୟରେ ସୂଚନା ଦେଇ କୃଷ୍ଣା ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସରେ ନିର୍ଦ୍ଦେଶକ ଡକ୍ଟର ଆର. ଚିନ୍ନାଦୁରାଇ କହିଛନ୍ତି ଯେ,ଭୋର୍ ପ୍ରାୟ ୩:୧୫ ସୁଧାକରଙ୍କର ମୃତ୍ୟୁ ଘଟିଛି। କର୍ଣ୍ଣାଟକ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ୍ସରେ ପୋଷ୍ଟ କରି ଡି. ସୁଧାକରଙ୍କ ମୃତ୍ୟୁ ନେଇ ଶୋକ ପ୍ରକାଶ କରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, ଆମର କ୍ୟାବିନେଟ ସହଯୋଗୀ ଏବଂ ଘନିଷ୍ଠ ବନ୍ଧୁ ଡି. ସୁଧାକରଙ୍କ ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଦୁଃଖିତ। ସେ ଦୀର୍ଘ ଦିନ ଧରି ଅସୁସ୍ଥତା ସହ ଲଢୁଥିଲେ। ହିରିୟୁରୁ ବିଧାୟକ ଚିତ୍ରଦୁର୍ଗ ଜିଲ୍ଲାର ପ୍ରଭାରୀ ଏବଂ ରାଜ୍ୟ ଯୋଜନା ଏବଂ ପରିସଂଖ୍ୟାନ ମନ୍ତ୍ରୀ ଭାବରେ ସୁଧାକର ଜଣେ ଜନପ୍ରେମୀ ନେତା ଥିଲେ। ପୋଷ୍ଟରେ ଶିବକୁମାର ସୁଧାକରଙ୍କୁ ଗରିବଙ୍କ ଶୁଭେଚ୍ଛୁ ଭାବରେ ବର୍ଣ୍ଣନା କରିଛନ୍ତି। ଗରୀବଙ୍କ ଶୁଭେଚ୍ଛୁ ଭାବରେ ଜଣାଶୁଣା, ସେ ଯେତେବେଳେ ମୋ ପାଖକୁ ଆସୁଥିଲେ, ସେ ସର୍ବଦା ନିର୍ବାଚନମଣ୍ଡଳୀର କିଛି ବିକାଶମୂଳକ କାର୍ଯ୍ୟ ପାଇଁ ଅନୁରୋଧ କରୁଥିଲେ। ତାଙ୍କର ଏହି ଗୁଣ ନିର୍ବାଚନମଣ୍ଡଳୀର ଲୋକଙ୍କ ପ୍ରତି ତାଙ୍କର ଅପାର ପ୍ରେମକୁ ପ୍ରତିଫଳିତ କରୁଥିଲା।

## ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଯାଇଛି। ଏହାର ବଡ଼ ଆର୍ଥିକ ପ୍ରଭାବ ଦେଶର ୩ଟି ରାଷ୍ଟ୍ରାୟତ୍ତ ତେଲ ବିପଣନ କମ୍ପାନିଙ୍କ ଉପରେ ପଡ଼ିଛି। ସେମାନେ ଦୈନିକ ୧୬୦୦ରୁ ୧୭୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି। ଗତ ୧୦ ସପ୍ତାହ ମଧ୍ୟରେ ସେମାନଙ୍କ ମୋଟ କ୍ଷତି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଗଲାଣି। ଅନ୍ତର୍ଜାତୀୟ ଦରବୃଦ୍ଧି ପ୍ରଭାବରୁ ଦେଶର ପେଟ୍ରୋଲ, ଡିଜେଲ ଏବଂ ଘରୋଇ ଗ୍ୟାସ ଗ୍ରାହକଙ୍କୁ ସୁରକ୍ଷା ଦେବାରୁ ଏଭଳି କ୍ଷତି ହୋଇଛି। ମଧ୍ୟପ୍ରାଚ୍ୟରେ ୧୦ ସପ୍ତାହ ପୂର୍ବେ ଯୁଦ୍ଧ ଆରମ୍ଭ ହୋଇଥିଲା। ଯୁଦ୍ଧ ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ୍ ପିଛା ୭୦ ଡଲାର ତଳେ ରହିଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ୧୨୬ ଡଲାର ଭଳି ସ୍ତରକୁ ବଢ଼ିଯାଇଥିଲା।




ଏହା ସତ୍ତ୍ୱେ ଭାରତର ୩ଟି ରାଷ୍ଟ୍ରାୟତ୍ତ ତେଲ ବିପଣନ କମ୍ପାନି ସାଧାରଣ ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇନାହାନ୍ତି। ଘରୋଇ ଏଲପିଜି ଦର ଯୁଦ୍ଧ ପରେ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରଯାଇଥିଲେ ମଧ୍ୟ କମ୍ପାନିଗୁଡ଼ିକର କ୍ଷତି ଭରଣା ହୋଇପାରି ନାହିଁ।ଦେଶରେ ଭାରତୀୟ ତୈଳ ନିଗମ ଲିମିଟେଡ(ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ(ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ(ଏଚପିସିଏଲ)ଙ୍କ କ୍ଷତି ରେକର୍ଡ ସ୍ତରରେ ପହଞ୍ଚିଥିବା କୁହାଯାଉଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରରେ ୫୦ ପ୍ରତିଶତ ବୃଦ୍ଧି ସତ୍ତ୍ୱେ ସାଧାରଣ ମାନର ପେଟ୍ରୋଲ ଓ ଡିଜେଲକୁ କମ୍ପାନିଗୁଡ଼ିକ ଅପରିବର୍ତ୍ତିତ ରହିଛନ୍ତି।ଯଦିଓ ପେଟ୍ରୋଲ ଓ ଡିଜେଲ ଦର ନିର୍ଦ୍ଧାରଣ ନିୟନ୍ତ୍ରଣମୁକ୍ତ ହୋଇ ସାରିଛି ତଥାପି ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାରଙ୍କ ବିନା ନିର୍ଦ୍ଦେଶରେ ସେମାନେ ଦର ବଢ଼ାଇବା ସମ୍ଭବ ନୁହେଁ ବୋଲି କୁହାଯାଉଛି। ତେଲ ଦରବୃଦ୍ଧି ଅପରିହାର୍ଯ୍ୟ ହୋଇ ପଡ଼ିଥିଲେ ମଧ୍ୟ କେତେ ବଢ଼ିବ ଏବଂ କେବେ ବଢ଼ିବ ସେ ନିଷ୍ପତ୍ତି ସରକାର ନେବେ। ବ୍ରିଟେନଠାରୁ ଆରମ୍ଭ କରି ଜାପାନ ଭଳି ଦେଶରେ ପେଟ୍ରୋଲ ଓ ଡିଜେଲ ଦର ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଥିଲେ ମଧ୍ୟ ଭାରତରେ ଏହା ଅପରିବର୍ତ୍ତିତ ରହିଛି।ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଭାରତର ଅଶୋଧିତ ତେଲ ଆମଦାନି ୪୦ ପ୍ରତିଶତ, ଏଲପିଜି ଆମଦାନି ୯୦ ପ୍ରତିଶତ ଏବଂ ପ୍ରାକୃତିକ ଗ୍ୟାସ ଆମଦାନି ୬୫ ପ୍ରତିଶତ ବାଧାପ୍ରାପ୍ତ ହୋଇଛି।

## ଭାରତୀୟ ନାବିକଙ୍କୁ ଉଦ୍ଧାର ପାଇଁ ତତ୍ପରତା

ନୂଆଦିଲ୍ଲୀ : ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ବଢୁଥିବା ଉତ୍ତେଜନା ମଧ୍ୟରେ, ୨୦ ହଜାରରୁ ଅଧିକ ଭାରତୀୟ ନାବିକ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନ୍ୟାସନାଲ ୟୁନିଅନ୍ ଅଫ୍ ସିଫେରର୍ସ ଅଫ୍ ଇଣ୍ଡିଆ(ଏନ୍ୟୁଏସ୍ଆଇ) ଚେତାବନୀ ଦେଇଛି ଯେ, ସଂଘର୍ଷ ବୃଦ୍ଧି ପାଇବାର ସ୍ଥିତିରେ, ଜାହାଜରେ ନିୟୋଜିତ ଭାରତୀୟ ନାବିକମାନେ ଖାଦ୍ୟ, ଔଷଧ ଏବଂ ସୁରକ୍ଷିତ ସ୍ଥାନାନ୍ତର ବିନା ଫସି ରହିଛନ୍ତି। ଏହି ପରିସ୍ଥିତିକୁ ଜାତୀୟ ପ୍ରାଥମିକତା ଭାବରେ ବିଚାର କରି ତୁରନ୍ତ ନାବିକମାନଙ୍କୁ ସେଠାରୁ ସ୍ଥାନାନ୍ତର କରିବାକୁ ସଂଘ କେନ୍ଦ୍ର ସରକାରଙ୍କୁ ଦାବି କରିଛି। ସଂଗଠନ ଅନୁଯାୟୀ, ଉପସାଗର ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ନାବିକମାନେ ନିରନ୍ତର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ, ସାଇବର ବିପଦ ଏବଂ ସୁରକ୍ଷା ପ୍ରତିବନ୍ଧକ ମଧ୍ୟରେ କାମ କରୁଛନ୍ତି, ଯାହା ସେମାନଙ୍କର ମାନସିକ ଚାପ ଏବଂ ଭୟକୁ ବୃଦ୍ଧି କରୁଛି।ଏନ୍ୟୁଏସ୍ଆଇ ସାଧାରଣ ସମ୍ପାଦକ ମିଲିନ୍ଦ କାଣ୍ଡଲଗାଓଁକର କହିଛନ୍ତି ଯେ, ନାବିକମାନଙ୍କ ପରିବାର ସେମାନଙ୍କ ସୁରକ୍ଷା ପାଇଁ ନିରନ୍ତର ଚିନ୍ତିତ। ସେମାନେ ସଂଗଠନକୁ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି। ବିଦେଶୀ ପତାକା ଜାହାଜରେ କାମ କରୁଥିବା ଭାରତୀୟ ନାବିକମାନଙ୍କ ସୁରକ୍ଷା ପାଇଁ ଦାୟିତ୍ୱକୁ ବହୁସଂଖ୍ୟକ ଏଜେନ୍ସି ମଧ୍ୟରେ ବିଭାଜିତ କରିବା ଦ୍ୱାରା ପରିସ୍ଥିତି ଆହୁରି ଜଟିଳ ହୋଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ବାଣିଜ୍ୟ ଜାହାଜ ନାବିକମାନେ ହେଉଛନ୍ତି ବେସାମରିକ କର୍ମଚାରୀ ଯେଉଁମାନେ ସୀମିତ ସୁରକ୍ଷା ସତ୍ତ୍ୱେ ବିଶ୍ୱ ବାଣିଜ୍ୟକୁ ସୁଗମ ରଖିବାରେ ସାହାଯ୍ୟ କରିଥାନ୍ତି।

## ଶୁଭେନ୍ଦୁ ଅଧିକାରୀଙ୍କୁ ଟିଏମ୍ସି ନେତାଙ୍କ ପ୍ରଶଂସା

କୋଲକାତା : ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲାଖୋଲି ପ୍ରଶଂସା କରି ଜଣେ ନିଲମ୍ବିତ ତୃଣମୂଳ କଂଗ୍ରେସ ମୁଖପାତ୍ର ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛନ୍ତି। ତାଙ୍କ ନାଁ ରିଜୁ ଦତ୍ତ। ସେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ତାଙ୍କ ଯୋଗୁ ମମତା ବାନାର୍ଜୀଙ୍କ ଦଳର କର୍ମୀଙ୍କ ବିରୋଧରେ ସଂଘଟିତ ହେବାକୁ ଥିବା ବ୍ୟାପକ ହିଂସାକୁ ରୋକା ଯାଇପାରିଛି ବୋଲି କହିଛନ୍ତି। ଦଳୀୟ ଅନୁଶାସନ ଉଲ୍ଲଂଘନ ଅଭିଯୋଗରେ ୬ ବର୍ଷ ପାଇଁ ଟିଏମସିରୁ ନିଲମ୍ବିତ ହୋଇଥିବା ରିଜୁ ଦତ୍ତ କହିଛନ୍ତି, ଶୁଭେନ୍ଦୁ ଅଧିକାରୀ ଅତିକମରେ ୫,୦୦୦ ତୃଣମୂଳ କଂଗ୍ରେସ କର୍ମୀଙ୍କ ଜୀବନ ବଞ୍ଚାଇଛନ୍ତି। ମେ' ୬ ତାରିଖରେ ତାଙ୍କ ପିଏଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଯଦି ସେହି ରାତିରେ ସେ ପ୍ରତିଶୋଧ ନେବାକୁ ଆହ୍ୱାନ ଦେଇଥା'ନ୍ତେ, ତା'ହେଲେ ୫,୦୦୦ ଟିଏମସି କର୍ମୀ ପ୍ରାଣ ହରାଇଥା'ନ୍ତେ। କିନ୍ତୁ ସେ ସମସ୍ତଙ୍କୁ ଶାନ୍ତି ବଜାୟ ରଖିବାକୁ କହିଥିଲେ ଓ ଆଇନକୁ ହାତକୁ ନେବାକୁ ମନା କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ସମୟରେ ଶୁଭେନ୍ଦୁ ଅଧିକାରୀ ସଂଯମତା ରକ୍ଷା କରିଥିଲେ ଓ ତାଙ୍କର ଦୀର୍ଘକାଳୀନ ବିଶ୍ୱସ୍ତ ସହଯୋଗୀଙ୍କ ହତ୍ୟା ପରର ପରିସ୍ଥିତିକୁ ବିଗିଡ଼ିବାକୁ ଦେଇ ନଥିଲେ। ସେ ଶୁଭେନ୍ଦୁ ଅଧିକାରୀଙ୍କ ରାଜନୀତିକ ଯାତ୍ରାକୁ 'ଅତୁଳନୀୟ' ବୋଲି ବର୍ଣ୍ଣନା କରିଛନ୍ତି। ମମତା ବାନାର୍ଜୀଙ୍କ ପରେ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହେବା ପାଇଁ ସବୁଠାରୁ ଯୋଗ୍ୟ ବୋଲି କହିଛନ୍ତି। ରିଜୁ ଦତ୍ତ କହିଛନ୍ତି, ଭାରତର ଇତିହାସରେ ଯଦି ଶ୍ରେଷ୍ଠ ୧୦ ଜଣ ରାଜନେତାଙ୍କ ତାଲିକା ପ୍ରସ୍ତୁତ କରାଯାଏ, ତା'ହେଲେ ସେଥିରେ ମମତା ବାନାର୍ଜୀଙ୍କ ନାମ ନିଶ୍ଚିତ ରହିବ। କିନ୍ତୁ ଶୁଭେନ୍ଦୁ ଅଧିକାରୀଙ୍କ କ୍ୟାରିୟର ସମ୍ପୂର୍ଣ୍ଣ ଅଲଗା। ସେ ଜଣେ ସାଂସଦ, କ୍ୟାବିନେଟ ମନ୍ତ୍ରୀ ରହିଛନ୍ତି ଏବଂ ପରେ ନନ୍ଦିଗ୍ରାମରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିଛନ୍ତି। ସେ ହିଁ ଏକମାତ୍ର ବ୍ୟକ୍ତି ଯିଏ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଚୌକିରେ ବସିବାକୁ ଯୋଗ୍ୟ। ଏହା ସହିତ ରିଜୁ ଦତ୍ତ ଟିଏମସି ନେତୃତ୍ୱ ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସାଂଗଠନିକ ବିଫଳତା ଏବଂ ବାହ୍ୟ ପରାମର୍ଶଦାତାଙ୍କ ଅତ୍ୟଧିକ ବ୍ୟବହାର ଯୋଗୁଁ ଦଳ ଦୁର୍ବଳ ହୋଇଛି। ଦିଦି ଏବଂ ଅଭିଷେକ ବାନାର୍ଜୀଙ୍କୁ ଏହାର ଦାୟିତ୍ୱ ନେବାକୁ ପଡ଼ିବ। ନିର୍ବାଚନୀ ଝଟକା ପରେ ଟିଏମସି ଆଭ୍ୟନ୍ତରୀଣ ବିବାଦ ଓ ଜନସାଧାରଣଙ୍କ ସମାଲୋଚନାର ସମ୍ମୁଖୀନ ହେଉଥିବା ବେଳେ, ଏକାଧିକ ନେତା ଦଳୀୟ ରଣନୀତି ଏବଂ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି।

## ହୁଗୁଳିରେ ଟିଏମସି ନେତାଙ୍କୁ ହତ୍ୟା, ଦୋକାନ ପୋଡ଼ି

କୋଲକାତା: ନୂଆ ସରକାର ଗଠନ ପରେ ମଧ୍ୟ ପଶ୍ଚିମବଙ୍ଗରେ ହିଂସା ଥମିବାର ନା ଧରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଏବଂ ରକ୍ତପାତର ଖବର ସମସ୍ତଙ୍କୁ ଚକିତ କରିଛି। ରାଜନୈତିକ ମହଲରେ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ହେଉଥିବା ବେଳେ, ସାଧାରଣ ଲୋକମାନେ ଆତଙ୍କରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଏବେ ଟିଏମସି ନେତା ସହଦେବ ବାଗଙ୍କୁ ହତ୍ୟା ପରେ ପରିବେଶ ପୁଣି ଥରେ ଉଷ୍ମ ହୋଇଛି। ହୁଗଳିର ନକୁଣ୍ଡା ପଞ୍ଚାୟତର କୋଟା ଗାଁରୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ସହଦେବ ବାଗଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ, ସହଦେବ ଶନିବାର ରାତିରୁ ନିଖୋଜ ଥିଲେ ଏବଂ ତାଙ୍କ ପରିବାର ତାଙ୍କୁ ଖୋଜୁଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହ ପାର୍ଟି ଅଫିସ ପଛପଟେ ଥିବା ଏକ ନାଳରେ ପଡ଼ିଥିବା ଦେଖିଥିଲେ। ମୃତଦେହର ଅବସ୍ଥା ସ୍ପଷ୍ଟ ଭାବରେ ସୂଚାଇ ଦେଉଥିଲା ଯେ, ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା। ତାଙ୍କ ମୁହଁ ଏବଂ ନାକରେ ଗୁରୁତର ଆଘାତ ମିଳିଥିଲା। ଘଟଣା ପରେ, ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ପୁଲିସ ମୃତଦେହ ନିକଟରୁ ଏକ ଗଦା ମଧ୍ୟ ଉଦ୍ଧାର କରିଛି, ଯାହାକୁ ହତ୍ୟା ଅସ୍ତ୍ର ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୃତ ସହଦେବ ବାଗଙ୍କ ସ୍ତ୍ରୀ ଛେନା ବାଗ ନାକୁଣ୍ଡା ପଞ୍ଚାୟତର ତୃଣମୂଳ କଂଗ୍ରେସ ସଦସ୍ୟ। ସେ ପୁଲିସକୁ କହିଛନ୍ତି ଯେ, ତାଙ୍କ ସ୍ୱାମୀ ଗତକାଲି ରାତିରେ ଘରୁ ବାହାରି ଯାଇଥିଲେ କିନ୍ତୁ ଆଉ ଫେରି ନଥିଲେ। ଛେନା ବାଗ ଅଭିଯୋଗ କରିଛନ୍ତି ଯେ, ମେ' ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା




ଧମକ ଦିଆଯାଉଛି। ପରିବାର ପକ୍ଷରୁ ଦୃଢ଼ ଅଭିଯୋଗ କରାଯାଇଛି, ଏହା ଏକ ରାଜନୈତିକ ହତ୍ୟା ଏବଂ ଏହା ପଛରେ ବିଜେପି ସମର୍ଥକମାନଙ୍କର ହାତ ଅଛି। ହିଂସାର ନିଆଁ କେବଳ ହୁଗଳି ପର୍ଯ୍ୟନ୍ତ ସୀମିତ ନାହିଁ। ପୂର୍ବ ମେଦିନୀପୁରର ଖେଜୁରିରେ ମଧ୍ୟ ପରିସ୍ଥିତି ବହୁତ ବିସ୍ଫୋରକ ହୋଇପଡ଼ିଛି। ନବଗଠିତ ସରକାରଙ୍କ ଶପଥ ଗ୍ରହଣର କିଛି ଘଣ୍ଟା ପରେ, ହିଜଲି ସରିଫ ଗାଁରେ ବ୍ୟାପକ ଭଙ୍ଗାରୁଜା ଏବଂ ପୋଡ଼ାଜଳା ଘଟିଥିଲା।

## ଭେନୁଗୋପାଳ ହେବେ କେରଳ ମୁଖ୍ୟମନ୍ତ୍ରୀ !

ନୂଆଦିଲ୍ଲୀ : ସଦ୍ୟ ସମାପ୍ତ କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ମେଣ୍ଟ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜୟୀ ହୋଇଛି। ତେବେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ଏନେଇ ଅନିଶ୍ଚିତତା ଜାରି ରହିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେସି ଭେନୁଗୋପାଳ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। କଂଗ୍ରେସ ସାଂସଦ ତଥା ବିରୋଧ ଦଳ ନେତା ରାହୁଲ ଗାନ୍ଧି ଭେନୁଗୋପାଳଙ୍କୁ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ଆଗାମୀ ଦୁଇ ଦିନ ମଧ୍ୟରେ ଦଳୀୟ କର୍ମକର୍ତ୍ତା ଓ ବିଧାୟକଙ୍କ ସହ ଆଲୋଚନା କରାଯାଇ ନେତା ଚୟନ ଚୂଡାନ୍ତ ହେବ ବୋଲି ଜଣାପଡିଛି।

ଏଆଇସିସି ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେନୁ ଗୋପାଳ ପୃଥକ ଭାବେ ଭେଟିଥିବା ଏକ ସୂତ୍ରରୁ ଜଣାପଡିଛି। ଭେନୁଗୋପାଳ ଏବେ ସାଂସଦ ସହ ଏଆଇସିସିର ସାଂଗଠାନିକ ସାଧାରଣ ସମ୍ପାଦକ ଅଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପାଇଁ ଆଶାୟୀ ଥିବା ଦଳର ଅନ୍ୟତମ ପ୍ରଭାବଶାଳୀ ନେତା ଭିଡି ସାଥେସାନ ମୁଖ୍ୟମନ୍ତ୍ରୀ ପାଇଁ ଆଶାୟୀ ଅଛନ୍ତି। ତେବେ ରହୁଲଙ୍କୁ ସାଥେସାନ କହିଛନ୍ତି ଯେ, ଭେନୁଗୋପାଳଙ୍କୁ ମୁଖ୍ୟମନ୍ତ୍ରୀ ପଦଲାଗି ବିରୋଧ କରୁଛନ୍ତି। ସେ କଂଗ୍ରେସର ସାଧାରଣ ସମ୍ପାଦକ ଥିବାରୁ



ବିଧାୟକଙ୍କ ଉପରେ ଚାପ ସୃଷ୍ଟି କରିବା ସହ ଏକ ଗୋଷ୍ଠି କରୁଛନ୍ତି। ମାତ୍ର ସେ ନିଜ ସୁବିଧା ପାଇଁ ଗୋଷ୍ଠି କରିନାହାନ୍ତି। ବିରୋଧୀ ଦଳ ନେତା ଭାବେ ସେ କାର୍ଯ୍ୟ କରିଛନ୍ତି। ତେବେ ସୂତ୍ରରୁ ସୂଚନା ଅନୁଯାୟି ଭେନୁଗୋପାଳ ମୁଖ୍ୟମନ୍ତ୍ରୀ ଦୌଡରେ ସର୍ବାଗ୍ରେ ରହିଛନ୍ତି। ସେହିଭଳି ସାଥେସାନ ଓ ରମେଶ ଚେନିଥାଲା ମୁଖ୍ୟମନ୍ତ୍ରୀ ପଦ ଲାଗି ଆଗ୍ରହୀ ଅଛନ୍ତି। ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାରେ କଂଗ୍ରେସର ୬୩ ବିଧାୟକ ଥିଲା ବେଳେ ଆୟୁଏମଏଲର ୨୨ ବିଧାୟକ ଅଛନ୍ତି। ସେହିଭଳି କେରଳ କଂଗ୍ରେସ ୮ ଆସନ ଜିତିଛି। ଆରଏସପି ୩ ଆସନ ଜିତିଛି। କଂଗ୍ରେସ ନେତୃତ୍ୱାଧିନ ୟୁଡିଆଇ ମେଣ୍ଟ ମୋଟ୍ ୧୦୨ ଆସନ ଜିତି ଦୁଇ ତୃତୀୟାଂଶ ଆସନ ଜିତି ସରକାର ଗଠନ ପାଇଁ ପ୍ରମୁଖ ଦାବିଦାର ରହିଛି।

## ଭାରତରେ ବଢୁଛି ଡ୍ରପ ଆଉଟ ସମସ୍ୟା

# ଆରମ୍ଭରୁ ସ୍କୁଲ ଆସନ୍ତି, ଦ୍ୱାଦଶ ଶ୍ରେଣୀରେ ନଥାନ୍ତି

ନୂଆଦିଲ୍ଲୀ : ଭାରତ ସ୍କୁଲ ଶିକ୍ଷା ପାଇଁ ସାର୍ବଜନିକ ପ୍ରବେଶ ହାସଲ କରିଛି। କିନ୍ତୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସେମାନଙ୍କର ଶିକ୍ଷା ସମାପ୍ତ କରିବାରେ ବିଫଳ ହୁଅନ୍ତି। ଉଚ୍ଚ ପ୍ରାଥମିକ ଶିକ୍ଷା ବ୍ୟତୀତ ଅଂଶଗ୍ରହଣରେ ତୀବ୍ର ହ୍ରାସ ଦେଖାଉଛି, ଯାହା ଦୁର୍ବଳ ପରିବର୍ତ୍ତନ ବ୍ୟବସ୍ଥାକୁ ପ୍ରକାଶ କରୁଛି। ନୀତି ଆୟୋଗର ସର୍ବଶେଷ ରିପୋର୍ଟ ପ୍ରକାଶ କରିଛି ଯେ ନାମଲେଖା ସଫଳତା କିପରି ଛାତ୍ରଧାରଣ ଏବଂ ଦୀର୍ଘକାଳୀନ ଛାତ୍ର ନିବେଶରେ ଏକ ଗଭୀର ସଙ୍କଟକୁ ଲୁଚାଇ ରଖିଛି। ଭାରତର ବିଦ୍ୟାଳୟ ବ୍ୟବସ୍ଥା ଯେକୌଣସି ଦୃଷ୍ଟିରୁ ବିଶାଳ। ୧୪.୭୧ ଲକ୍ଷରୁ ଅଧିକ ସ୍କୁଲ ଅଛି, ଯାହା ପ୍ରାୟ ୨୪.୬୯ କୋଟି ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଦେଉଛି, ୧ କୋଟିରୁ ଅଧିକ ଶିକ୍ଷକଙ୍କ ଦ୍ୱାରା ସମର୍ଥିତ। ସାରା ଦେଶରେ ପ୍ରବେଶ ବିସ୍ତାର ହୋଇଛି। ପ୍ରାଥମିକ ସ୍ତରରେ, ବିଦ୍ୟାଳୟ ଶିକ୍ଷା ବର୍ତ୍ତମାନ ସାର୍ବଭୌମିକ ପ୍ରବେଶର ନିକଟତର।



ଭାରତରେ ସାମଗ୍ରିକ ଭାବରେ ସ୍କୁଲ ନାମଲେଖା କିଛି ବର୍ଷ ଧରି ସ୍ଥିର ରହିଛି, ସାମ୍ପ୍ରତିକ ବର୍ଷଗୁଡ଼ିକରେ ସାମାନ୍ୟ ହ୍ରାସ ପ୍ରଜନନ ହାର ଏବଂ ଅନ୍ୟାନ୍ୟ କାରଣଗୁଡ଼ିକୁ ଶ୍ରେୟ ଦିଆଯାଇଛ। ଅଧିକାଂଶ ପିଲା ସିଷ୍ଟମରେ ପ୍ରବେଶ କରୁଛନ୍ତି, ଏବଂ ସିଷ୍ଟମରେ ପ୍ରବେଶର ଦୀର୍ଘକାଳୀନ ଲକ୍ଷ୍ୟ ପ୍ରାୟତଃ ହାସଲ କରାଯାଇଛି। ନୀତି ଆୟୋଗ ସ୍କୁଲ ଶିକ୍ଷା ପ୍ରଣାଳୀ ଭାରତ ୨୦୨୬ ରିପୋର୍ଟରୁ ମିଳିଥିବା ସଂଖ୍ୟା ସୂଚାଇ ଦିଏ ଯେ ପିଲାମାନେ ସିଷ୍ଟମରେ ବହୁ ସଂଖ୍ୟାରେ ପ୍ରବେଶ କରୁଥିବା ବେଳେ, ସମସ୍ତ ପର୍ଯ୍ୟାୟ ଦେଇ ରହିବା ଏକ ଚ୍ୟାଲେଞ୍ଜ ହୋଇ ରହିଛି। ପ୍ରାରମ୍ଭିକ ଶ୍ରେଣୀରେ ଅଂଶଗ୍ରହଣ ଉଚ୍ଚ ରହିବା ସତ୍ତ୍ୱେ, ଛାତ୍ରମାନେ ଆଗକୁ ବଢ଼ିବା ସହିତ ଏହା ସ୍ଥିର ଭାବରେ ହ୍ରାସ ପାଉଛ। ଉଚ୍ଚ ମାଧ୍ୟମିକ ଅନୁସାରେ, ମୋଟ ନାମଲେଖା ଅନୁପାତ ମାତ୍ର ୫୮.୪% ରହିଛି। ପର୍ଯ୍ୟାୟ ଅନୁସାରେ ବିଭାଜିତ ହେଲେ ଏହି ବ୍ୟବଧାନ ସ୍ପଷ୍ଟ ହୋଇଯାଏ। ପ୍ରାଥମିକ ସ୍ତରରେ ମୋଟ ନାମଲେଖା ଅନୁପାତ ୯୦.୯% ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ୯୦.୩% ରହିଛି, କିନ୍ତୁ ଉଚ୍ଚ ମାଧ୍ୟମିକରେ ୫୮.୪% କୁ ଖସିବା ପୂର୍ବରୁ ମାଧ୍ୟମିକରେ ୭୮.୭% କୁ ଖସିଯାଏ।ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ପରିବର୍ତ୍ତନ କମ୍ ବା ଅଧିକ ସ୍ଥିର ରହିଲେ, ଭାରତରେ ଛାତ୍ରମାନେ ତା'ପରେ ପ୍ରମୁଖ ପର୍ଯ୍ୟାୟରେ ଛାଡ଼ନ୍ତି - ୮ ରୁ ୯ ଶ୍ରେଣୀକୁ ଯିବା ସମୟରେ ଏବଂ ୧୦ ରୁ ୧୧ ଶ୍ରେଣୀକୁ ଯିବା ସମୟରେ। ପିଲାମାନେ ବହୁ ସଂଖ୍ୟାରେ ସ୍କୁଲରେ ପ୍ରବେଶ କରନ୍ତି। ଅନେକ ଉଚ୍ଚ ପ୍ରାଥମିକ ପର୍ଯ୍ୟନ୍ତ ଜାରି ରଖନ୍ତି। କିନ୍ତୁ ୮ମ ଶ୍ରେଣୀ ପରେ ଏବଂ ପୁଣି ଦଶମ ଶ୍ରେଣୀ ପରେ ପାଇପ ଲାଇନଟି ତୀବ୍ର ଭାବରେ ସଂକୁଚିତ ହୋଇଯାଏ। ଏହି ଧାରା ପରିବର୍ତ୍ତନ ହାରରେ ମଧ୍ୟ ଦୃଶ୍ୟମାନ। ପ୍ରାୟ ୯୨.୨% ଛାତ୍ର ପ୍ରାଥମିକରୁ ଉଚ୍ଚ ପ୍ରାଥମିକକୁ ଏବଂ ୮୬.୬% ମାଧ୍ୟମିକକୁ ଯାଆନ୍ତି। କିନ୍ତୁ କେବଳ ୭୫.୧% ମାଧ୍ୟମିକରୁ ଉଚ୍ଚ ମାଧ୍ୟମିକକୁ ଯାଆନ୍ତି - ଅର୍ଥାତ୍ ପ୍ରାୟ ଚାରି ଜଣ ଛାତ୍ରଙ୍କ ମଧ୍ୟରୁ ଜଣେ ଦଶମ ଶ୍ରେଣୀରୁ ଏକାଦଶ ଶ୍ରେଣୀକୁ ଯାଆନ୍ତି ନାହିଁ।

